
ସପ୍ତଶଯ୍ୟା
୨୦୨୩-୨୪
ବାର୍ଷିକ ମୁଖପତ୍ର
DHENKANAL AUTONOMOUS COLLEGE, DHENKANAL
DHENKANAL
ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ
ଢେଙ୍କାନାଳ

## Editorial Board




## Teaching & Non-Teaching Staff



# ସପ୍ତଶଯ୍ୟା
୨୦୨୩-୨୪

# THE SAPTASAJYA
2023-2024

**ଅଧ୍ୟକ୍ଷ**

**ଡ. ଚିତ୍ତରଞ୍ଜନ ସାହୁ**
ଉଦ୍ଭିଦ ବିଜ୍ଞାନ ବିଭାଗ

**ସଂପାଦନା ମଣ୍ଡଳୀ**

ଡ. ଆଦିତ୍ୟ ମେହେର, ସହକାରୀ ପ୍ରଫେସର, ଇଂରାଜୀ ବିଭାଗ (ମୁଖ୍ୟ ସଂପାଦକ)
ଡ. ରଜନୀକାନ୍ତ ଖୁଣ୍ଟିଆ, ସହକାରୀ ପ୍ରଫେସର, ବାଣିଜ୍ୟ ବିଭାଗ
ଶ୍ରୀ ରଶ୍ମିରଞ୍ଜନ ନାୟକ, ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଶ୍ରୀ ଶକ୍ତିପ୍ରସାଦ କବିଶତପଥୀ, ସହକାରୀ ପ୍ରଫେସର, ବାଣିଜ୍ୟ ବିଭାଗ

**ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ**
(ନାକ୍ ବି++ ମାନ୍ୟତା ପ୍ରାପ୍ତ)
ଢେଙ୍କାନାଳ, ଓଡ଼ିଶା

# DECLARATION

| | | | |
|---|---|---|---|
| 1. | Title of the Magazine | : | **"THE SAPTASAJYA"** |
| 2. | Language in which it is published | : | Odia, English & Hindi. |
| 3. | Period of Publication | : | Yearly |
| 4. | Publisher's Name | : | Dr Chittaranjan Sahu |
| | Nationality | : | Indian |
| | Address | : | Principal<br>Dhenkanal Autonomous College<br>Dhenkanal |
| 5. | Chief Editor's Name | : | Dr Aditya Meher, English |
| | Board of Editors | : | Dr Rajanikanta Khuntia, Commerce<br>Sri Rashmi Ranjan Nayak, Odia<br>Sri Shaktiprasad Kabisatpathy, Com |
| | Nationality | : | Indian |
| | Address | : | Dhenkanal Autonomous College,<br>Dhenkanal. |
| 6. | Place of Printing | : | Chandra Sekhar Press,<br>Kunjakanta, Dhenkanal<br>Ph - 06762-224781 (9437214148) |

*I, Dr Chittaranjan Sahu, Principal hereby declare that the particulars given above are true to the best of my knowledge and belief.*

Sd /-
**Dr Chittaranjan Sahu**
**Principal**
Dhenkanal Autonomous College,
Dhenkanal.

ଦଶନ୍ଧୀର ପ୍ରଥମାର୍ଦ୍ଧରେ ଇଣ୍ଟରନେଟ୍ ସେବାର ବ୍ୟାପକ ଜନାଦୃତି ଓ ତୃତୀୟ ଦଶନ୍ଧିରେ କୃତ୍ରିମ ବୁଦ୍ଧିମତାର କୁପ୍ରୟୋଗ ଆମ ଭିତରେ ପଦଦଳିତ ଘାସ ପରି ବଳ ଗୋଟାଉଥିବା ଅବଶିଷ୍ଟ ପ୍ରକୃତିକୁ ଚାଟି ସଫା କରିଦେଇଛି ।

ଏହା ଏକ ସଙ୍କଟ - ରକ୍ତ ମାଂସ ର ମଣିଷ ପୁରା ପୁରି ଯନ୍ତ୍ର ପାଲଟି ଯିବାର ସଙ୍କଟ । ପ୍ରାକୃତିକ ସମ୍ବେଦନଶୀଳତାର ପୁନଃରୁଦ୍ଧାର ହେଉଛି ଏକ ଅଭିଳଷିତ ବିକଳ୍ପ, ଯାହା ଆମକୁ ବିଜ୍ଞାନର କୁପ୍ରଭାବଠାରୁ ନିରାପଦ ଦୂରରେ ରଖିପାରିବ ।

ସାହିତ୍ୟ ହେଉଛି ଏ ପ୍ରାକୃତିକ ସମ୍ବେଦନଶୀଳତାକୁ ଉପଲବ୍ଧି କରିବା ପାଇଁ ଏକ ସର୍ବୋତ୍ତମ ବିକଳ୍ପ । ସମୟର ପ୍ରବାହ କ୍ରମେ ଏବଂ ମଣିଷ ର ବହୁବିଧ ରଚନାତ୍ମକ କାର୍ଯ୍ୟକଳାପ ଯୋଗୁଁ ପୃଥିବୀ ପରିବର୍ତ୍ତନର ଭିନ୍ନ ଭିନ୍ନ ଅବତାର ଗ୍ରହଣ କରିବାରେ ଲାଗିଛି । ଏହି ବୈଶ୍ୱିକ ପରିବର୍ତ୍ତନ ହେଉଛି ପୃଥିବୀ ପ୍ରଳୟର ଅଶୁଭ ସଙ୍କେତ । ପୃଥିବୀକୁ ଯାହା ଅଦ୍ୟାବଧି ପ୍ରଳୟ ମୁହଁରୁ ବଂଚାଇ ରଖିଛି, ତାହା ହେଉଛି ସାହିତ୍ୟର ଅବିସ୍ମରଣୀୟ ଅବଦାନ । ଆଜିର ଏ ବିଂଶତିତମ ଶତାବ୍ଦୀର ତୃତୀୟ ଦଶନ୍ଧିରେ ଯେତେବେଳେ ଅତ୍ୟାଧୁନିକ ବିଜ୍ଞାନର ଯାନ୍ତ୍ରିକ ସୁଅରେ ଆମେ ମୌଳିକତା ବିହୀନ ହୋଇ ଭାସମାନ । ସାହିତ୍ୟର ମଧୁମୟ ସିଂଚନକୁ ଅବଲମ୍ବନ କରି ଆମକୁ ସେହି ପୁରୁଣା ତଟକୁ ପହଁଚିବାର ଅଛି, ଯେଉଁଠି ଆମ ପୂର୍ବ ପିଢି ଆମମାନଙ୍କୁ ଛାଡି ଯାଇଥିଲେ । ମୋଟାମୋଟି ଭାବେ କହିବାକୁ ଗଲେ, ଘର ବାହୁଡାର ସମୟ ଆସିଯାଇଛି । ଆଧୁନିକତାକୁ ଗ୍ରହଣ କରି ଏବଂ ସାହିତ୍ୟକୁ ଆହରଣ କରି ଏକ ଭିନ୍ନ ବୁଲାଣିକୁ ସ୍ୱାଗତ କରିବା ଯାହା ବିଗତ, ଉପଗତ ଏବଂ ଆଗତର ସଂଗମସ୍ଥଳ ହୋଇଥିବ । ବିଶାଳ ସାହିତ୍ୟର ପ୍ରତିବଦ୍ଧତାକୁ ପ୍ରତିନିଧିତ୍ୱ କରୁଥିବା ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏ କ୍ଷୁଦ୍ର ଅଥଚ଼ ମହାନ୍ ବାର୍ଷିକ ପତ୍ରିକା ସପ୍ତଶଯ୍ୟା । ମହାବିଦ୍ୟାଳୟର ଉଦୀୟମାନ ଯୁବ ଲେଖକମାନଙ୍କ ଭାବନା ଓ ଆବେଗକୁ ନିବନ୍ଧ, କ୍ଷୁଦ୍ର ଗଳ୍ପ ଓ କବିତା ରୂପରେ ପାଠକମାନଙ୍କ ସମ୍ମୁଖରେ ବାଢି ଦେଉଥିବା ସପ୍ତଶଯ୍ୟାର ୨୦୨୩-୨୪ ଶିକ୍ଷା ବର୍ଷର ପ୍ରକାଶନ ଅବକାଶରେ ସଂପାଦନା ମଣ୍ଡଳୀର ଏତିକି ବିନମ୍ର ଅନୁରୋଧ ଯେ, ଉଡି ଶିଖୁଥିବା କୋମଳ ଡେଣାଧାରୀମାନଙ୍କ ଆକାଶ-ଉଡାଣ ପାଠକମାନଙ୍କ ପ୍ରେରଣାରୁ ବଂଚିତ ନ ହେଉ ତଥା ପାଠକୀୟ ଆଦୃତି ଲାଭ କରି ସପ୍ତଶଯ୍ୟାର ଆଗାମୀ ସଂସ୍କରଣ ଆହୁରି ସମ୍ଭାବନାମୟ ହୋଇଉଠୁ ।

❖❖❖

# ସମ୍ପାଦକୀୟ



ବିଶ୍ୱଯୁଦ୍ଧ ପର ପୃଥିବୀର କଡ ଲେଉଟାଣି । ମାନବ କୃତ ବିନାଶର ଧ୍ୱଂସ ସ୍ତୁପ ଭିତରେ ମଣିଷ ଜାତି ତା'ର ଯେଉଁ କେତୋଟି ଅମୂଲ୍ୟ ଗୁଣ ହଜେଇ ଦେଲା, ତା ଭିତରୁ ଦୁଇଟି ହେଉଛି ଆଧ୍ୟାତ୍ମିକ ଶକ୍ତିର ପତନ ଏବଂ ନୈତିକ ମୂଲ୍ୟବୋଧର ଅବକ୍ଷୟ । ତା'ସହିତ ଯୋଡି ହୋଇ ଯାଇଛି ମଣିଷର ଚେତନାକୁ ଅଳନ୍ଧୁମୟ କରିଦେଇଥିବା ମନସ୍ତାତ୍ତ୍ୱିକ କୁପ୍ରଭାବ ଗୁଡିକ ଯଥା - ନେତିବାଦ, ନାସ୍ତିବାଦ ଓ ସଂଶୟବାଦ । ଅପରାନ୍ତେ ବିଂଶ ଶତାବ୍ଦୀର ଜ୍ଞାନ ଜଗତରେ ନିରବଛିନ୍ନ ଭାବରେ ଝଡ଼ ସୃଷ୍ଟି କରୁଥିବା ଅସୁମାରୀ "ତତ୍ତ୍ୱ" ଓ "ବାଦ" ଦ୍ୱାରା କବଳିତ ମଣିଷ ଦିଶାହୀନ ଅନୁଭବ କରୁଅଛି । ବସ୍ତୁବାଦୀ ସ୍ୱାର୍ଥ ପ୍ରତି ସଂପୂର୍ଣ୍ଣ ସମର୍ପିତ ହୋଇଥିବା ହେତୁ ଉପାର୍ଜନ ଓ ଖର୍ଚ୍ଚର ଚକ୍ର ଭିତରେ ସେ ଘୂର୍ଣ୍ଣାୟମାନ ଅଟେ ।

ଯେଉଁ ବିଜ୍ଞାନର ଉଦ୍ଭାବନ କରି ମଣିଷ ନିଜକୁ ଦ୍ୱିତୀୟ ବ୍ରହ୍ମାଣ୍ଡପତି ମଣୁଛି ସେ ବିଜ୍ଞାନ ଆଜି ତାକୁ ବୁମେରାଂ ହୋଇ କ୍ଷତାକ୍ତ କରୁଛି । ଏହା ସତ ଯେ, ସେ ବିଜ୍ଞାନର ବହୁବିଧ ଉପାଦେୟତାକୁ ବିନିଯୋଗ କରି ଜୀବନଶୈଳୀକୁ ସହଜ ଓ ବିଳାସମୟ କରିପାରିଛି । ପ୍ରତ୍ୟେକ ତତ୍ତ୍ୱର ଏକ ଏକ ଅପରିହାର୍ଯ୍ୟ ପ୍ରୟୋଗ ରହିଛି ନଚେତ୍ କଷ୍ଟଲବ୍ଧ ତାତ୍ତ୍ୱିକ ଜ୍ଞାନ ତତ୍ତ୍ୱବାଦୀର ମାନସ ରାଜ୍ୟରେ ଆବଦ୍ଧ ହୋଇ ସମୟାନୁକ୍ରମେ ବିସ୍ମୃତ ହୋଇଯାଏ । କିନ୍ତୁ ଏହା ଏକ ବଡ ଦୁର୍ଭାଗ୍ୟ ଯେ, ବିଜ୍ଞାନର ପ୍ରୟୋଗଶାଳା ହେଉଛି ପ୍ରକୃତି ବା ପରିବେଶ । ଅଦ୍ୟାବଧି ପୃଥିବୀ ପୃଷ୍ଠରେ ଯେତିକି ବି ବିଜ୍ଞାନଗତ ପ୍ରୟୋଗ କରାଯାଇଛି, ତାହା ପ୍ରାକୃତିକ ନିୟମର ପରିପନ୍ଥୀ ହୋଇଛି । ଅନ୍ୟ ଅର୍ଥରେ ବିଜ୍ଞାନର ପରିପୁଷ୍ଟ ପାଇଁ ଆମ ପରିବେଶକୁ ହିଁ ବହୁ ମୂଲ୍ୟ ଦେବାକୁ ପଡୁଅଛି ।

ବିଜ୍ଞାନ ଦ୍ୱାରା ସଂଗଠିତ ପ୍ରାକୃତିକ ଦୁସ୍ଥିତି ଆମର ଜୈବିକ ସୁସ୍ଥତାକୁ ଏକ ଦୟନୀୟ ଅବସ୍ଥାରେ ପହଁଚାଇ ଦେଇଛି, ଏଥିରେ କୌଣସି ଦ୍ୱିମତ ନାହିଁ । କିନ୍ତୁ ବିଜ୍ଞାନ ମଧ୍ୟ ଆମକୁ ମାନସିକ ସ୍ତରରେ ସଂପୂର୍ଣ୍ଣ ଭାବରେ ଅପ୍ରାକୃତିକ କରିସାରିଲାଣି । ଏହାକୁ ଆମେ ଅଣଦେଖା କରିଚାଲିଛୁ । ଆମମାନଙ୍କର ଚିନ୍ତା ଓ ଚେତନା ଉପରେ ଆଚ୍ଛାଦିତ ହୋଇ ରହିଥିବା କୃତ୍ରିମତା ଆମକୁ ବିଜ୍ଞାନ ଦ୍ୱାରା ଏକ ଅବାଞ୍ଛନୀୟ ଉପହାର ସ୍ୱରୂପ ପ୍ରାପ୍ତ ହୋଇଛି, ଯାହା କି ଆମମାନଙ୍କୁ ପ୍ରାକୃତିକ ଅନୁଭବ ଠାରୁ ଦୂରେଇ ରଖିଛି । ବିଜ୍ଞାନର ସାଂପ୍ରତିକ ଅବଦାନ ଆହୁରି ଆତଙ୍କଜନକ ଏବଂ ଏହା ଏ ଜାତିର ସାମୂହିକ ବିକାଶ କି ବିନାଶର କାରଣ ହେବ ତାହା ସମୟ ହିଁ କହିବ । ଏକବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିରେ ଅପରିହାର୍ଯ୍ୟ ହୋଇପଡିଥିବା କଂପ୍ୟୁଟର ଓ ମୋବାଇଲ୍ ଫୋନ୍, ଦ୍ୱିତୀୟ



## From the Principal's Desk .....

I am glad to know that the Saptasajya, the annual magazine of the college, is going to see the light of day for the session 2023-24. It is undoubtedly a potential platform within the reach of our budding talents who can showcase their creativity and win an appreciation. Though a small collection of short stories, poems and articles written in Odia, English, Hindi and Sanskrit. The Saptasajya will, to my belief, earn substantial readability. On the occasion of this literary onset, I would accord my heartfelt thanks to all the students, members of staff and the editorial board whose untiring effort, taken together, has made the magazine what it is before us. I wish great success to all who matter the most in this endeavour.

**Dr. Chittaranjan Sahu**
(Principal),
Dhenkanal Autonomous College,
Dhenkanal


ON
Traditional Knowledge & Current Research
CONVENOR
CHIEF GUEST
CO-PATRON


28th Regional Conference of
Orissa Chemical Society &
National Conference on
Estd. 1985
(15th- 19th November 2023)
Organized by
PG Department of Chemistry, Dhenkanal Autonomous College, Dhenkanal


Awareness Programme on


Executive Committee


KRANTITEERTHA
ONE DAY NATIONAL LEVEL SEMINAR


September 2023
Auditorium
Youth Red Cross


CELEBRATION NCC DAY
NATIONAL CADET CORPS
Dhenkanal (Auto) College




YOUTH RED CROSS
Go Green Before Green Goes




Fly Emirates





# ସୂଚୀପତ୍ର


| କ୍ର.ନଂ. | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| **ପ୍ରବନ୍ଧ ବିଭାଗ** | | | |
| ୦୧. | "ଦାୟିତ୍ୱବୋଧ" ଭାର ନୁହେଁ ବରଂ ଏକ ଉପହାର | ଡ. ରଜନୀକାନ୍ତ ଖୁଣ୍ଟିଆ | ୦୨ |
| ୦୨. | ଢେଙ୍କାନାଳ ଇତିହାସର ପୃଷ୍ଠାରୁ | ଡ. ଅନିରୁଦ୍ଧ ଖିଲାର | ୦୫ |
| ୦୩. | ବ୍ରାଣ୍ଡ ମନ ନନ୍ ବ୍ରାଣ୍ଡ ହୃଦୟ | ଶ୍ରୀ ରଶ୍ମୀରଞ୍ଜନ ନାୟକ | ୦୬ |
| ୦୪. | ଭାରତୀୟ ସଂସ୍କୃତି | ବିଶ୍ୱଜିତ୍ ରାଉତ | ୦୮ |
| ୦୫. | ଚାଟ୍ ଜିପିଟି - ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ.... | ଶ୍ରୀ ଦିଲ୍ଲୀପ କୁମାର ନାୟକ | ୦୯ |
| ୦୬. | ଆଧ୍ୟାତ୍ମିକ ଭିତ୍ତିକ ଶିକ୍ଷା | ଶ୍ରୀ ନଳିନୀକାନ୍ତ ଖୁଣ୍ଟିଆ | ୧୩ |
| ୦୭. | ଦୁହିତା | ମଧୁସ୍ମିତା ମହାନ୍ତି | ୧୬ |
| **ଗଳ୍ପ ବିଭାଗ** | | | |
| ୦୧. | ଧାରୁଆ ଆନୁବଂଶିକ କତୁରୀ | ଡ. ଦେବାଶିଷ ମହାନ୍ତି | ୨୦ |
| ୦୨. | ସ୍ୱପ୍ନ | ଡ. ସୌମ୍ୟା ନନ୍ଦ | ୨୬ |
| ୦୩. | ମାଟି କଣ୍ଢେଇ | ଶ୍ରୀ ବିକାଶ ରଞ୍ଜନ ରଣା | ୨୯ |
| ୦୪. | ଝରାଫୁଲ | ଶ୍ରୀମତୀ ପୁଷ୍ପାଞ୍ଜଳୀ ମହାପାତ୍ର | ୩୨ |
| ୦୫. | ଚାରି ଭୂତଙ୍କ ଧର୍ମ ବିଚାର | ମହାବୀର ପ୍ରସାଦ ମହାପାତ୍ର | ୩୪ |
| ୦୬. | ଅଣୁଗଳ୍ପ - ଆଶା | ବିକାଶ ପ୍ରଧାନ | ୩୬ |
| ୦୭. | ଫିକା ଫଗୁଣ | ସ୍ୱପ୍ନ ସରିତ ଜେନା | ୩୭ |
| ୦୮. | ଲକ୍ଷ୍ମୀର ଭବିଷ୍ୟତ | ବିପ୍ଲବୀ ବିଜୟିନୀ ସାହୁ | ୩୯ |
| ୦୯. | ଆଚାର୍ଯ୍ୟ ଗୌତମଙ୍କ ଅବଦାନ | ନରହରି ମହାନ୍ତ | ୪୧ |
| ୧୦. | ଫୁଲଟିଏ | ମନୋଜ ପରିଡ଼ା | ୪୩ |
| ୧୧. | ସୁକନ୍ୟା | ଅଜୟ ନାୟକ | ୪୪ |
| **କବିତା ବିଭାଗ** | | | |
| ୦୧. | ମାତା ଓ ପିତା | ବିଶ୍ୱଜିତ୍ ରାଉତ | ୪୮ |
| ୦୨. | ଆଧୁନିକ ଦୁନିଆଁ | ବିଶ୍ୱଜିତ୍ ସାହୁ | ୪୯ |
| ୦୩. | ଛାତ୍ରାବାସରେ କିଛିଦିନ | ଅରବିନ୍ଦ ବେହେରା | ୫୦ |
| ୦୪. | ସଲାମ୍ ତ୍ରିରଙ୍ଗା | ମଧୁସ୍ମିତା ସାହୁ | ୫୧ |
| ୦୫. | କଲେଜ ପିଲାର ପିଆର | ତୁଳାରାମ ନାଗ | ୫୩ |
| ୦୬. | ସାବରମତୀର ସାଧୁ | ମୋନାଲିସା ବେହେରା | ୫୪ |
| ୦୭. | ରସାୟନ ବିଜ୍ଞାନ | ସନ୍ତୋଷ ବେହେରା | ୫୫ |
| ୦୮. | ଅନ୍ତରାଳେ ନୂତନ ବର୍ଷ | ରଚନା ବେହେରା | ୫୬ |
| ୦୯. | ତୁମ ପାଇଁ | ପ୍ରୀତିସ୍ମିତା ଦାଶ | ୫୭ |
| ୧୦. | ମଣିଷ ରୂପୀ ପିଶାଚ | ତୃପ୍ତୀରେଖା ରାଉତ | ୫୮ |
| ୧୧. | କିଛି ଛାଡିଗଲ କି ପଛରେ | ଶ୍ରୀ ରଜନୀକାନ୍ତ ଗଡ଼ନାୟକ | ୫୯ |
| ୧୨. | ହେ ମହାପ୍ରଭୁ | ଅନୁପମ ବେହେରା | ୬୧ |

| କ୍ର.ନଂ. | କ'ଣ | କିଏ | କେଉଁଠି |
|---|---|---|---|
| ୧୩. | ହୃଦୟର ସ୍ପନ୍ଦନ | ମଧୁସ୍ମିତା ଦାସ | ୬୨ |
| ୧୪. | ଆସ ଯିବା ଆମେ ବୀରଗତିକୁ | ଅନୀତା ସାହୁ | ୬୩ |
| ୧୫. | ଘର କରିବି ମୁଁ ଶରଧା ବାଲିରେ | ପ୍ରଶାନ୍ତ କୁମାର ଜେନା | ୬୪ |
| ୧୬. | ମାଆ ପାଇଁ ଦୁଇପଦ | ସ୍ମିତା ସାହୁ | ୬୫ |
| ୧୭. | ଚିରହରଣ | ଶ୍ରୀ ସଞ୍ଜୟ ପାଣିଗ୍ରାହୀ | ୬୬ |
| ୧୮. | ଭାବେ ବେଳେବେଳେ | ଅଜୟ ନାୟକ | ୬୭ |
| ୧୯. | ଜଣାଣ | ଦୀପ୍ତିମୟୀ ସାହୁ | ୬୮ |
| ୨୦. | ଓଡ଼ିଶାର ଗାନ | ଅନୀତା ସାହୁ | ୬୯ |
| ୨୧. | ଭୁଲିନାହୁଁ ଆଜି ହେ ତୁମକୁ | ବିକାଶ ପ୍ରଧାନ | ୭୦ |


**ENGLISH SECTION**


| | | | |
|---|---|---|---|
| 1. | From Nature to Environment | Dr Aditya Meher | 72 |
| 2. | Touch me not | Minakshi Agrawal | 75 |
| 3. | Child labour in India | Ratnamanjari Pradhan | 76 |
| 4. | Facing Life's Challenges | Chittaranjan Naik | 77 |
| 5. | Conquer Yourself | Biswajit Sahu | 78 |
| 6. | Is it my fault ? | Tanushree Parida | 79 |
| 7. | The path to success | Pallabi Das | 80 |
| 8. | Universe | Deepak Ku. Biswal | 81 |
| 9. | Divine stuff of Life | Radha Agrawal | 84 |
| 10. | Smitten with Love | Smrutiprangya Dash | 85 |
| 11. | Home Coming | Gyanaranjan Behera | 86 |
| 12. | Mystery of Time | Priya Ratan | 87 |
| 13. | Oh ! Mother | Jyotirmayee Das | 88 |
| 14. | Adoration | Oujaswini Mishra | 89 |
| 15. | Life | Rakesh Sahoo | 90 |
| 16. | Golden Dream | Shivansh Agarwal | 91 |


**हिन्दी विभाग**


| | | | |
|---|---|---|---|
| १. | सच्चा प्रेम व आकर्षण | मिनाक्षी अग्रवाल | ९२ |
| २. | हार नहीं मानुंगा | निर्माल्य प्रसाद पति | ९३ |
| ३. | माँ कि तप का फल हुं मैं | विश्वजित राउत | ९४ |
| ४. | विद्याधनम् महारत्नम् | पल्लवी दाश | ९४ |

# ପ୍ରବନ୍ଧ ବିଭାଗ



ମଣିଷ, ତା'ର ଜିଜ୍ଞାସାବୋଧ ଓ ବୌଦ୍ଧିକତାକୁ ସମ୍ବଳ କରି ପ୍ରାଗ୍ ଐତିହାସିକ ଯୁଗରୁ ଆଜି ପର୍ଯ୍ୟନ୍ତ ଅନେକ ବାଟ ଅତିକ୍ରମ କରିସାରିଲାଣି । ତା'ର ଅନୁସନ୍ଧିତ୍ସା କାଳଜୟୀ । ପ୍ରକୃତି ଓ ପରିବେଶର ପ୍ରତିଟି ଅଭିକ୍ରିୟାକୁ ପାଥେୟ କରି ମଣିଷ ମନରେ ଏଇ ପ୍ରଜ୍ଞାର ସୃଷ୍ଟି ଓ ତା'ର ଗତି । ଏଥି ସହିତ ଶେଷହୀନ ଜିଜ୍ଞାସାବୋଧ, ଅନବଦମିତ ଅନୁସନ୍ଧିତ୍ସା ଓ ଅନୁଶୀଳନ ସୃଷ୍ଟିତ କରିଛି ସାହିତ୍ୟ ଓ ତା'ର ପ୍ରବନ୍ଧର ଉଦ୍‌ଭବ ଓ ବିକାଶ । ସେହି ଶେଷହୀନ ଖୋଜିବାର ପ୍ରୟାସରେ ଆମ ମହାବିଦ୍ୟାଳୟର ସ୍ରଷ୍ଟାମାନଙ୍କ ମାନବୀୟ ଅନ୍ୱେଷା, ଜିଜ୍ଞାସା ଓ ଅନୁସନ୍ଧିତ୍ସାର ଏ ପ୍ରତିବେଦନ... ।

# 'ଦାୟିତ୍ୱବୋଧ' ଭାର ନୁହେଁ ବରଂ ଏକ ଉପହାର



• ଡ. ରଜନୀକାନ୍ତ ଖୁଣ୍ଟିଆ
ସହକାରୀ ପ୍ରଫେସର,
ବାଣିଜ୍ୟ ବିଭାଗ

ଏକଦା ବନ ଲତା ଘେରା ପାହାଡ ମଧ୍ୟରେ ଏକ ଛୋଟ ଗାଁରେ ଲିଲି ନାମକ ଜଣେ ପିଲା ରହୁଥିଲା । ଖରାଦିନ ସକାଳେ, ଲିଲି କାଠ ସଂଗ୍ରହ କରିବାକୁ ଜଙ୍ଗଲକୁ ଯିବାବେଳେ ଏ ଯନ୍ତ୍ରଣା ଜର୍ଜରିତ ଭଙ୍ଗା ଡେଣା ଥିବା ପକ୍ଷୀ ଉପରେ ଝୁଣ୍ଟି ପଡିଲା । ପକ୍ଷୀଟି ସାହାଯ୍ୟ ମାଗି ଦୁର୍ବଳ ଭାବରେ ଚିତ୍କାର କରୁଥିଲା । ଲିଲିର୍ର ହୃଦୟ ଦୟାରେ ଭରିଗଲା ଏବଂ ସେ ଜାଣିଥିଲା ଯେ ପକ୍ଷୀର ମଙ୍ଗଳ ପାଇଁ ତାକୁ ହିଁ ଦାୟିତ୍ୱ ନେବାକୁ ପଡିବ । ଏହି କ୍ଷୁଦ୍ର ଦାୟିତ୍ୱ ଜୀବନ ଏବଂ ମୃତ୍ୟୁ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିପାରେ । ସେ ସାବଧାନତାର ସହିତ ହାତରେ ପକ୍ଷୀଟିକୁ ଧରି ଘରକୁ ଫେରିଲା ଏବଂ ପୁନର୍ବାର ଉଡିବା ପର୍ଯ୍ୟନ୍ତ ଏହାର ଯତ୍ନ ନେବା ପାଇଁ ଏକ କ୍ଷୁଦ୍ର ସଂକଳ୍ପ ନେଲା । ଏକ ନିଷ୍ଠାପର ସଂକଳ୍ପ ସହିତ ଲିଲିର ଦାୟିତ୍ୱର ଏକ ଯାତ୍ରା ଆରମ୍ଭ ହେଲା । ଅଭିଜ୍ଞତାରେ ଭରପୁର ଜେଜେମା'ଙ୍କ ଠାରୁ ମାର୍ଗଦର୍ଶନ ପାଇ ପକ୍ଷୀଟି ପାଇଁ ଏକ ଛୋଟ ବସା ତିଆରି କଲା । ଉପଯୁକ୍ତ ଖାଦ୍ୟ ପାନୀୟ ସହିତ ସେବାର ପ୍ରଭାବ ପକ୍ଷୀର ସ୍ୱାସ୍ଥ୍ୟରେ ଉନ୍ନତି ଆଣିଲା । ଏହିପରି ଭାବରେ ଦିନପରେ ସପ୍ତାହ ବିତିଗଲା । କିନ୍ତୁ ଲିଲିର ଦାୟିତ୍ୱରେ କୌଣସି ଅବହେଳା ନ ଥିଲା । ସମୟ ଗଡିବା ସହିତ ପକ୍ଷୀ ଅଧିକ ଶକ୍ତିଶାଳୀ ହେଲା ଏବଂ ଏହାର ଦୁର୍ବଳ ପରଗୁଡିକ ପୁନର୍ବାର ଜୀବନ୍ତ ହେବାକୁ ଲାଗିଲା । ପକ୍ଷୀର ଅଗ୍ରଗତି ଦେଖିବା ବେଳେ ତା'ର ଆନନ୍ଦର କୌଣସି ସୀମା ନ ଥିଲା । ଦିନେ ସକାଳେ, ଲିଲି କୋଠରୀରେ ପ୍ରବେଶ କଲାବେଳେ ପକ୍ଷୀର ବସାଟି ଖାଲି ପଡିଥିବାର ଦେଖିଲା । ବିଚଳିତ ହୋଇ ଏଣେତେଣେ ଦେଖୁ ଦେଖୁ ଝରକା ବାହାରେ ଏକ ଚମତ୍କାର ଦୃଶ୍ୟ ଦେଖିଲା । ଏକ ସୁନ୍ଦର ପକ୍ଷୀ ଡେଣା ଝାଡି ଆକାଶରେ ଖୁବ୍ ଆନନ୍ଦରେ ଉଡୁଥିଲା । ସେ ଦିନ ଲିଲି ଦାୟିତ୍ୱର ଶକ୍ତିକୁ ବୁଝିପାରିଥିଲା । ସେ ଜାଣିବାକୁ ପାଇଲା ଯେ, ଦାୟିତ୍ୱ କେବଳ ଏକ ବାଧ୍ୟତାମୂଳକ ବନ୍ଧନ ନୁହେଁ ବରଂ ଏହା ଅନ୍ୟମାନଙ୍କର ଜୀବନରେ ଏକ ସକାରାତ୍ମକ ପ୍ରଭାବ ଆଣିପାରେ । ବୟସ ବଢିବା ସହିତ ଏକ କ୍ଷୁଦ୍ର ଘଟଣାର ଅନୁଭବ ଓ ତା'ର ଦାୟିତ୍ୱର ଭାବନା ସମାଜକୁ ବିସ୍ତାରିତ ହେଲା । ସେ ନିଜ ସ-ର୍କ, କାର୍ଯ୍ୟ ଏବଂ ସ_ଦାୟରେ ଦାୟିତ୍ୱ ବହନ କରିବାକୁ ଉତ୍ସାହିତ ହେଲା । ତା'ର କାର୍ଯ୍ୟକଳାପ ଅନ୍ୟମାନଙ୍କୁ ପ୍ରେରଣା ଦେଲା ଏବଂ ଏକତ୍ର ଦାୟିତ୍ୱ ବହନ କରି ନିଜ ଗାଁକୁ ଏକ ଯତ୍ନଶୀଳ ତଥା ସମୃଦ୍ଧ ସ_ଦାୟରେ ପରିଣତ କଲା । ଏଠାରେ ଲିଲିର କାହାଣୀ ଏକ କଳ୍ପନା ହୋଇପାରେ । କିନ୍ତୁ ଏହା ଆମକୁ ମନେ ପକାଇଦିଏ ଯେ ଦାୟିତ୍ୱ ଏକ ଭାର ନୁହେଁ ବରଂ ଏକ ଉପହାର । ଅନ୍ୟମାନଙ୍କ ଜୀବନରେ ଏବଂ ଆମ ଚାରିପାଖରେ ଥିବା ଦୁନିଆରେ ପରିବର୍ତ୍ତନ ଆଣିବା ଆମ ସାମର୍ଥ୍ୟର ଏକ ସ୍ମାରକ । ଲିପି ପରି ଖୋଲା ହୃଦୟରେ ଦାୟିତ୍ୱ ଗ୍ରହଣ କରାଗଲେ, ଛୋଟ ଛୋଟ କାର୍ଯ୍ୟଗୁଡିକ ମଧ୍ୟ ଆମେ ସାମ୍ନା କରୁଥିବା ଲୋକଙ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ ।

ଦାୟିତ୍ୱ ହେଉଛି ମାନବ ଜୀବନର ଏକ ମୌଳିକ ଦିଗ ଯାହା ଆମର କାର୍ଯ୍ୟ, ନିଷ୍ପତ୍ତି ଏବଂ ଅନ୍ୟମାନଙ୍କ ସହିତ ପାରସ୍ପରିକ କାର୍ଯ୍ୟକଳାପକୁ ଆକୃଷ୍ଟ କରେ । ଆଜିର ଦ୍ରୁତ ପରିବର୍ତ୍ତନଶୀଳ ଦୁନିଆରେ ଏକ ସୁସଂଗତ ଏବଂ



ସ୍ଥାୟୀ ସମାଜ ଗଠନରେ ବ୍ୟକ୍ତିଗତ ତଥା ସାମୁହିତ ଦାୟିତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାମୁହିତ ଦାୟିତ୍ୱର ନିର୍ବାହ ବ୍ୟକ୍ତିଗତ ଦାୟିତ୍ୱର ସମ୍ପାଦନରୁ ହିଁ ଆରମ୍ଭ ହୋଇଥାଏ। ବ୍ୟକ୍ତିଗତ ଉତ୍ତରଦାୟିତ୍ୱକୁ ଗ୍ରହଣ କରିବା ସହିତ ଆମେମାନେ ସକାରାତ୍ମକ ପରିବର୍ତ୍ତନର ଉତ୍ସ ହୁଅନ୍ତି। ଦାୟିତ୍ୱ ଗ୍ରହଣ କରିବା ସହ ଏହାର ସଠିକ୍ କାର୍ଯ୍ୟକାରିତା ଆତ୍ମବିଶ୍ୱାସ, ଆତ୍ମ ସମ୍ମାନ ବୃଦ୍ଧି କରେ, ନିଷ୍ପତ୍ତି ନେବା କୌଶଳକୁ ବୃଦ୍ଧି କରେ, ଅଖଣ୍ଡତା ଏବଂ ବିଶ୍ୱାସନୀୟତାର ଭାବନାକୁ ପ୍ରୋତ୍ସାହିତ କରେ। ଫଳାଫଳରୁ ବିଚ୍ଛିନ୍ନତା ସହିତ ନିଜର କର୍ତ୍ତବ୍ୟ ସମ୍ପାଦନ କରି, ଜଣେ ବ୍ୟକ୍ତି ଏକ ଉତ୍ସର୍ଗୀକୃତ, ଦାୟିତ୍ୱପୂର୍ଣ୍ଣ ଏବଂ ପୂର୍ଣ୍ଣ ଜୀବନ ବିତାଇ ପାରିବ। ପ୍ରେମ, ବିଶ୍ୱାସ ଏବଂ ଅଂଶୀଦାର ଦାୟିତ୍ୱର ମୂଳଦୁଆ ଉପରେ ଏକ ସୁଖୀ ପରିବାର ନିର୍ମିତ। ଏକ ସୁସଙ୍ଗତ ଏବଂ ସନ୍ତୁଷ୍ଟ ପାରିବାରିକ ପରିବେଶ ପ୍ରତିପୋଷଣରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯେତେବେଳେ ପ୍ରତ୍ୟେକ ପରିବାର ସଦସ୍ୟ ସେମାନଙ୍କର ଦାୟିତ୍ୱକୁ ବୁଝନ୍ତି ଓ ଗ୍ରହଣ କରନ୍ତି, ପରିବାରରେ ଏକତା ବୃଦ୍ଧି ପାଇଥାଏ। ଯାହାକି ପରିବାରର ସାମଗ୍ରିକ ସୁସ୍ଥତା ଏବଂ ସୌହାର୍ଦ୍ଦ୍ୟରେ ସହାୟକ ହୁଏ। ବ୍ୟକ୍ତିଗତ ଦାୟିତ୍ୱର ଉର୍ଦ୍ଧ୍ୱରେ ସାମାଜିକ ଦାୟିତ୍ୱର କ୍ଷେତ୍ର ଅଛି। ଏହା ସମାଜର କଲ୍ୟାଣରେ ଯୋଗଦାନ କରିବା ପାଇଁ ବ୍ୟକ୍ତିବିଶେଷ, ସଂଗଠନ ଏବଂ ଅନୁଷ୍ଠାନଗୁଡିକର ସାମୂହିକ କର୍ତ୍ତବ୍ୟକୁ ସୂଚିତ କରେ। ସାମାଜିକ ଦାୟିତ୍ୱ ଗ୍ରହଣ କରି ଆମେ ପାରସ୍ପରିକ ନିର୍ଭରଶୀଳତା ଏବଂ ସମାଜ ଉପରେ ସେଗୁଡିକର ପ୍ରଭାବରେ ସ୍ୱୀକାର କରୁ। ସହଭାଗୀ ଲକ୍ଷ୍ୟ ଦିଗରେ ଏକତ୍ର କାର୍ଯ୍ୟ କରିବା, ବିବିଧତାକୁ ଗ୍ରହଣ କରିବା ଏବଂ ପ୍ରତ୍ୟେକ ବ୍ୟକ୍ତିର ଅବଦାନର ମହତ୍ତ୍ୱକୁ ସ୍ୱୀକାର କରି ଏକ ମିଳିତ ବାତାବରଣ ସୃଷ୍ଟି କଲେ ଏକ ଉତ୍ତମ ସମାଜ ଗଠନ କରାଯାଇପାରିବ। ଏହିପରି ଯୋଗଦାନ ଦ୍ୱାରା ବ୍ୟକ୍ତି ଏବଂ ସମ୍ପ୍ରଦାୟ ସହାନୁଭୂତି ଓ କରୁଣାର ବିକାଶ କରନ୍ତି, ଯାହା ଅନ୍ୟମାନେ ସମ୍ମୁଖୀନ ହେଉଥିବା ସଂଘର୍ଷର ଗଭୀରତାକୁ ବୁଝିବାରେ ସାହାଯ୍ୟ କରେ। ଏହା ବ୍ୟବସ୍ଥିତ ଅସମାନତାକୁ ସମାଧାନ କରିବା, ନ୍ୟାୟକୁ ପ୍ରୋତ୍ସାହିତ କରିବା ଏବଂ ସମାଜର ସମସ୍ତ ସ୍ତରର ବିକାଶକୁ ମଧ୍ୟ ପ୍ରାଥମିକତା ଦେଇଥାଏ। ଅଧିକନ୍ତୁ, ଏକ ସକାରାତ୍ମକ ତଥା ସ୍ଥାୟୀ ପରିବର୍ତ୍ତନ ଦିଗରେ କାର୍ଯ୍ୟ କରି ଦାରିଦ୍ର୍ୟ, ଶିକ୍ଷା, ପରିବେଶ ଆହ୍ୱାନ ଏବଂ ସ୍ୱାସ୍ଥ୍ୟଗତ ଅସମାନତା ଭଳି ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟାର ମୁକାବିଲା କରିପାରିବା। ସାମାଜିକ ଦାୟିତ୍ୱ ମାଧ୍ୟମରେ ସମ୍ପ୍ରଦାୟମାନେ ଏକତ୍ରିତ ହୁଅନ୍ତି, ଦୃଢ ବନ୍ଧନ ଗଠନ କରନ୍ତି ଏବଂ ମିଳିତ ଭାବରେ ସାଧାରଣ ଲକ୍ଷ୍ୟ ଦିଗରେ କାର୍ଯ୍ୟ କରନ୍ତି। ଏହି ସକ୍ରିୟ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟାଗୁଡିକ ବିଷୟରେ ସଚେତନତା ସୃଷ୍ଟି କରେ, ପ୍ରେରଣାଦାୟକ କାର୍ଯ୍ୟ ଏବଂ ଏକ ପରିବର୍ତ୍ତନ ଆଣିବା ପାଇଁ ଏକ ସାମୁହିକ ପ୍ରତିବଦ୍ଧତା ସୃଷ୍ଟି କରେ। ସାମାଜିକ ଦାୟିତ୍ୱକୁ ପ୍ରାଥମିକତା ଦେଇ ବ୍ୟକ୍ତି ଏବଂ ସଂଗଠନମାନେ ଆଦର୍ଶ ହୁଅନ୍ତି, ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରି ସମାଜରେ ସକାରାତ୍ମକ କାର୍ଯ୍ୟର ଧାରାକୁ ଉତ୍ସାହିତ କରନ୍ତି। ଏହି ପଦକ୍ଷେପଗୁଡିକ ଉଭୟ ମାନବିକତା ଏବଂ ପରିବେଶ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରି ନିରନ୍ତର ବିକାଶକୁ ସମର୍ଥନ କରେ। ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ, ଆମେ ଏକ ଅଧିକ ଯତ୍ନଶୀଳ, ନ୍ୟାୟପୂର୍ଣ୍ଣ ଏବଂ ଅନ୍ତର୍ଭୁକ୍ତ ସମାଜ ଗଠନ କରିବାରେ ସହଯୋଗ କରୁ, ଯାହା ବ୍ୟକ୍ତି ଓ ସମ୍ପ୍ରଦାୟର କଲ୍ୟାଣ ପାଇଁ ଲାଭଦାୟକ। ଏହି ପରସ୍ପର ସହ ଜଡ଼ିତ ଦୁନିଆରେ, ବ୍ୟକ୍ତିଗତ ତଥା ସାମାଜିକ କ୍ଷେତ୍ର ବାହାରେ ବିଶ୍ୱ ସ୍ତରୀୟ ଦାୟିତ୍ୱକୁ ଅନ୍ତର୍ଭୁକ୍ତ କରେ। ଜଳବାୟୁ ପରିବର୍ତ୍ତନ, ଦାରିଦ୍ର୍ୟ ଏବଂ ଅସମାନତା ଭଳି ବିଶ୍ୱସ୍ତରୀୟ ସମସ୍ୟାଗୁଡିକର ମୁକାବିଲା ପାଇଁ ସହଯୋଗ ଓ ସାମୂହିକ କାର୍ଯ୍ୟର ଆବଶ୍ୟକତା ଅପରିହାର୍ଯ୍ୟ ଅଟେ। ସ୍ଥାୟୀ ସମାଧାନ ଖୋଜିବା ପାଇଁ ରାଷ୍ଟ୍ର, ଆନ୍ତର୍ଜାତୀୟ ସଂଗଠନ ଏବଂ ବ୍ୟକ୍ତିମାନେ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ମାନବିକ





ଅଧିକାରରୁ ପ୍ରୋତ୍ସାହିତ କରିବା, ଶାନ୍ତି ପାଇଁ ଯୁକ୍ତି ବାଡିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂକଟ ଦୂର କରିବାରେ ଆମ ସମସ୍ତଙ୍କର କିଛି କିଛି ଉତ୍ତରଦାୟିତ୍ୱ ରହିଛି। ଯୁଦ୍ଧରୁ ବିରତ ରହି ପାରସ୍ପରିକ କଥାବାର୍ତ୍ତା, ବୁଝାମଣା, ନ୍ୟାୟଯୁକ୍ତ ବାଣିଜ୍ୟ ଅଭ୍ୟାସ, ପଛୁଆ ତଥା ବିକାଶଶୀଳ ରାଷ୍ଟ୍ରଗୁଡିକୁ ସମର୍ଥନ କରିବା ଏବଂ ଡିଜିଟାଲ୍ ବିଭାଜନକୁ ଦୂର କରିବା ଭଳି ପ୍ରସଙ୍ଗ ଉତ୍‌ଥାପନ କଲେ, ବିଶ୍ୱସ୍ତରରେ ଆମେ ସମସ୍ତଙ୍କ ପାଇଁ ଏକ ଅଧିକ ନ୍ୟାୟପୂର୍ଣ୍ଣ ଏବଂ ସମୃଦ୍ଧ ବିଶ୍ୱ ସୃଷ୍ଟି କରିପାରିବା।

ଛୋଟ ବୟସରୁ ପିଲାମାନଙ୍କୁ ଛୋଟ ଛୋଟ ଦାୟିତ୍ୱ ନେବାକୁ ଶିକ୍ଷା ଦେବା ସେମାନଙ୍କର ବ୍ୟକ୍ତିଗତ ବିକାଶ ଓ ଭବିଷ୍ୟତର ସଫଳତା ପାଇଁ ଜରୁରୀ ଅଟେ। ପିଲାମାନେ ସେମାନଙ୍କର ପିତା ମାତା ଠାରୁ ବହୁତ୍ କିଛି ଶିଖନ୍ତି। ପିଲାମାନଙ୍କୁ ସେମାନଙ୍କର ଦକ୍ଷତା ଏବଂ ବୟସ ସହିତ ମେଳ ଖାଉଥିବା କାର୍ଯ୍ୟ ଦିଆଯିବା ଉଚିତ୍। ଯେପରିକି ଖେଳନା ସଜାଡ଼ିବା, ଶଯ୍ୟା ତିଆରି କରିବା କିମ୍ବା ପଡା ଟେବୁଲ୍ ନିଜକୁ ନିଜେ ସଜାଇବା ଇତ୍ୟାଦି। ପିଲାମାନେ ଭୁଲ୍ କଲେ ମଧ୍ୟ ନିରପେକ୍ଷ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବା ଉଚିତ୍। ଏହା ସେମାନଙ୍କୁ ଶିଖିବାରେ ଏବଂ ସେମାନଙ୍କର ଦକ୍ଷତା ଉପରେ ଆତ୍ମବିଶ୍ୱାସ ହାସଲ କରିବାରେ ସାହାଯ୍ୟ କରେ। ସଠିକ୍ ପ୍ରୟାସ କଲେ ପିଲାଙ୍କ ଉଦ୍ୟମକୁ ସ୍ୱୀକାର ଏବଂ ପ୍ରଶଂସା କରିବା ଉଚିତ୍। ଏହା ସେମାନଙ୍କୁ ଦାୟିତ୍ୱପୂର୍ଣ୍ଣ ଆଚରଣ ପାଇଁ ପ୍ରେରିତ କରିଥାଏ। ଉଭୟ ସକାରାତ୍ମକ ଏବଂ ନକାରାତ୍ମକ କାର୍ଯ୍ୟର ପରିଣାମ ବିଷୟରେ ପିଲାଙ୍କ ସହ କଥା ହେବା ଉଚିତ୍। ପିଲାମାନଙ୍କୁ ସେମାନଙ୍କ ବୟସୋପଯୋଗୀ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ଜଡ଼ିତ କରି ବିକଳ୍ପ ତଥା ଫଳାଫଳ ବିଷୟରେ ଆଲୋଚନା କରନ୍ତୁ, ଏବଂ ସୂଚନାଯୋଗ୍ୟ ନିଷ୍ପତ୍ତି ନେବାକୁ ସେମାନଙ୍କୁ ଉତ୍ସାହିତ କରନ୍ତୁ। ଏକାଥରକେ ଅନେକ ଦାୟିତ୍ୱ ପିଲାଙ୍କ ଉପରେ ନ୍ୟସ୍ତ କରିବା ଠିକ୍ ନୁହେଁ। ଧୀରେ ଧୀରେ ଦାୟିତ୍ୱ ବଢିବା ସହିତ ସେମାନେ ବଡ ହୋଇ ଅଧିକ ଦକ୍ଷ ହୁଅନ୍ତି। ବୟସ ବଢିବା ସହିତ ନିଜସ୍ୱ ଅର୍ଥ ପରିଚାଳନା କରିବା, ଯେପରି ସଂଚୟ, ବଜେଟ୍ ଏବଂ ବୁଦ୍ଧିମାନ ଭାବେ ଖର୍ଚ୍ଚ କରିବା ଆଦି ସହ ଅଭ୍ୟସ୍ତ ହୁଅନ୍ତି। ଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ରଛାତ୍ରୀମାନଙ୍କୁ ଦାୟିତ୍ୱବାନ ହେବାର ଶିକ୍ଷା ହେଉଛି ସେମାନଙ୍କର ଶିକ୍ଷାଗତ ଯାତ୍ରାର ଏକ ମୌଳିକ ଦିଗ। ଶ୍ରେଣୀଗୃହରେ ଛୋଟ ଛୋଟ ଦାୟତ୍ୱ ନ୍ୟସ୍ତ କରିବା, ସମୟ ପରିଚାଳନା ଉପରେ ଗୁରୁତ୍ୱ ଦେବା ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣକୁ ମଡେଲିଂ କରିବା ଦ୍ୱାରା ଏହାର ମୂଲ୍ୟଗୁଡିକ ଆହୁରି ଦୃଢିଭୂତ ହୁଏ। ଦାୟିତ୍ୱପୂର୍ଣ୍ଣ ଆଚରଣକୁ ଚିହ୍ନିବା ଏବଂ ପୁରସ୍କୃତ କରି, ଆମେ ଛାତ୍ରଛାତ୍ରୀମାନଙ୍କୁ ଦାୟିତ୍ୱ ଗ୍ରହଣ କରିବାକୁ ପ୍ରେରଣା ଦେଇଥାଉ। ଏହିପରି ଭାବରେ, ଭବିଷ୍ୟତ ଦାୟିତ୍ୱବାନ୍ ଏବଂ ଦକ୍ଷ ନେତା ଗଠନରେ ଆମେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁ।

ନିଃସନ୍ଦେହରେ ଦାୟିତ୍ୱ ଆମ ପାଇଁ ଭାର ନୁହେଁ ବରଂ ଏକ ଉପହାର। ଦାୟିତ୍ୱ ଗ୍ରହଣ କରିବା ସହିତ ଆମେ ବ୍ୟକ୍ତିଗତ ଅଭିବୃଦ୍ଧି, ସଶକ୍ତିକରଣ ଏବଂ ଆତ୍ମ-ଆବିଷ୍କାରର ଯାତ୍ରା ଆରମ୍ଭ କରୁ। ଆସନ୍ତୁ, ଏହି ମୂଲ୍ୟବାନ୍ ଉପହାରର ମୂଲ୍ୟକୁ ଚିହ୍ନିବା ଏବଂ ଏହା ସହିତ ଆସୁଥିବା ଆନନ୍ଦ ଏବଂ ଆହ୍ୱାନଗୁଡିକୁ ହୃଦୟରୁ ଗ୍ରହଣ କରିବା। ଏହା କେବଳ ଆମ ଜୀବନକୁ ସମୃଦ୍ଧ କରିବ ନାହିଁ ବରଂ ଆମ ଚାରିପାଖରେ ଥିବା ଜଗତ ଉପରେ ଏକ ସକାରାତ୍ମକ ଏବଂ ସ୍ଥାୟୀ ପ୍ରଭାବ ପକାଇବ।

# ଢେଙ୍କାନାଳ ଇତିହାସର ପୃଷ୍ଠାରୁ



• ଡ. ଅନିରୁଦ୍ଧ ଖିଲାର
ପ୍ରାକ୍ତନ ସହକାରୀ ପ୍ରଫେସର,
ଉଦ୍ଭିଦବିଜ୍ଞାନ ବିଭାଗ

ଇତିହାସର ଏମିତି ଅନେକ ଅଜ୍ଞାତ ଅଧ୍ୟାୟ ଲୁଚି ରହିଛି ଆମ ପ୍ରାଚୀନ ମନ୍ଦିରମାନଙ୍କ ଗାତ୍ରରେ । ଯାହାକୁ ଆଧାର କରି ଇତିହାସକାର ସେଇ ପୁରୁଣା ଦିନର ହଜିଯାଇଥିବା ଦିନମାନଙ୍କର ଗୌରବକୁ ଖୋଜିବାକୁ ଚେଷ୍ଟା କରେ । ତାଳପତ୍ର, ତାମ୍ରଫଳକ, ପ୍ରାଚୀନ ସାହିତ୍ୟ, ଶିଳାଲେଖ ଏବଂ ମନ୍ଦିର ଦେହରେ ଖୋଦିତ ମୂର୍ତ୍ତି ସବୁକୁ ଅଧ୍ୟୟନ କରି ଐତିହାସିକ ମାନେ ପ୍ରାଚୀନ କାଳକୁ ବର୍ତ୍ତମାନ ସମ୍ମୁଖରେ ଉପସ୍ଥାପନ କରନ୍ତି ।

ମଧ୍ୟଯୁଗ ପର୍ଯ୍ୟନ୍ତ ଓଡ଼ିଶାର ରାଜନୈତିକ ଘଟଣାଘଟା, ଉତ୍‌ଥାନ ପତନ ଭିତରେ ମନ୍ଦିର ଶିଳ୍ପକଳାର ସୌକୁମାର୍ଯ୍ୟର ଏକ ସମୃଦ୍ଧ ପର-ରା ଯେ ବଂଚି ରହିଥିଲା ତାହା ଆମ ପାଇଁ ଏକ ଆଶ୍ୱାସନାର ବିଷୟ ନିଶ୍ଚୟ । ଏହି କାଳଖଣ୍ଡ ଭିତରେ ଆମ ଇତିହାସ ହୁଏତ ଅଙ୍କିତ ହେଉଥିଲା ସୁଦୃଶ୍ୟ ମନ୍ଦିରମାନଙ୍କ ପାଷାଣ ଦେହରେ । ଯେଉଁ ସବୁକୁ ଅଧ୍ୟୟନ କରି ଐତିହାସିକ ଗଣ ଅନ୍ଧାରୀ ଅତୀତକୁ ଆଲୋକିତ କରିବାକୁ ଚେଷ୍ଟା କରନ୍ତି । ଏମିତି ଅନେକ ମନ୍ଦିର ଅଛି, ଯେଉଁଠି ଚମତ୍କାର ଶିଳ୍ପକଳାକୁ ଛାଡିଦେଲେ ଏମିତି କିଛି ସ୍ୱତନ୍ତ୍ରତା ରହିଛି, ଯେଉଁଥିରେ ଅତୀତର ଗୌରବଶାଳୀ ନରପତିମାନଙ୍କୁ ଆମେ ଦେଖିପାରୁ ।



ସେମିତି ଜଣେ ମହାନ୍ ନରପତିଙ୍କ ମୂର୍ତ୍ତି ଆମେ ଦେଖିବାକୁ ପାଉ, ଢେଙ୍କାନାଳ ଜିଲ୍ଲାର ଶୈବ ପୀଠ ''ନାଗନାଥେଶ୍ୱର'' ମନ୍ଦିରରେ । କେତେକ ଐତିହାସିକଙ୍କ ମତରେ ନାଗନାଥେଶ୍ୱର ଶିବ ମନ୍ଦିରଟି ପ୍ରସିଦ୍ଧ କପିଳାସ ମନ୍ଦିରଠାରୁ ପ୍ରାଚୀନ । ବର୍ତ୍ତମାନର ନାଗନାଥେଶ୍ୱର ମନ୍ଦିରଟି ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗ ବଂଶୀୟ ସମ୍ରାଟ୍ ତୃତୀୟ ଅନଙ୍ଗଭୀମ ଦେବଙ୍କର ଏକ ଅନନ୍ୟ କୀର୍ତ୍ତି ଭାବେ ପରିଚିତ । ଏହି ମନ୍ଦିରଟି କଳିଙ୍ଗ ଶିଳ୍ପକଳାର ଏକ ରେଖ ଦେଉଳ । ଅତ୍ୟନ୍ତ ନଗଣ୍ୟ କିଛି କାରୁକାର୍ଯ୍ୟକୁ ଛାଡିଦେଲେ ଏହି ମନ୍ଦିରର ଜଗମୋହନର ଉତ୍ତର ଓ ଦକ୍ଷିଣ ବାଡରେ ଜଣେ ରାଜାଙ୍କର ପ୍ରତିମୂର୍ତ୍ତି ଖୋଦିତ ହୋଇଛି । ଏହି ପ୍ରତିମା ଦୁଇଟିକୁ ଦେଖିଲେ ଏହାକୁ ହୁଏତ ଉଦ୍ଦେଶ୍ୟମୂଳକ ଭାବରେ ସ୍ଥାପନ କରାଯାଇଥିବାର ମନେହୁଏ । ଅନ୍ୟ କୌଣସି କାରୁକାର୍ଯ୍ୟ ଏ ମନ୍ଦିରରେ

ନ ଥିବା ବେଳେ କେବଳ ଜଣେ ରାଜାଙ୍କର ମୂର୍ତ୍ତି ସ୍ଥାପିତ ହେବା କୌତୂହଳର ବିଷୟ ନିଶ୍ଚିତ । ଏହି ମୂର୍ତ୍ତି ଦୁଇଟି ଯେ ମନ୍ଦିର ନିର୍ମାତାଙ୍କର ଏହା ନିଃସନ୍ଦେହରେ କୁହାଯାଇପାରେ ।

ତୃତୀୟ ଅନଙ୍ଗଭୀମ ଦେବ ଗଙ୍ଗ ବଂଶର ଅନ୍ୟତମ ପ୍ରତିଭାବାନ ଶାସକ ଥିଲେ । ତାଙ୍କ ଶାସନ କାଳ ଅନେକ ଉତ୍‌ଥାନ ପତନ ଦେଇ ଗତି କରିଥିଲେ ମଧ୍ୟ, ସ୍ୱଳ୍ପ ସମୟ ପାଇଁ ଉତ୍କଳର ସୀମାକୁ ସେ ପରିବ୍ୟାପ୍ତ କରିବାରେ ସମର୍ଥ ହୋଇପାରିଥିଲେ । ଜଣେ କୁଶଳୀ ଯୋଦ୍ଧା ଭାବରେ ସେ ଯେତିକି ପରିଚିତ ଜଣେ ଆଧ୍ୟାତ୍ମବାଦୀ ରାଜା ଭାବରେ ଇତିହାସରେ ତାଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ନିଜକୁ ସେ ପୁରୁଷୋତ୍ତମ ପୁତ୍ର, ଶିବ ଓ ଗୌରୀପୁତ୍ର ଭାବେ ଅଭିହିତ କରିଥିଲେ । ଶ୍ରୀଜଗନ୍ନାଥଙ୍କ ନିକଟରେ ସେ ନିଜ ରାଜ୍ୟକୁ ସମର୍ପଣ କରି ମହାପ୍ରଭୁଙ୍କର ଜଣେ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାର ତାଙ୍କର କିଛି ଶିଳାଲେଖ ପ୍ରମାଣିତ କରେ । ବୈଷ୍ଣବ, ଶୈବ ଓ ଶାକ୍ତ ପର-ରାକୁ ମଧ୍ୟ ୩ୟ ଅନଙ୍ଗଭୀମ ଦେବ ସ୍ୱୀକାର କରୁଥିଲେ । ତେଣୁ ସେ ଅନେକ ସ୍ଥାନରେ କେତେଗୁଡ଼ିଏ ଶିବ ମନ୍ଦିର ମଧ୍ୟ ନିର୍ମାଣ କରାଇଥିଲେ । ଏହି କ୍ରମରେ ଢେଙ୍କାନାଳର ନାଗନାଥେଶ୍ୱର ମନ୍ଦିରଟି ଅନ୍ୟତମ ।



କିଛି ଐତିହାସିକଙ୍କ ମତରେ ଏହି ମନ୍ଦିରଟି ଅନଙ୍ଗଭୀମ ଦେବଙ୍କ ଦ୍ୱାରା ପୁନଃନିର୍ମାଣ କରାଯାଇଥିଲା । କେହି କେହି କୁହନ୍ତି ଏ ଅଂଚଳରେ ପୂର୍ବରୁ ନାଗ ବଂଶୀୟମାନେ ଶାସନ କରୁଥିଲେ ଏବଂ ସେମାନଙ୍କର ଆରାଧ୍ୟ ନାଗନାଥେଶ୍ୱରଙ୍କୁ ସ୍ଥାପନ କରିଥିଲେ । ପରେ ଏ ଅଂଚଳ ଗଙ୍ଗ ରାଜତ୍ୱର ଅନ୍ତର୍ଭୁକ୍ତ ହେବା ପରେ ତୃତୀୟ ଅନଙ୍ଗଭୀମ ଦେବ ବର୍ତ୍ତମାନର ମନ୍ଦିରଟି ନିର୍ମାଣ କରାଇଥିଲେ ।

ମନ୍ଦିରରେ ସ୍ଥାପିତ ମୂର୍ତ୍ତି ଦୁଇଟିରୁ ଦକ୍ଷିଣ ବାଡରେ ଥିବା ମୂର୍ତ୍ତିରେ ରାଜା ସିଂହାସନ ଆରୁଢ ହୋଇ ଏକ ହାର (ଅଳଙ୍କାର) କୌଣସି ଜଣେ ନାରୀଙ୍କୁ ପ୍ରଦାନ କରୁଥିବା ପ୍ରଦର୍ଶିତ ହୋଇଥିବା ବେଳେ ଉତ୍ତର ବାଡରେ ରାଜା ଏକ ଯୁଦ୍ଧ ଶିବିରରେ ଖଡ୍ଗହସ୍ତରେ ଉପବେଶନ କରି ଯୁଦ୍ଧାସ୍ତ୍ର ଧାରଣ କରିଥିବା କିଛି ଯୋଦ୍ଧାଙ୍କୁ ପରାମର୍ଶ ଦେଉଥିବାର ଅଙ୍କିତ ହୋଇଛି ।

ଆମ ପ୍ରାଚୀନ ଇତିହାସରେ ଏ ପ୍ରକାର ମୂର୍ତ୍ତି ଖୁବ୍ କମ୍ ଦେଖାଯାଇଥାଏ । ନାଗନାଥେଶ୍ୱର ମନ୍ଦିରର ଏହି ବିରଳ କୃତି ଦୁଇଟି ଆମ ଇତିହାସ ପାଇଁ ନିଶ୍ଚିତ ଭାବେ ଅନେକ ଗୁରୁତ୍ୱ ବହନ କରେ । ଗବେଷକଗଣ ଏହାକୁ ନେଇ ଅଧିକ ଗବେଷଣା କଲେ, ହୁଏତ ଅଧିକ ତଥ୍ୟ ଲୋକଲୋଚନକୁ ଆସିପାରନ୍ତା ।



# ବ୍ରାଣ୍ଡ ମନ ନନ୍ ବ୍ରାଣ୍ଡ ହୃଦୟ

• **ରଶ୍ମିରଞ୍ଜନ ନାୟକ**
ସହକାରୀ ପ୍ରଫେସର,
ଓଡ଼ିଆ ବିଭାଗ

ଆଜିର ଦୈନନ୍ଦିନ ଜୀବନରେ ବ୍ରାଣ୍ଡେଡ୍ ବସ୍ତୁ ଓ ସାମଗ୍ରୀର ଚାହିଦା ବଢିବାରେ ଲାଗିଛି । ଛୁଞ୍ଚି ଠୁ ସୂତା ପର୍ଯ୍ୟନ୍ତ, ଛତା ଠୁ ଜୋତା ପର୍ଯ୍ୟନ୍ତ, ମଣି ଠୁ ମୁକୁତା ପର୍ଯ୍ୟନ୍ତ, ଆମର ପୋଷାକ ପରିଛେଦ ଠୁ ଆରମ୍ଭ କରି ସୌଖିନ ବସ୍ତୁ ପର୍ଯ୍ୟନ୍ତ ସବୁ କିଛି ବ୍ରାଣ୍ଡେଡ୍ ହୋଇଗଲାଣି । ଆମର ଷ୍ଟାଟସ୍, ସମ୍ମାନ ଓ ସାମାଜିକ ଚଳଣି ସବୁଠୁ ବ୍ରାଣ୍ଡ ଜିନିଷର ବ୍ୟବହାର ବୃଦ୍ଧି ପାଇଲାଣି । ବ୍ରାଣ୍ଡେଡ୍ ସାମଗ୍ରୀ ଓ ବସ୍ତୁବାଦୀ ଦୁନିଆର ମୋହ ଏକବିଂଶ ଶତାବ୍ଦୀର ଅନେକ ଲୋକଙ୍କୁ ଯେ ପ୍ରଭାବିତ କରିଅଛି, ଏଥିରେ ଦ୍ୱିମତ ନ ଥାଇପାରେ । ବ୍ରାଣ୍ଡେଡ୍ ଜିନିଷର ବ୍ୟବହାର କରିବା ଯେ ଖରାପ୍ ତାହା ନୁହେଁ ବରଂ ଏହାର ଗୁଣବତ୍ତା ଉତ୍ତମ ହୋଇଥିବା ବେଳେ ସ୍ଥାୟିତ୍ୱ ଦୃଷ୍ଟିକୋଣରୁ ଏହା ଦୀର୍ଘସ୍ଥାୟୀ ହୋଇଥାଏ । କିନ୍ତୁ ତଫାତ୍ ଏତିକି ଯେ, ବସ୍ତୁ ଓ ସାମଗ୍ରୀରେ କେବଳ ଆମ ମନ ବ୍ରାଣ୍ଡ ଖୋଜୁଥିବା ବେଳେ ମାନବର ମହନୀୟ ଗୁଣଗୁଡିକୁ ସାଇତି ରଖିବାକୁ ଏକ ବ୍ରାଣ୍ଡେଡ୍ ହୃଦୟର ଆବଶ୍ୟକତାକୁ ଆମେ ଅଣଦେଖା କରୁ ।

ସାମାଜିକ ଜୀବନର ଆବଶ୍ୟକତା ଅନୁଯାୟୀ ଆମେ ଯେ କୌଣସି ଜିନିଷକୁ ଖୋଜିଲା ବେଳେ ଆମ ମାନସିକତାରେ ବ୍ରାଣ୍ଡ ନାମକ ଶବ୍ଦଟି ସବାର ହୋଇଥାଏ । ସେତେବେଳେ ମଣିଷର ମନ ଆଉ ମନ ହୋଇ ରହେ ନାହିଁ, ସେ ହୋଇଯାଏ ବ୍ରାଣ୍ଡ ମନ । ବ୍ରାଣ୍ଡ ପଛରେ ଧାଇଁ ଧାଇଁ ଆଜିର ସମାଜରେ ବସବାସ କରୁଥିବା ଅଧିକାଂଶ ଲୋକଙ୍କର ମନ ମଧ୍ୟ ବ୍ରାଣ୍ଡେଡ୍ ହୋଇଗଲାଣି । ଏଇ ବ୍ରାଣ୍ଡ ମନଟି ସବୁବେଳେ ବ୍ରାଣ୍ଡ ବସ୍ତୁକୁ ହିଁ ଖୋଜି ବୁଲୁଥାଏ । ବ୍ରାଣ୍ଡ ବସ୍ତୁ ଓ ସାମଗ୍ରୀଗୁଡିକର ମୂଲ୍ୟ ଯାହା ହେଉନା କାହିଁକି ଆମ ଭିତରେ ଥିବା ବ୍ରାଣ୍ଡେଡ୍ ମନଟି ତାହାକୁ କିଣିବାକୁ ବ୍ୟସ୍ତ ଥାଏ । ଆମ ମସ୍ତିଷ୍କର ବିଭିନ୍ନ ବିଚାରଗୁଡିକ ମାନସପଟରେ ଅହରହ ମନକୁ ଆନ୍ଦୋଳିତ କରିଥାଏ । ଆଜିର ସମାଜରେ ଅଧିକାଂଶ ଲୋକ ଏହି ବ୍ରାଣ୍ଡ ବସ୍ତୁ ଓ ସାମଗ୍ରୀକୁ ଅଣନିଶ୍ୱାସୀ ହୋଇ ଖୋଜୁଥିବା ବେଳେ ମନରେ କେବେ ପ୍ରଶ୍ନ ଆସିଛି କି, ଆମ୍ଭମାନଙ୍କର ହୃଦୟ କେଉଁ ବ୍ରାଣ୍ଡର ? ଅର୍ଥାତ୍ ବ୍ରାଣ୍ଡ ହୃଦୟ ନା ନନ୍ ବ୍ରାଣ୍ଡ ହୃଦୟ ? ଆପଣ ହୃଦୟକୁ କେବେ ଦେଖିଛନ୍ତି କି ? କହିପାରିବେ ସେ କେମିତିକା ? ଯେତେବେଳେ ନିଜଠୁ ଅଧିକ ଭଲପାଉଥିବା ଲୋକମାନେ ଆମକୁ ଦଗା ଦିଅନ୍ତି, ସେତେବେଳେ ଆମ ହୃଦୟଟା ଭାଙ୍ଗିଯାଏ ବୋଲି କହୁ । ଅନ୍ୟର ଦୁଃଖ, କଷ୍ଟ ଆବେଗକୁ ଆଦୌ ବୁଝିପାରୁନଥିବା ସାମାଜିକ ମଣିଷମାନଙ୍କର ହୃଦୟ ନାହିଁ କିମ୍ବା ପଥର ପରିକା କଠିନ ହୃଦୟ ବୋଲି କହିଥାଉ । ତେବେ ଏକ ଭଙ୍ଗା ହୃଦୟ, ହୃଦୟହୀନ ଓ ପଥର ପରିକା କଠିନ ହୃଦୟର ମଣିଷ ବଞ୍ଚେ କେମିତି? ନିଶ୍ୱାସ ପ୍ରଶ୍ୱାସ ନିଏ କେମିତି ? ବିନା ରକ୍ତ ସଂଚାଳନରେ ମଣିଷ କ'ଣ ବଞ୍ଚିପାରେ ? ସୁତରାଂ ଏଠାରେ ହୃଦୟକୁ ଆମେ ଆମ ଶରୀରର ସୂକ୍ଷ୍ମ ଅଙ୍ଗ ହାର୍ଟ ଭାବେ ନ ବୁଝି ବରଂ ଆମର ଭାବନାରାଜିର କେନ୍ଦ୍ରସ୍ଥଳୀ ଭାବେ ଗ୍ରହଣ କରିପାରିବା । ହାର୍ଟକୁ ଦେଖିବାକୁ ସିନା ଆଖି ଦରକାର ଅଥଚ ହୃଦୟକୁ ପରଖିବାକୁ ଆଉ ଗୋଟିଏ ଦରଦୀ ହୃଦୟ

ଲୋଡା ହୋଇଥାଏ । ତେବେ ଏଠାରେ ଗୋଟିଏ ପ୍ରଶ୍ନ ମନକୁ ଆସେ । ଲୋଗୋ ବା ଚିହ୍ନକୁ ଦେଖି ବ୍ରାଣ୍ଡକୁ ଚିହ୍ନିଲା ଭଳି ଆମ ହୃଦୟଟା ବ୍ରାଣ୍ଡେଡ୍ କି ନନ୍‌ବ୍ରାଣ୍ଡେଡ୍ ଆମେ ଜାଣିବା କିପରି ?

ଦୟା, କ୍ଷମା, ସ୍ନେହ, ଶ୍ରଦ୍ଧା, ଭଲପାଇବା, ମାନବିକତା, ଧର୍ମନିଷ୍ଠା, ସତ୍ୟ, ନ୍ୟାୟ, ପୁଣ୍ୟ, ସହନଶୀଳତା, ବିବେକ, ଅହିଂସା ଇତ୍ୟାଦି ମହନୀୟ ଗୁଣ ହେଉଛି ମାନବ ହୃଦୟର ଗୋଟେ ଗୋଟେ ବ୍ରାଣ୍ଡେଡ୍ ଲୋଗୋ ବା ଚିହ୍ନ । ବାହାରର ଯେତେ ବ୍ରାଣ୍ଡେଡ୍ ବସ୍ତୁକୁ ଆପଣେଇଲେ ମଧ୍ୟ ଯଦି ଭିତର ହୃଦୟଟା ନନ୍‌ବ୍ରାଣ୍ଡ ତା ହେଲେ ବାହାର ଚାକଚକ୍ୟ ଓ ବସ୍ତୁବାଦୀ ଜୀବନର ମହତ୍ତ୍ୱ କ'ଣ ? ଯେଉଁଦିନ ମଣିଷ ହୃଦୟ ଯାବତୀୟ ନନ୍‌ବ୍ରାଣ୍ଡ ଭାବନାରାଜି ଯଥା - ଈର୍ଷା, ହିଂସା, ଘୃଣା, ପରଶ୍ରୀକାତରତା, ଲୋଭ, କ୍ରୋଧ, ପାପ, ଅଧର୍ମ, ଅନ୍ୟାୟ, ଅବିବେକ ଇତ୍ୟାଦିକୁ ପରିହାର କରିବ, ସେଦିନ ମଣିଷ ହୃଦୟ ପାଲଟିଯିବ ବ୍ରାଣ୍ଡେଡ୍ ହୃଦୟ ଆଉ ସେ ହୋଇଯିବ ବ୍ରାଣ୍ଡେଡ୍ ମଣିଷ । ବ୍ରାଣ୍ଡ ବସ୍ତୁ ବା ସାମଗ୍ରୀ ସମୟକ୍ରମେ ସିନା ନଷ୍ଟ ହୋଇଯାଏ ଅଥଚ ଏକ ବ୍ରାଣ୍ଡେଡ୍ ହୃଦୟର ମଣିଷ ମଲାପରେ ବି ସ୍ମୃତି ହୋଇ ଅନନ୍ତକାଳ ପର୍ଯ୍ୟନ୍ତ ବଞ୍ଚି ରହିଥିବ ଚିରଦିନ ପାଇଁ । ଆପଣଙ୍କ ପାଇଁ ବ୍ରାଣ୍ଡ ବସ୍ତୁ ବେଶି ଗୁରୁତ୍ୱପୂର୍ଣ୍ଣ ନା ବ୍ରାଣ୍ଡ ହୃଦୟ । ବିଚାର ଆପଣଙ୍କର ।



# ଭାରତୀୟ ସଂସ୍କୃତି

• **ବିଶ୍ୱଜିତ୍ ରାଉତ**
ଯୁକ୍ତ ତିନି ତୃତୀୟ ବର୍ଷ
ବାଣିଜ୍ୟ ବିଭାଗ

ଭାରତୀୟ ସଂସ୍କୃତି ହେଉଛି ଆମ ବିଶ୍ୱର ସର୍ବଶ୍ରେଷ୍ଠ, ସବୁଠାରୁ ବିଶାଳ ଏବଂ ଶକ୍ତିଶାଳୀ ସଂସ୍କୃତି । ଭାରତୀୟ ସଂସ୍କୃତି କୌଣସି ଲିଖିତ ଚୁକ୍ତିନାମା ନୁହେଁ, ଏହି ଭାରତୀୟ ସଂସ୍କୃତି ହେଉଛି ପ୍ରତ୍ୟେକ ଭାରତୀୟ ମାନଙ୍କ ମଧ୍ୟରେ ଥିବା ଆନ୍ତରିକ ସ୍ନେହ, ପ୍ରେମ ଓ ଭଲପାଇବା ।

ଯେପରିକି ସମସ୍ତ ସ୍ଥାନ ଓ ସମସ୍ତ କାର୍ଯ୍ୟ କରିବାର ନିର୍ଦ୍ଦିଷ୍ଟ ନୀତି ନିୟମ ରହିଥାଏ, ସେହିପରି ଏକ ସରଳ ହୃଦୟଗାମୀ ବ୍ୟକ୍ତି ହେବା ପାଇଁ ଏବଂ ନିଜର ଅନ୍ତଃର ମନର ସଂଚାଳନ ପାଇଁ ଆମକୁ ଆମର ଭାରତୀୟ ସଂସ୍କୃତି ଶିକ୍ଷା ଦେଇଥାଏ । ଏହା ଆମକୁ ନିର୍ଦ୍ଦିଷ୍ଟ ନୀତି ନିୟମରେ ବାନ୍ଧି ରଖିଥାଏ ।

ଭାରତୀୟ ସଂସ୍କୃତି କେବଳ ଆମ ଭାରତୀୟମାନଙ୍କର ପୋଷାକ ଏବଂ ଭଗବାନଙ୍କ ପୂଜା ଅର୍ଚ୍ଚନା କରିବାରେ ସୀମିତ ନୁହେଁ । ଏହା ଆମକୁ ଶିକ୍ଷା ଦେଇଥାଏ କି ସମସ୍ତ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ସମାନ୍ । ସମସ୍ତେ ମିଳିମିଶି ଚଳିବା ଏବଂ ଜଣେ ଅନ୍ୟ ଜଣଙ୍କର ମଙ୍ଗଳ କାମନା କରିବା ଓ ସମସ୍ତଙ୍କୁ ସାହାଯ୍ୟ କରିବା ହେଉଛି ଭାରତୀୟ ସଂସ୍କୃତିର ମୂଳ ଲକ୍ଷ ।

**"ଆମର ଶିକ୍ଷା...ଆମର ସଂସ୍କୃତି"**

# ଚାଟ୍ ଜିପିଟି (CHAT GPT) - ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଧାରିତ ଏକ ମହାନ୍ ବୈଷୟିକ ବିପ୍ଳବ



• **ଦିଲ୍ଲୀପ କୁମାର ନାୟକ**
ସହକାରୀ ପ୍ରଫେସର,
କମ୍ପ୍ୟୁଟର ବିଜ୍ଞାନ ବିଭାଗ

ବିଶ୍ୱ ଭରି ଚହଳ ସୃଷ୍ଟି କରିଥିବା ଅତି ଆଧୁନିକ ତଥା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଧାରିତ ଟେକ୍ନୋଲୋଜି "ଚାଟ୍ ଜିପିଟି" (Chat GPT) ବର୍ତ୍ତମାନ ସମଗ୍ର ବିଶ୍ୱର ଆଲୋଚନାର କେନ୍ଦ୍ରବିନ୍ଦୁ । ତେବେ ସଂକ୍ଷିପ୍ତ ପରିଚୟ ପ୍ରଦାନ ସହ, ଏହାର ବ୍ୟବହାର, କାର୍ଯ୍ୟ କରିବା ଶୈଳୀ, ବିଭିନ୍ନ କ୍ଷେତ୍ର ଓ ସମାଜ ଉପରେ ଏହାର ପ୍ରଭାବକୁ ବିଶ୍ଳେଷଣ କରିବା ହେଉଛି ଏହି ପ୍ରବନ୍ଧର ବିଷୟବସ୍ତୁ ।

**ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କ'ଣ ?**

ସାମ୍ପ୍ରତିକ ସମୟରେ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏ. ଆଇ) ବିଭିନ୍ନ ଶିଳ୍ପରେ ପରିବର୍ତ୍ତନ ଆଣିବା ସହ ଆମର କାର୍ଯ୍ୟ ଏବଂ ଜୀବନଶୈଳୀକୁ ଅତି ଗଭୀର ଭାବରେ ପ୍ରଭାବିତ କରିଛି କହିଲେ ଭୁଲ୍ ହେବ ନାହିଁ । ଏହା ହେଉଛି କମ୍ପ୍ୟୁଟର ବିଜ୍ଞାନର ଏକ କ୍ଷେତ୍ର ଯାହା କାର୍ଯ୍ୟ କରିବାକୁ ସକ୍ଷମ ବୁଦ୍ଧିମାନ ମେସିନ୍ ତିଆରି ଉପରେ ଧ୍ୟାନ ଦେଇଥାଏ । ଏଥିରେ ବହୁ ଆଲଗୋରିଦମ୍ ଏବଂ ମଡେଲଗୁଡିକର ବିକାଶ ଅନ୍ତର୍ଭୁକ୍ତ ହୋଇଛି ଯାହା ମେସିନଗୁଡିକୁ ତଥ୍ୟ, କାରଣ, ନିଷ୍ପତ୍ତି ନେବା ଏବଂ ସମସ୍ୟାର ସମାଧାନ କରିବାକୁ ସକ୍ଷମ କରିଥାଏ । ଏଥିରେ ଅନ୍ତର୍ଭୁକ୍ତ ଥିବା ସବୁ ସବ୍ଫିଲ୍ଡ ଯେପରିକି ମେସିନ୍ ଲର୍ଣ୍ଣିଂ, ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ (ନାଚୁରାଲ୍ ଲାଙ୍ଗୁଏଜ୍ ପ୍ରୋସେସିଂ), କମ୍ପ୍ୟୁଟର ଭିଜନ ଏବଂ ରୋବୋଟିକ୍ସ ଆଦି ଉନ୍ନତ ଟେକ୍ନୋଲୋଜି ବିଶ୍ୱକୁ ନୂଆ ଦିଶା ଦେଖେଇବାରେ ସମର୍ଥ ଅଟନ୍ତି ।

**ଚାଟ୍ ଜିପିଟି କ'ଣ ଓ ଏହାର ଜନ୍ମ ଦାତା କିଏ ?**

Open A.I. (ଓପେନ୍ ଏ.ଆଇ) ଦ୍ୱାରା ବିକଶିତ ଚାଟ୍ ଜିପିଟି (Chat GPT-"ଚାଟ୍ ଜେନେରେଟିଭ୍ ପ୍ରି-ଟ୍ରେନିଂ ଟ୍ରାନ୍ସଫର୍ମର) ହେଉଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଧାରିକ ଏକ ଉନ୍ନତ ଭାଷା ମଡେଲ୍ ଯାହା ଗଭୀର ଶିକ୍ଷଣ ଆଲଗୋରିଦମ୍ ଦ୍ୱାରା ଚାଳିତ । ଏହା ଏକ ଚ୍ୟାଟବଟ ଯାହା ମନୁଷ୍ୟ ପରି ପାଠକୁ ବୁଝିବା ଏବଂ ସ୍ୱୟଂ ସୃଷ୍ଟି କରିବାର କ୍ଷମତା ରଖିଥାଏ । ୩୦ ନଭେମ୍ବର, ୨୦୨୨ରେ ସମଗ୍ର ବିଶ୍ୱରେ ଏହା ଲଞ୍ଚ ହୋଇଛି । ତେବେ Open A.I. ର କାମ କ'ଣ ? Open A.I. ହେଉଛି ଏକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ରିସର୍ଚ୍ଚ ଲାବୋରେଟୋରୀ ଏବଂ କମ୍ପାନୀ ଯାହା ଆର୍ଟିଫିସିଆଲ୍ ଜେନେରାଲ୍ ଇଣ୍ଟେଲିଜେନ୍ସ ମାଧ୍ୟମରେ ମାନବ ସମାଜର କଲ୍ୟାଣ ସକାଶେ ଉନ୍ନତ ବୈଷୟିକ ସେବା ପ୍ରଦାନ କରିବା ଏକମାତ୍ର ଲକ୍ଷ୍ୟ ବୋଲି ଏହାର ସି.ଇ.ଓ. ସାମ ଅଲ୍ଟମ୍ୟାନ୍ ଦାବି କରନ୍ତି ।

ଆଶ୍ଚର୍ଯ୍ୟର ବିଷୟ୍ ଏହା ଯେ, ଗୋଟେ ମେସିନ୍, ଆଲଗୋରିଦମ୍ ବା ଭାଷା ମଡେଲ୍ ମନୁଷ୍ୟ ଭଳି ପାଠକୁ ବୁଝି ତା'ରି ଉପରେ ନିଜସ୍ୱ ଟିପ୍ପଣୀ କିପରି ଦେଇପାରେ। ଆପଣଙ୍କ ମନରେ ଏହି ପ୍ରଶ୍ନ ଉଙ୍କି ମାରୁଛିନା ? ବାସ୍ତବରେ ଏହା କ'ଣ ସମ୍ଭବ ? ହଁ ! ଏହା ସମ୍ଭବ ହୋଇପାରିଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଯୋଗୁଁ। ଆସନ୍ତୁ ସରଳ ଭାଷାରେ ଏହାକୁ ବୁଝିବାକୁ ଚେଷ୍ଟା କରିବା। ଯେମିତି ଗୋଟେ ମନୁଷ୍ୟ ଛୁଆ ଚାରିପାର୍ଶ୍ୱରେ ଉପଲବ୍ଧ ଥିବା ତଥ୍ୟକୁ ନେଇ ଧୀରେ ଧୀରେ ଶିଖିଥାଏ ଏବଂ ଉପଯୁକ୍ତ ତାଲିମ ମାଧ୍ୟମରେ ନିଜର ବୁଦ୍ଧିକୁ ଶାଣିତ କରିଥାଏ, ସେହିଭଳି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଧାରିତ ଆଲଗୋରିଦମ୍ ବା ଭାଷା ମଡେଲ୍ ବହୁ ତଥ୍ୟ ଆଧାରରେ ତାଲିମ ପାଇଥାନ୍ତି ଓ ଶିଖିଥାନ୍ତି। ଯଦି ଆମେ ଚାଟ ଜିପିଟି କଥା କହିବା ତେବେ ଏହା ଇଣ୍ଟରନେଟ୍‌ରେ ଉପଲବ୍ଧ ଥିବା ବିଭିନ୍ନ ପ୍ରକାରର ପାଠକୁ ନେଇ ତିଆରି ହୋଇଥିବା ଏକ ବୃହତ୍ ଡାଟାସେଟ୍ ମାଧ୍ୟମରେ ତାଲିମ ପାଇଥିବା ଏକ ସୁନ୍ଦର ଭାଷା ମଡେଲ୍। ଏହି ବିସ୍ତୃତ ପ୍ରି-ଟ୍ରେନିଂ ମଡେଲକୁ ଭାଷାର ଢାଞ୍ଚା ଓ ଗଠନ ଶିଖିବାକୁ ଅନୁମତି ଦେଇଥାଏ। ଫଳସ୍ୱରୂପ, ଏହା ମାନବ ପରି ପାଠ ସୃଷ୍ଟି କରିପାରେ ଏବଂ ବାର୍ତ୍ତାଳାପରେ ନିୟୋଜିତ ହୋଇପାରେ। ଏଥିପାଇଁ ଏକ ସମନ୍ୱିତ ଏବଂ ପ୍ରାସଙ୍ଗିକ ପାଠ୍ୟ ପ୍ର-ଂଟ ବା ନିର୍ଦ୍ଦେଶଗୁଡିକୁ ବୁଝିବା ଏବଂ ପ୍ରତିକ୍ରିୟା କରିବା ପାଇଁ ମଡେଲ୍ ଡିଜାଇନ୍ କରାଯାଇଛି। ଦିଆଯାଇଥିବା ଇନପୁଟ ବିଶ୍ଳେଷଣ କରିବା, ଅର୍ଥ ବ୍ୟାଖ୍ୟା କରିବା ଏବଂ ଉପଯୁକ୍ତ ପ୍ରତିକ୍ରିୟା ସୃଷ୍ଟି କରିବା ପାଇଁ ଏହା ନାଚୁରାଲ୍ ଲାଙ୍ଗୁଏଜ୍ ପ୍ରୋସେସିଂ କୌଶଳ ବ୍ୟବହାର କରେ।

**ଚାଟ୍ ଜିପିଟି ଆଉ କ'ଣ ସବୁ କରିପାରେ ?**

ଏହାର କ୍ଷମତା ବଳୟକୁ ଯଦି ସଂକ୍ଷେପରେ ଦୃଷ୍ଟି ନିକ୍ଷେପ କରାଯାଏ, ତେବେ ଏହା ବିଶେଷ କରି ପ୍ରଶ୍ନର ଉତ୍ତର ଦେଇପାରେ, ବ୍ୟାଖ୍ୟା ପ୍ରଦାନ କରେ, ପରାମର୍ଶ ଦେଇପାରେ, ମଣିଷ ପରି ବାର୍ତ୍ତାଳାପକୁ ଅନୁକରଣ କରିପାରେ, ଉପଯୋଗୀ ଏବଂ ସୂଚନାପୂର୍ଣ୍ଣ ଉତ୍ତର ପ୍ରଦାନ କରିପାରେ ଏବଂ ସୃଜନଶୀଳ ଲେଖାରେ ମଧ୍ୟ ଜଡ଼ିତ ହୋଇପାରେ। ତା ହେଲେ କ'ଣ ଏହା ଆମ ଦୈନନ୍ଦିନ ଜୀବନରେ ଏକ ନୂଆ ବିପ୍ଳବ ଆଣିପାରେ। ଆଜ୍ଞା ହଁ ! ଏହା ଗ୍ରାହକ ସେବା, ଶିକ୍ଷା, ବିଷୟବସ୍ତୁ- ସୃଷ୍ଟିରେ ଜଡ଼ିତ ଥିବା ବିଭିନ୍ନ ଶିଳ୍ପରେ ବିଶ୍ୱଭରି ବୈଷୟିକ ବିପ୍ଳବ ସୃଷ୍ଟି କରିଛି ଏବଂ ଆମ କାର୍ଯ୍ୟଶୈଳୀରେ ମଧ୍ୟ ପରିବର୍ତ୍ତନ ଆଣିପାରିଛି।

**ଚାଟ୍ ଜିପିଟି ପ୍ରୟୋଗ ଉପରେ ଚାଲନ୍ତୁ ଆଉ ଟିକେ ଅଧିକ ଜାଣିବା -**

ଏହାର ପ୍ରୟୋଗ ଉପରେ ଯଦି ଆଲୋଚନା କରାଯାଏ, ତେବେ ଏହା ଏକ ବିସ୍ତୃତ ଏବଂ ଏକାଧିକ କ୍ଷେତ୍ରରେ ବିସ୍ତାର କରିବାର ସମ୍ଭାବନା ରଖିଥାଏ। ଗ୍ରାହକ ସେବା କ୍ଷେତ୍ରରେ, ଗ୍ରାହକଙ୍କ ପ୍ରଶ୍ନର ତତ୍‌କ୍ଷଣାତ୍ ଏବଂ ବ୍ୟକ୍ତିଗତ ପ୍ରତିକ୍ରିୟା ପ୍ରଦାନ କରିବା, ଉତ୍ପାଦ ସୁପାରିଶ କରିବା ଏବଂ ତ୍ରୁଟି ନିବାରଣ ସହାୟତା ପ୍ରଦାନ କରିବା ପାଇଁ ଏହାକୁ ନିୟୋଜିତ କରାଯାଇପାରେ। ଶିକ୍ଷା କ୍ଷେତ୍ରରେ ଏକ ଭର୍ଚୁଆଲ୍ ଟିଟୋର ଭାବରେ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରେ। ଛାତ୍ରମାନଙ୍କ ପ୍ରଶ୍ନର ଉତ୍ତର ଦେବା, ବ୍ୟାଖ୍ୟା ପ୍ରଦାନ କରିବା ଏବଂ ଭାଷା ଶିକ୍ଷା କରିବାରେ ମଧ୍ୟ ଏହା ସାହାଯ୍ୟ କରିପାରେ। ଛାତ୍ର ଏବଂ ଶିକ୍ଷକ ଉଭୟ ଏହାକୁ ଯେ କୌଣସି ଜଟିଳ ବିଷୟର ସରଳୀକରଣ ବ୍ୟାଖ୍ୟା ପାଇଁ ଇଣ୍ଟରାକ୍‌ଟିଭ୍ ମୋଡରେ ଏହାର ସାହାଯ୍ୟ ନେଇପାରନ୍ତି ଏବଂ ବ୍ୟକ୍ତିଗତ ଶିକ୍ଷା ପାଇଁ ମଧ୍ୟ ବ୍ୟବହାର କରିପାରନ୍ତି। ଏକ ଭର୍ଚୁଆଲ୍ ଆସିଷ୍ଟାଣ୍ଟ ଭାବରେ ଏହା ନିଯୁକ୍ତି ନିର୍ଦ୍ଧାରଣ ଏବଂ ସାଧାରଣ ପ୍ରଶ୍ନର ଉତ୍ତର ଦେବା ଭଳି କାର୍ଯ୍ୟ ସହିତ ଉପଭୋକ୍ତାମାନଙ୍କୁ ସାହାଯ୍ୟ କରିପାରିବ। ବିଷୟବସ୍ତୁ ସୃଷ୍ଟି କ୍ଷେତ୍ରରେ ଏହା ବ୍ଲଗ୍ ପୋଷ୍ଟ, ପ୍ରବନ୍ଧ, ସୋସିଆଲ୍ ମିଡିଆ

ଏବଂ ସୃଜନଶୀଳ ବିଷୟବସ୍ତୁ ସୃଷ୍ଟି କରିପାରିବ । ଏହା ପାଠକୁ ଗୋଟିଏ ଭାଷାରୁ ଅନ୍ୟ ଭାଷାରେ ରୂପାନ୍ତର କରିପାରିବ, ଅନୁସନ୍ଧାନକାରୀଙ୍କୁ ସାହାଯ୍ୟ କରିପାରିବ, ସହାନୁଭୂତିଶୀଳ ବାର୍ତ୍ତାଳାପ ପ୍ରଦାନ କରି ମାନସିକ ସ୍ୱାସ୍ଥ୍ୟ ପ୍ରୟୋଗରେ ନିୟୋଜିତ କରିପାରିବ । ଏହିଭଳି ବହୁ ଦକ୍ଷତାର ଅଧିକାରୀ ଅଟେ ଏହି ଚାଟ୍ ଜିପିଟି ।

**ଚାଲନ୍ତୁ ! ଚାଟ୍ ଜିପିଟିର କିଛି କାର୍ଯ୍ୟ ସମୂହକୁ ଦୃଷ୍ଟାନ୍ତ ସହିତ ବୁଝିବା ।**

ଚାଟ୍ ଜିପିଟିକୁ ପ୍ରଶ୍ନ ପଚାରିବା ପାଇଁ ହେଲେ, ଏହାର ଅନଲାଇନରେ ଉପଲବ୍ଧ ଥିବା ପ୍ର-ଟକୁ ବ୍ୟବହାର କରିବାକୁ ପଡିବ । ପ୍ରଥମେ ଗୁଗଲରେ ଟାଇପ୍ କରନ୍ତୁ, "ଚାଟ ଜିପିଟି ଲଗିଂ" ଏବଂ ପ୍ରଥମେ ଲିଙ୍କକୁ (ବା ଏହି ଲିଙ୍କକୁ http://chat.openai.com/auth/login) କ୍ଲିକ୍ କରି ସେଥିରେ ନିଜ ମେଲ୍ ଆଇଡି ଦେଇ ରେଜିଷ୍ଟ୍ରେସନ୍ (ସାଇନ୍ ଅପ୍) କରନ୍ତୁ ଏବଂ ତାପରେ ଏହାର ପ୍ର-ଟକୁ ବ୍ୟବହାର କରନ୍ତୁ ।  ପ୍ରଥମେ ଗୋଟିଏ ପ୍ରଶ୍ନକୁ ଭାବନ୍ତୁ ଏବଂ ପ୍ର-ଟରେ ଟାଇପ୍ କରନ୍ତୁ । ଆପଣ ଯେ କୌଣସି ଭାଷାର ବ୍ୟବହାର କରିପାରିବେ । ଯେମିତିକି ଓଡ଼ିଆ, ହିନ୍ଦୀ, ଇଂଲିଶ ଇତ୍ୟାଦି । ଇଂରାଜୀ ତୁଳନାରେ ଓଡ଼ିଆରେ ଏହାର ଦକ୍ଷତା ସୀମିତ । ତଥାପି ଏହା ଉତ୍ତର ଦେବାରେ ସକ୍ଷମ ।

ପ୍ରଶ୍ନ-୧ - "ଉପେନ୍ଦ୍ର ଭଞ୍ଜ କିଏ ?"   ୨- ଉପେନ୍ଦ୍ର ଭଞ୍ଜ କିଏ ?  ପାଞ୍ଚୋଟି ବାକ୍ୟରେ କୁହ । ୩- ଉପେନ୍ଦ୍ର ଭଞ୍ଜଙ୍କ ପାଞ୍ଚୋଟି କାବ୍ୟକୁ ଟେବୁଲର ଫର୍ମାଟରେ ଲେଖ । ଯେଉଁଥିରେ ଆଖ୍ୟା, ଉତ୍ପାଦନ ଏବଂ ପ୍ରକାଶନ ବର୍ଷ ଥିବ । ୪- "ବୈଦେହିଶ ବିଳାସରେ କବିଙ୍କ ସମାଜ ପ୍ରତି ଦେଇଥିବା ବାର୍ତ୍ତାକୁ ତିନୋଟି ବାକ୍ୟରେ ଉଲ୍ଲେଖ କର ।",  ୫- "ବୈଦେହିଶ ବିଳାସର ସାରାଂଶକୁ ସାଧାରଣ ଭାଷାରେ ପାଞ୍ଚୋଟି ବାକ୍ୟରେ ପ୍ରକାଶ କର ।" ପାଠକମାନଙ୍କୁ ଅନୁରୋଧ । ଉପରୋକ୍ତ ପ୍ରଶ୍ନମାନଙ୍କୁ ପୁନରାୟ ଇଂଲିଶରେ ଟାଇପ୍ କରନ୍ତୁ (ଯଥା - ହୁ ଇଜ୍ ଉପେନ୍ଦ୍ର ଭଞ୍ଜ? ଇତ୍ୟାଦି) ଏବଂ ଏହାର ଆଉଟ୍‌ପୁଟ୍‌କୁ ଅନୁଧ୍ୟାନ କରନ୍ତୁ । ଅତି ସୁନ୍ଦର ।

**ଚାଟ୍ ଜିପିଟି ଗୁଗୁଲ୍ ସର୍ଚ ଠାରୁ କିପରି ଭିନ୍ନ ?**

ସଂକ୍ଷେପରେ କହିଲେ, ଉଭୟ ଚାଟ୍ ଜିପିଟି ଏବଂ ଗୁଗୁଲ ସର୍ଚ ଇନପୁଟ ପ୍ରକ୍ରିୟାକରଣ ଏବଂ ପ୍ରଯୁଜ୍ୟ ଆଉଟପୁଟ୍ ପ୍ରଦାନ କରିବା ଜଡ଼ିତ, ସେମାନେ ସେମାନଙ୍କର ଉଦ୍ଦେଶ୍ୟ, ପାରସ୍ପରିକ ଶୈଳୀ ଏବଂ କାର୍ଯ୍ୟକାରିତା ପରିସର ମଧ୍ୟରେ ଭିନ୍ନ ଅଟନ୍ତି । ଚାଟ୍ ଜିପିଟି ମାନବୀୟ ବାର୍ତ୍ତାଳାପକୁ ଅନୁକରଣ କରିବା ଏବଂ ପ୍ରସଙ୍ଗଗତ ସମ୍ବନ୍ଧୀୟ ପ୍ରତିକ୍ରିୟା ସୃଷ୍ଟି କରିବା ଉପରେ ଧ୍ୟାନ ଦେଇଥାଏ, ଯେତେବେଳେ କି ଗୁଗଲ୍ ସର୍ଚ ବ୍ୟବହାରକାରୀଙ୍କ ପ୍ରଶ୍ନ ଉପରେ ଆଧାର କରି ଇଣ୍ଟରନେଟ୍‌ର ବିସ୍ତୃତ ସ୍ଥାନରୁ ସୂଚନା ପୁନରୁଦ୍ଧାର କରିବାରେ ଗୁରୁତ୍ୱ ଦେଉଥାଏ ।

ଚାଟ୍ ଜିପିଟି ଦକ୍ଷତା ବିଷୟରେ ଜାଣିଲା ପରେ ଆପଣଙ୍କ ମନରେ କିଛି ପ୍ରଶ୍ନ ନିହାତି ସୃଷ୍ଟି ହେଉଥିବ । ଠିକ୍ କହିଲିନା । ଚାଲନ୍ତୁ ମନ ଭିତରେ ଉଠୁଥିବା କିଛି ପ୍ରଶ୍ନକୁ ସାମ୍ନାକୁ ଆଣିବା ଓ ବିଶ୍ଳେଷଣ କରିବା ।

**ଚାଟ୍ ଜିପିଟି ମଣିଷର ସୃଜନଶୀଳତାକୁ ନଷ୍ଟ କରିବ କି ?**

ସୁନ୍ଦର ପ୍ରଶ୍ନ ! ଏହାର ଉତ୍ତର ଉଭୟ ହଁ ଏବଂ ନାଁ ହୋଇପାରେ ଯାହାକି ଏହା ବ୍ୟବହାର କରୁଥିବା ଉପଭୋକ୍ତା ଉପରେ ନିର୍ଭର କରେ । ଏହା ସମସ୍ୟାର ସମାଧାନ ପାଇଁ ଭିନ୍ନ ଦୃଷ୍ଟିକୋଣ ଦେଇପାରେ, ସୃଜନଶୀଳତା ମାଧ୍ୟମରେ ସମସ୍ୟାର ଗଭୀରତାକୁ ଯାଇ ସମାଧାନର ଉପାୟ ଶିଖେଇ ପାରେ, ଯାହା ନୂତନ ଚିନ୍ତାଧାରା ଏବଂ ପ୍ରେରଣା ଯୋଗାଇ ମାନବ ସୃଜନଶୀଳତାକୁ ବଢାଇପାରେ । ଏହାଦ୍ୱାରା ପ୍ରେରିତ ତଥ୍ୟକୁ ନକଲ କରିବା ପରିବର୍ତ୍ତେ ଏହାର ସମସ୍ୟା ସମାଧାନ କରିବାର କୌଶଳକୁ ଆମ ସମସ୍ତଙ୍କୁ ଶିଖିବା ଉଚିତ୍ ।

**ଚାଟ୍ ଜିପିଟି କ'ଣ ଚାକିରୀ କ୍ଷେତ୍ରରେ ସମସ୍ୟା ଆଣିପାରେ, ଲୋକଙ୍କୁ କ'ଣ ଚାକିରୀ ଶୂନ୍ୟ କରିପାରେ ?**

ଚାକିରୀ କ୍ଷେତ୍ରରେ ଏହାର ନିଶ୍ଚିତ ପ୍ରଭାବ ରହିଛି , ଯାହା ଆମେ ନିର୍ଭର କରେ, ଏହା କିପରି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ପରିବେଷଣରେ ବ୍ୟବହୃତ ହୁଏ। ଏହା ଚାକିରୀ ବଜାରରେ ପରିବର୍ତ୍ତନ ଆଣିପାରେ ଏବଂ କର୍ମଚାରୀମାନଙ୍କୁ ସେମାନଙ୍କର ଦକ୍ଷତା, ଅଦ୍ୟତନ ଏବଂ ନବୀକରଣ, ତଥା ପାର-ରିକ ପଦ୍ଧତିରୁ ବାହାରକୁ ଆସି ସମସ୍ୟାର ସମାଧାନ ପାଇଁ ଅଧିକ ସୃଜନଶୀଳତା ବ୍ୟବହାର କରିବା ପାଇଁ ଉତ୍ସାହିତ କରିପାରେ। ଏହା ନୂତନ ଚାକିରୀ ସୁଯୋଗକୁ ମଧ୍ୟ ଆଣିପାରେ। ନିଯୁକ୍ତିଦାତା ମାନଙ୍କୁ ମନେ ରଖିବାକୁ ହେବ ଯେ, ଏହା ଏକ ଭାଷା ମଡେଲ୍। ଏହାର ଉଦ୍ଦେଶ୍ୟ ହେଉଛି ମଣିଷକୁ ସମର୍ଥନ କରିବା, ସେମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱୀତା କରିବା ନୁହେଁ। ଅଧିକନ୍ତୁ, କର୍ମକ୍ଷେତ୍ରରେ ସେମାନଙ୍କ ସୁବିଧା ପାଇଁ ଚାଟ୍ ଜିପିଟି ପରି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉପକରଣଗୁଡିକ ବ୍ୟବହାର କରିବା ବ୍ୟକ୍ତି ଏବଂ ସଂଗଠନ ଉପରେ ନିର୍ଭର କରେ।

**ସମାଜ ଉପରେ ଏହାର କିଭଳି ପ୍ରଭାବ ପଡିବ ?**

ଯେଉଁମାନେ ପାର-ରିକ ଶିକ୍ଷାଗତ ଉତ୍ସଗୁଡିକ ପାଇପାରନ୍ତି ନାହିଁ, ସେମାନଙ୍କୁ ଏହା ମାର୍ଗଦର୍ଶନ ଏବଂ ଜ୍ଞାନ ପ୍ରଦାନ କରିପାରିବ। ଏହା ଜ୍ଞାନ ବ୍ୟବଧାନକୁ ଦୂର କରିପାରିବ ଏବଂ ବିଭିନ୍ନ ପ୍ରସଙ୍ଗରେ ସୂଚନା ଏବଂ କୌଶଳ ହାସଲ କରିବାକୁ ଉପଭୋକ୍ତାମାନଙ୍କୁ ସଶକ୍ତ କରିପାରିବ। ଏକାଧିକ ଭାଷାରେ ଯୋଗାଯୋଗ କରିବା ପାଇଁ ଏହାର ସାମର୍ଥ୍ୟ ଭାଷା ପ୍ରତିବନ୍ଧକକୁ ଭାଙ୍ଗି ବିଶ୍ୱର ଯୋଗାଯୋଗ ଏବଂ ସହଯୋଗକୁ ସୁଗମ କରିପାରିବ।

**ସମାଜରେ ଏହାର ନୈତିକ ପ୍ରଭାବକୁ କିପରି ବିଶ୍ଳେଷଣ କରିବା ?**

ଯଦିଓ ଏହା ଅନେକ ସମ୍ଭାବନା ଉପସ୍ଥାପନ କରୁଥାଏ, ଆମ ସମସ୍ତଙ୍କୁ ଏହାର ନୈତିକ ମୂଲ୍ୟବୋଧ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ତାଲିମ୍ ତଥ୍ୟ, ଭୁଲ୍ ତଥ୍ୟ ପ୍ରଚାର ଏବଂ ଅପବ୍ୟବହାରର ସମ୍ଭାବନା ହେଉଛି ଏହା ପ୍ରତି ଏକ ଆହ୍ୱାନ ଯାହା ସମାଧିତ ହେବା ଆବଶ୍ୟକ। ଗୋପନୀୟତା ଏବଂ ଦାୟିତ୍ୱ ନିୟୋଜନରେ ପକ୍ଷପାତିତା ଭଳି ନୈତିକ ବିଚାରକୁ ମଧ୍ୟ ସମାଧାନ କରାଯିବା ଉଚିତ୍।

ମୋ ମତରେ, ଚାଟ୍ ଜିପିଟି ମାନବୀୟ ଜ୍ଞାନର ଏକ ବିକଳ୍ପ ନୁହେଁ ବରଂ ମାନବ ଦକ୍ଷତା ବୃଦ୍ଧି ପାଇଁ ଏହା ଏକ ସୁନ୍ଦର ଉପକରଣ। ଚାଟ୍ ଜିପିଟି ପରି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଟେକ୍ନୋଲୋଜିର ଦାୟିତ୍ୱପୂର୍ଣ୍ଣ ବିକାଶ, ନିୟୋଜନ ଏବଂ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ଆମ ସମସ୍ତଙ୍କୁ ଏବଂ Open A.I. ତଥା ଅନ୍ୟାନ୍ୟ ସଂସ୍ଥାମାନଙ୍କୁ ସକ୍ରିୟ ଭାବରେ କାର୍ଯ୍ୟ କରିବା ଉଚିତ୍। ଏହାର ଉପାଦେୟତାକୁ ଆମେ ଉପଲବ୍ଧି କରି, ଏହାକୁ ମାନବ କଲ୍ୟାଣ ନିମନ୍ତେ ସଠିକ୍ ଭାବରେ ବ୍ୟବହାର କଲେ, ଏହା ଏକ ବିରାଟ ବୈଷୟିକ ବିପ୍ଳବ ଆଣିବାରେ ସକ୍ଷମ ହୋଇପାରିବ।

***ବିଶେଷ ଦ୍ରଷ୍ଟବ୍ୟ - ପାଠକଙ୍କ ଉଦ୍ଦେଶ୍ୟରେ ପ୍ରବନ୍ଧକୁ ଓଡ଼ିଆ ଭାଷାରେ ଲେଖିବା ପାଇଁ ଲେଖକ ବହୁ ତଥ୍ୟ ସଂଗ୍ରହ ଏବଂ ସଙ୍କଳନ ପାଇଁ ଚାଟ୍ ଜିପିଟି, ଗୁଗୁଲ୍ ଟୁଲ୍ସ ଏବଂ ଇଣ୍ଟରନେଟ୍‌ର ବ୍ୟବହାର କରିଛନ୍ତି ।***



# ଆଧ୍ୟାତ୍ମିକ ଭିତ୍ତିକ ଶିକ୍ଷା

• ***ନଳିନୀକାନ୍ତ ଖୁଣ୍ଟିଆ***
ଯୁକ୍ତ ତିନି ଓ ସ୍ନାତକୋତ୍ତର
ଆଡମିଶନ୍ ବିଭାଗ

ମାନବ ପଶୁତ୍ୱ, ମନୁଷ୍ୟତ୍ୱ ଓ ଦିବ୍ୟତ୍ୱର ଏକ ବିଚିତ୍ର ମିଶ୍ରଣ ଏବଂ ଶିକ୍ଷାର ମୌଳିକ ଉଦ୍ଦେଶ୍ୟ ହେଉଛି ତା'ର ଅନ୍ତର୍ନିହିତ ପଶୁତ୍ୱକୁ ଅବଦମିତ କରି ମନୁଷ୍ୟତ୍ୱକୁ ଦିବ୍ୟତ୍ୱରେ ରୂପାନ୍ତରିତ କରିବା ବା ତାହାର ବୃତ୍ତି (ଗୁଣ)ର ରୂପାନ୍ତରଣ କରିବା । ବୌଦ୍ଧିକ ଶକ୍ତିକୁ ଉଦ୍ଦୀପିତ କରି ବିଦ୍ୟାର୍ଥୀକୁ ପବିତ୍ର, ଏକାଗ୍ରଚିତ୍ତ, ସତ୍‌ସାହସୀ ଓ ଆତ୍ମସଂଯମୀ କରାଇବା ଶିକ୍ଷାର କାର୍ଯ୍ୟ । ଶିକ୍ଷା ଏକାନ୍ତ ଭାବେ ମନୁଷ୍ୟଗଠନକାରୀ ଏବଂ ଚରିତ୍ର ନିର୍ମାଣକାରୀ ହେବା ଆବଶ୍ୟକ । ତେବେ ଯାଇ ଶିକ୍ଷା ନୈତିକ, ବୌଦ୍ଧିକ, ସାଂସ୍କୃତିକ, ପାର୍ଥିବ ତଥା ଆଧ୍ୟାତ୍ମିକ ଜୀବନ କ୍ଷେତ୍ରରେ ବିଦ୍ୟାର୍ଥୀର ଅନ୍ତର୍ନିହିତ ଶକ୍ତିର ପୂର୍ଣ୍ଣାଙ୍ଗ ବିକାଶ ସାଧନ କରିପାରିବ । ମହାପୁରୁଷମାନଙ୍କ ମତ ଅନୁଯାୟୀ ଆଧ୍ୟାତ୍ମିକ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଧର୍ମ ମଧ୍ୟ ଦେଇ ଏହି ଅଧଃପତିତ ଜାତିକୁ ଉନ୍ନତ କରି ଗଢି ତୋଳିବାକୁ ଓ ଏମାନଙ୍କ ମଧ୍ୟରେ ସେହି ପ୍ରାଚୀନ ଯୁଗର ଋଷିମାନଙ୍କର ମହାନ୍ ଆଦର୍ଶକୁ ପ୍ରସ୍ଫୁଟିତ କରି ମାନବ ଜାତିକୁ ଶ୍ରେଷ୍ଠଦାନ, ଆତ୍ମାର ସ୍ୱରୂପ ଜ୍ଞାନ ଦାନ କରିବାକୁ ।

ମନୁଷ୍ୟର ସାମୂହିକ ବିକାଶ ହିଁ ଶିକ୍ଷାର ଲକ୍ଷ୍ୟ । ସ୍ୱାମୀ ନିଗମାନନ୍ଦ, ସ୍ୱାମୀ ରାମକୃଷ୍ଣ, ଶ୍ରୀ ବିବେକାନନ୍ଦ, ଶ୍ରୀଅରବିନ୍ଦ ଓ ମହାତ୍ମାଗାନ୍ଧୀଙ୍କ ମତାନୁଯାୟୀ ଶିକ୍ଷା ମନୁଷ୍ୟକୁ ଏକ ପୂର୍ଣ୍ଣାଙ୍ଗ ସ୍ୱୟଂସଂପୂର୍ଣ୍ଣ ତଥା ସବୁ ଦୃଷ୍ଟିରୁ ଏକ ସୁନ୍ଦରତମ ମଣିଷରେ ପରିଣତ କରାଏ । ପ୍ରକୃତ ଶିକ୍ଷା, ଦେହ, ମନ, ବୁଦ୍ଧି ଓ ଆତ୍ମାର ସମାନୁପାତିକ ବିକାଶ ଘଟାଏ ଏବଂ ମନୁଷ୍ୟକୁ ଦେବତା, ଈଶ୍ୱର ଓ ବ୍ରହ୍ମରେ ପରିଣତ କରାଏ । ତା ହେଲେ ଧରାଧାମରେ ପ୍ରାଣୀଜଗତର କ୍ରମବିକାଶ ତ୍ୱରାନ୍ୱିତ ହେବା ସମ୍ଭବ ହୁଏ ।

ଭାରତ ବର୍ଷର ଦର୍ଶନ, ସଂସ୍କୃତି ଓ ଆଧ୍ୟାତ୍ମିକତା, ବ୍ରହ୍ମବାଦ, ଗୁରୁବାଦ, ଶାସ୍ତ୍ରବାଦ, ଜ୍ଞାନବାଦ ଓ ଭକ୍ତିବାଦର ଭିତ୍ତିଭୂମି ଉପରେ ଦଣ୍ଡାୟମାନ । ଦେବଭୂମି, ବେଦଭୂମି ଓ ମୁନିଋଷିଙ୍କର ପବିତ୍ର ଭୂମି ଅଟେ ଭାରତବର୍ଷ । ସଦ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ଭାଷାରେ "ଆଧ୍ୟାତ୍ମିକତାର ଚରମ ସୀମାରେ ଉପନୀତ ହୋଇଥିବା ଭାରତ ବର୍ଷ, ସମଗ୍ର ବିଶ୍ୱର ଧର୍ମଗୁରୁ ରୂପେ ପୃଥିବୀ ଦରବାରରେ ବିଦିତ ହେବା ସଂଗେ ସଂଗେ ସମ୍ମାନୀତ ଓ ବନ୍ଦିତ ହେବ । ଭାରତ ବର୍ଷର ଯଦି କେବେ ଉନ୍ନତି ହୁଏ, ଏକମାତ୍ର ଗୁରୁବାଦ ମାଧ୍ୟମରେ ସମ୍ଭବ ।" ଆଧ୍ୟାତ୍ମିକତାର ପ୍ରଣବ ବା ମୂଳଧ୍ୱନି, ଗୁରୁ ମନ୍ତ୍ରର ନୈସର୍ଗିକ ଝଙ୍କାରରେ ପ୍ରତିଧ୍ୱନିତ ହୋଇ ଭାରତୀୟ ଐତିହ୍ୟ ତଥା ସଂସ୍କୃତିକୁ ଶିକ୍ଷାରୂପକ ଦିବ୍ୟ ତଥା ଉଜ୍ଜ୍ୱଳ ଜ୍ୟୋତିରେ ଉଦ୍‌ଭାସିତ କରିଅଛି ।

ପ୍ରାଚୀନ ଭାରତରେ ଗୁରୁକୁଳାଶ୍ରମରେ ଛାତ୍ରଟିଏ ପ୍ରବେଶ କରି ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ପୂର୍ବକ ବେଦ, ବେଦାନ୍ତ, ଗୀତା, ଭାଗବତ ଓ ପୁରାଣଶାସ୍ତ୍ର ଅଧ୍ୟୟନ କରି ଆତ୍ମସଂଯମତା ଲାଭ କରିବା ପରେ ସଂସାରାଶ୍ରମରେ ପ୍ରବେଶ କରି

ଜଣେ ଆଦର୍ଶ ଗୃହସ୍ଥ ଭାବେ ନିଜକୁ ପଠିତ ବିଦ୍ୟାରେ ଗଠିତ କରିପାରୁଥିଲା। ଏତଦ୍ ବ୍ୟତୀତ ଛାତ୍ରଟି ସାଂସାରିକ, ଆଧ୍ୟାତ୍ମିକ ଓ ବୈଷୟିକ ବିଦ୍ୟା ଏକ ସ୍ଥାନରୁ ପ୍ରାପ୍ତ ହୋଇ ପୂର୍ଣ୍ଣ ମନୁଷ୍ୟରେ ପରିଣତ ହୋଇପାରୁଥିଲା।

ସାଂପ୍ରତିକ ପରିସ୍ଥିତିରେ ବର୍ତ୍ତମାନ ଶିକ୍ଷା ପଦ୍ଧତିର ଧାରା ସଂପୂର୍ଣ୍ଣ ଭାବରେ ନିରାଶ କରେ। ଆମର ପ୍ରଚଳିତ ଶିକ୍ଷା ପଦ୍ଧତିର ଧାରା ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମାନବତ୍ୱ ଓ ଦେବତ୍ୱର ଜାଗରଣ ନିମିତ୍ତ ସମର୍ଥ ହୋଇପାରୁନାହିଁ। ବରଂ ବହୁ ଉଚ୍ଚଶିକ୍ଷିତଙ୍କ ଜୀବନରେ ବିକୃତିର ମାତ୍ରା ଅଶିକ୍ଷିତ ବ୍ୟକ୍ତିମାନଙ୍କ ଠାରୁ ଅଧିକ। ଆଜି ବହୁ ଶିକ୍ଷିତ ବ୍ୟକ୍ତି ବ୍ୟକ୍ତିକୈନ୍ଦ୍ରିକ, ଅସହନଶୀଳ, ନିଷ୍ଠୁର, ସ୍ୱାର୍ଥପର ଏବଂ ପାର୍ଥିବ ସମ୍ଭୋଗ ଓ ସମୃଦ୍ଧି ଅଭିମୁଖୀ ତଥା ଖ୍ୟାତି ଓ କ୍ଷମତା ନିମିତ୍ତ ସବିଶେଷ ଲାଳାୟିତ ଏବଂ ସକଳ ପ୍ରକାର ହୀନମନ୍ୟତା ଅବଲମ୍ବନ କରି ନିଜର ସ୍ୱାର୍ଥକୁ ବାସ୍ତବତାର ସ୍ପର୍ଶ ପ୍ରଦାନ କରିବାକୁ ସେମାନେ ଦାନବୀୟ କ୍ଷୁଧା ଦ୍ୱାରା ପରିଚାଳିତ।

ଯେଉଁ ଶିକ୍ଷାପଦ୍ଧତି ଛାତ୍ରକୁ ଶାନ୍ତ, ସରଳ, ସହନଶୀଳତା, ସଂଯମୀ, ସାହସୀ ହୋଇ "ବସୁଧୈବ କୁଟୁମ୍ବକମ୍" ମନ୍ତ୍ରରେ ଦୀକ୍ଷିତ କରିବାକୁ ଉଦ୍ଦିଷ୍ଟ ; ତାହା ଆଜି ଛାତ୍ରଟିକୁ ଅଶାନ୍ତ, କୁଟିଳ, ଅସହନଶୀଳ, ଅସଂଯମୀ, ଆତ୍ମକୈନ୍ଦ୍ରିକ ଓ ଆତ୍ମସ୍ୱାର୍ଥ ସନ୍ଧାନୀ କରୁଅଛି। ଆଜିର ଶିକ୍ଷା ପଦ୍ଧତି ଏପରି ଜୀବିକା ଧର୍ମୀ ଯେ ଫଳତଃ ଜୀବନର ପରିମାର୍ଜନ ବା ବିକାଶ ହେଉନାହିଁ।



ଆଜି ଶିକ୍ଷା ଛାତ୍ରକୁ ଚରିତ୍ର ଗଠନ, ସତ୍ୟାନୁସରଣ ନିମିତ୍ତ ପ୍ରେରଣା ପ୍ରଦାନ କରୁନାହିଁ। ପରନ୍ତୁ ଜୀବିକା ଅର୍ଜନ ନିମିତ୍ତ ବୃତ୍ତିର ସନ୍ଧାନ ପାଇଁ ପ୍ରେରଣା ପ୍ରଦାନ କରୁଅଛି। ତେଣୁ ଦୟା, କ୍ଷମା, ପ୍ରେମ-ପ୍ରୀତି, ସାହସ-ସଂଯମ, ଗୁରୁଭକ୍ତି, ଈଶ୍ୱର ପ୍ରଣିଧାନ, ସତ୍ୟାନୁଶୀଳନକୁ ପରିତ୍ୟାଗ କରି ସେ ଆଜି ଅନୈତିକ ଜୀବନ ତୋରଣତଳେ। ଆଜିର କ୍ଷମତା କୈନ୍ଦ୍ରିକ ରାଜନୀତି ସରଳ, ନିଷ୍ପାପ ଛାତ୍ର ସମାଜକୁ କଳୁଷିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଆଜିକାଲିର ପାଠ୍ୟଖସଡ଼ା ନୈତିକ ଶିକ୍ଷାଦାନରୁ ଦୂରେଇ ଯାଇ କେବଳ ବିଜ୍ଞାନ ତଥା ପ୍ରଯୁକ୍ତି ବିଦ୍ୟାଭିତ୍ତିକ ହେବାରେ ଲାଗିଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଅଧିକ ଧୀଶକ୍ତି ସ-ନ୍ନ ହେଉଛନ୍ତି ସତ, ସେମାନେ ଅନ୍ୟାୟ, ଅନୀତି, ଶଠତା, ପରିଶ୍ରମ କାତରତା, ସ୍ୱାର୍ଥପରତା, ବିଦେଶପ୍ରୀତି, ଜାତୀୟ ସଂପତ୍ତିର ଅପଚୟ ଭଳି ଦାନବୀୟ ପ୍ରବୃତ୍ତିର ବାହକ ହୋଇ ଯାଉଛନ୍ତି। ଏଣୁ ପାଠ୍ୟଖସଡା ମାନଙ୍କରେ ନୈତିକ ଶିକ୍ଷାର ସୁବ୍ୟବସ୍ଥା ରହିବା ଦରକାର। ବନ୍ୟା, ମରୁଡି ଓ ବାତ୍ୟା ସମୟରେ ରିଲିଫ୍ ସଂଗ୍ରହ, ଖାଦ୍ୟ ପଦାର୍ଥ ବଣ୍ଟନ ତଥା ସେବା କାର୍ଯ୍ୟରେ ଛାତ୍ରଛାତ୍ରୀମାନଙ୍କୁ ନିୟୋଜିତ କରିବା ଆବଶ୍ୟକ। ସେବା ସହାୟେ ଚିତ୍ତଶୁଦ୍ଧି ଓ ଏହି

ସେବା ସମସ୍ତ ଆଧ୍ୟାତ୍ମିକ ଶକ୍ତିର ମୂଳଉତ୍ସ । ଏଣୁ କରି ପ୍ରତିଦିନ ବିଦ୍ୟାଳୟମାନଙ୍କରେ ଆୟୋଜିତ ପ୍ରାର୍ଥନା ସଭାରେ ନୈତିକତା ଓ ଆଧ୍ୟାତ୍ମିକ ଶିକ୍ଷା ସମ୍ବନ୍ଧୀୟ ଟିପ୍ପଣୀ ଶିକ୍ଷକ, ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରିବା ଉଚିତ ।

ଉପନିଷଦୀୟ ଚିନ୍ତା ଚେତନାର ଅଗ୍ରଦୂତ ସ୍ୱାମୀ ବିବେକାନନ୍ଦ ଶିକ୍ଷାର ସଂଜ୍ଞା ନିରୂପଣ କରିବାକୁ ଯାଇ ବ୍ୟକ୍ତ କରିଥିଲେ ଯେ, "ଶିକ୍ଷା ହେଉଛି ମଣିଷର ଅନ୍ତର୍ନିହିତ ପୂର୍ଣ୍ଣତାର ପରିପ୍ରକାଶ ।" ସେହି ପରିପ୍ରକାଶ ନିମିତ୍ତ ଆମର ସମାଜ, ସରକାର ଓ ସମ୍ବିଧାନ ଉଦ୍ୟମ ରତ କି ? ଶିକ୍ଷା ମାଧ୍ୟମରେ ନୈତିକ ଅବକ୍ଷୟର ନିୟନ୍ତ୍ରଣ ପୂର୍ବକ ସାମାଜିକ ଅଧଃପତନକୁ ପ୍ରତିହତ କରିବାକୁ ଜନଚେତନାର ଜାଗରଣ ଏକାନ୍ତ ଆବଶ୍ୟକ ।

ବହୁବିଧ କର୍ମପଦ୍ଧତି ଦ୍ୱାରା ଶିକ୍ଷା ମନୁଷ୍ୟକୁ ଦୟା, କ୍ଷମା, କରୁଣା, ସହନଶୀଳତା, ସହଯୋଗ, ସାହଚର୍ଯ୍ୟ, ସହାନୁଭୂତି ଓ ଭ୍ରାତୃଭାବ ସ-ନ୍ନ ସାମାଜିକ ସଦସ୍ୟ ରୂପେ ଗଢିତୋଳେ । ଛାତ୍ର ସମାଜରେ ସ୍ୱାସ୍ଥ୍ୟଶିକ୍ଷା ପ୍ରଚଳନ ନିମିତ୍ତ ଯୋଗଶିକ୍ଷାର ପ୍ରୟୋଗ ଅତ୍ୟନ୍ତ ଜରୁରୀ । "ଶରୀରଂ ମାଦ୍ୟଂଖଳୁ ଧର୍ମ ସାଧନଂ"- ଅର୍ଥାତ୍ ସ୍ୱାସ୍ଥ୍ୟ ଶିକ୍ଷାର ଲକ୍ଷ୍ୟ । ଏଥି ନିମିତ୍ତ ବିଭିନ୍ନ ପ୍ରକାର ଆସନ ପ୍ରାଣାୟାମ ଓ ସୂର୍ଯ୍ୟ ନମସ୍କାର ସମ୍ବନ୍ଧୀୟ ଶିକ୍ଷା ପ୍ରୟୋଗ କରାଯିବା ଉଚିତ୍ । ସୁତରାଂ ଶିକ୍ଷା ମନୁଷ୍ୟର ଶାରୀରିକ, ମାନସିକ, ବୌଦ୍ଧିକ, ଆଧ୍ୟାତ୍ମିକ ଓ ଆର୍ଥିକ ଅଭିବୃଦ୍ଧି ମଧ୍ୟରେ ସମନ୍ୱୟ ସ୍ଥାପନ କରି ଏକ ଆଦର୍ଶ ସାମାଜିକ ତଥା ବୀର୍ଯ୍ୟବାନ୍ ବ୍ୟକ୍ତିତ୍ୱ ଗଠନରେ ସାହାଯ୍ୟ କରିପାରିବ ।

ପରିଶେଷରେ ପ୍ରକାଶ ଥାଉକି, ପ୍ରାଥମିକ ସ୍ତରଠାରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଶିକ୍ଷାଯୁକ୍ତ ହୋଇ ବିଦ୍ୟାର୍ଥୀ ଶିକ୍ଷା ଅର୍ଜନ କଲେ ପୂର୍ଣ୍ଣାଙ୍ଗ ମାନବ ହେବା ସଙ୍ଗେ ସଙ୍ଗେ ସମାଜର ପ୍ରଭୂତ କଲ୍ୟାଣ ସାଧିତ ହେବ ।

**ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା' କଶ୍ଚିତ୍ ଦୁଃଖଭାଗ ଭବେତ୍ ।**

**ସର୍ବେ ସ୍ତରତୁ ଦୁର୍ଗାଣି ସର୍ବେ ଭଦ୍ରାଣି ପଶ୍ୟତୁ, ସର୍ବ କାମନୋବାପ୍ନୋତୁ ସର୍ବଃ ସର୍ବତ୍ର ନନ୍ଦତୁ ॥**

**ଶିବମସ୍ତୁ ସର୍ବଜଗତାଂ ପରହିତ ନିରତା ର୍ଭବନ୍ତୁ ଭୂତଗଣାଃ, ଦୋଷାଃ ପ୍ରୟାନ୍ତୁ ଶାନ୍ତାଃ ସୁଖିନୋ ଭବନ୍ତୁ ଲୋକାଃ ।।।**

**ଓଁ ଶାନ୍ତିଃ ! ଶାନ୍ତିଃ !! ଶାନ୍ତିଃ !!!**

# ଦୁହିତା




• **ମଧୁସ୍ମିତା ମହାନ୍ତି**
ସ୍ନାତକୋତ୍ତର ପ୍ରଥମ ବର୍ଷ
ଉଦ୍ଭିଦ ବିଜ୍ଞାନ ବିଭାଗ


କଥାରେ ଅଛି "ଦୁହିତା ଦୁଇ କୁଳକୁ ହିତା ନଚେତ୍ ଦୁଇ କୁଳକୁ ପିତା" ସବୁ ଜିନିଷର ଯେପରି ପଜେଟିଭ୍ ଆଉ ନେଗେଟିଭ୍ ଦୁଇଟି ସାଇଟ୍ ରହିଛି, ଠିକ୍ ସେମିତି ବିବାହ ଏକ ପବିତ୍ର ବନ୍ଧନ ଯଦି ଉଚିତ୍ ମଣିଷ ସହ ଆପଣ ବାନ୍ଧି ହୋଇଯାଆନ୍ତି ତେବେ ତ ଜୀବନ ସ୍ୱର୍ଗ ପରି ମଧୁମୟ ହୋଇଯାଏ ଆଉ ଯଦି ଭୁଲ୍ ମଣିଷ ସହ ବାନ୍ଧି ହୋଇଯାଆନ୍ତି ନା ତେବେ ଜୀବନ ନର୍କଠାରୁ ବି ହୀନ ପ୍ରତୀତ ହୁଏ।

"ନାରୀ" ଶବ୍ଦର ଅର୍ଥ 'ନ'ରୁ ନିଷ୍କଳଙ୍କ ପ୍ରତିମା ଏବଂ 'ର'ରୁ ନିରୂପମା। ନାରୀର ଜୀବନ ଯାତ୍ରାର ପ୍ରଥମ ଅଧ୍ୟାୟ ଆରମ୍ଭ ହୋଇଥାଏ, ତା'ର ବାପା ଘରୁ ଝିଅର ଭୂମିକାରୁ, ତା'ପରେ ସେ ହୁଏ କାହାର ଭଉଣୀ, ବାପା ଭାଇ ଝିଅଟିକୁ ଅତି ଯତ୍ନର ସହକାରେ ପାଳିଥାଆନ୍ତି। ଝିଅଟି ହୋଇଥାଏ ବାପାଙ୍କ କଳିଜା, ମାଆର ପ୍ରତିଚ୍ଛବି, ଭାଇର ଅଲିଅଳି ଭଉଣୀ ଆଉ ଜେଜେମା, ଜେଜେବାପା ଅଜା ଆଈଙ୍କର ଗେହ୍ଲୀ ନାତୁଣୀ କିନ୍ତୁ ବିଧାତାର ଏ କି କଠୋର ବିଧାନ ଯେଉଁ ଝିଅକୁ ତା'ର ପରିବାର ଅତି ଯତ୍ନରେ ପାଳେ, ତା ପାଦରେ କଣ୍ଟାଟିଏ ଫୁଟିଲେ, ଯୋଉ ବାପାର କଳିଜା ଥରେ, ମାଆର ଆଖି ଲହୁଲୁହାଣ ହୋଇଯାଏ, ସେହି ବାପା ମାଆ ଆଉ ପରିବାର ଦିନେ ଛାତିରେ ପଥର ରଖି ନିଜର ସୁକନ୍ୟାକୁ ଅନ୍ୟକୁ ଦାନ ଦିଅନ୍ତି, ଯେଉଁ ପୂର୍ଣ୍ଣ ପଦ୍ଧତି ର ନାମ ବିଭାଘର। ଆଉ ଶାଶୁ ଘର ଯିବା ପୂର୍ବରୁ ସବୁ ମାଆ ଝିଅକୁ ଗୋଟିଏ କଥା ବୁଝାଇ କହନ୍ତି, "ଝିଅ ଆଜିଠୁ ତୋ ଶାଶୁ ଘର ତୋ ନିଜ ଘର, ଏ ପରିବାରରେ ତୁ ଯେମିତି ସମସ୍ତଙ୍କର ପ୍ରିୟ ଥିଲୁ, ସେ ପରିବାରରେ ଠିକ୍ ସେମିତି ପ୍ରିୟ ହେବାକୁ ଚେଷ୍ଟା କରିବୁ" ତାପରେ ଝିଅଟି କଇଁ କଇଁ ହୋଇ କାନ୍ଦିବାକୁ ଆରମ୍ଭ କରେ ଆଉ ଜେଜେମାଆ କୁହେ, "ଝିଅ ଜନମ ପରଘରକୁ ଲୋ" ଆଇ ଜେଜେମା' ମୁହଁରୁ ଏ କଥା ନ ସରୁଣୁ ଗାଲଟା ଚିପି ଦେଇ କହେ, "ଦୁହିତା ଦୁଇ କୁଳକୁ ହିତା ହବୁ ଲୋ, ପିତା ହେଲେ ତୋ ବାପା ସହ ଆମ ସମସ୍ତଙ୍କ ନାକ ବି କଟିବ ଯେ।"



ଏହାପରେ ଆରମ୍ଭ ହୁଏ, ନାରୀ ଜୀବନର ଦ୍ୱିତୀୟ ଅଧ୍ୟାୟ। ଯାହା ଥାଏ ଏକ ଘଡ଼ିସନ୍ଧିର ମୁହୂର୍ତ୍ତ। ନୂଆ ଘର ନୂଆ ମଣିଷ, ସମୟ ସହ ସମ୍ବନ୍ଧ ବି ବଦଳେ ସେ ହୁଏ ସ-ର୍କରେ କାହାର ସ୍ତ୍ରୀ କାହାର ବୋହୂ ତ ଆଉ କାହାର ଭାଉଜ, ଅବଶ୍ୟ ସମସ୍ତଙ୍କୁ କିଛି କ୍ଷଣରେ ସେ ନିଜର କରି ସମସ୍ତଙ୍କର ପ୍ରିୟ ହୋଇଯାଏ। ଏହା ମଧ୍ୟ ସେତେଟା ସରଳ ହୋଇନଥାଏ କାରଣ ଭିନ୍ନ ଭିନ୍ନ ମଣିଷଙ୍କର ଭିନ୍ନ ଭିନ୍ନ ମାନସିକତା ସମସ୍ତଙ୍କୁ ଏକା ସାଙ୍ଗରେ ଖୁସି କରି ସମସ୍ତଙ୍କର ପ୍ରିୟ ହେବା କ'ଣ

ଛୋଟିଆ କଥା କି ? କିନ୍ତୁ ସେ ହାର ମାନେନା ସମସ୍ତଙ୍କର ମନ ନେଇ କାମ କରେ, ଆଉ ସମୟ ସହ ଧୀରେ ଧୀରେ ସେ ସମସ୍ତଙ୍କର ପ୍ରିୟ ହୋଇଯାଏ। ସମସ୍ତଙ୍କର ଭାଗ୍ୟର ଡୋରି ତ ସମାନ ନ ଥାଏ, କେତେକ କ୍ଷେତ୍ରରେ ଦେଖାଯାଏ ଭାଗ୍ୟର ବିଡ଼ମ୍ବନା ଘଟେ, ଯାହାକୁ ଭରଷା କରି ସେ ତାର ନିଜ ଘର ଆଉ ନିଜ ଲୋକଙ୍କ ଠାରୁ ଦୂରକୁ ଆସେ ଓ ଯେଉଁ ମଣିଷଟିକୁ ଆପଣାର କରେ ଆଉ ତାର ପ୍ରିୟଜନଙ୍କୁ ନିଜର ପ୍ରିୟଜନ ମାନେ ସେ ମଣିଷଟି ଯଦି ସ୍ୱାର୍ଥ ଲୋଭି, ନୃଶଂସ ହୋଇଯାଏ ତାହା ପାଖରେ ମଣିଷତ୍ୱର ତିଳେ ମାତ୍ର ଛାପ ଦେଖାଯାଇ ନ ଥାଏ, ତେବେ ସେଇ ମୁହୂର୍ତ୍ତରେ ତା'ର ମନେ ପଡେ ବିବାହ ପୂର୍ବ ଦିନର ବୋଉ ଜେଜେମା' ଆଉ ଆଇ ମା'ର କଥା, ଆଉ ସେ ନିଜକୁ ପ୍ରଶ୍ନ କରି ବସେ କ'ଣ ବୋଉର କଥା ଅନୁସାରେ ମୁଁ ଏଇ ପରିବାରକୁ ଆପଣାର କରିନଥିଲି ? ଆଉ ଶେଷରେ କିଛି ନିଜ ସପକ୍ଷରେ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରିବା ଆଗରୁ ତାର ମନେ ପଡେ ଆଇ ମାଆର ସେଇ ପଦଟି କଥା "ଦୁହିତା ଦୁଇ କୁଳକୁ ହିତା, ନଚେତ୍ ଦୁଇ କୁଳକୁ ପିତା", ଆଉ ସେ ଲୋକ ଲଜ୍ଜା ସମାଜର ଲୋଲୁପ ଦୃଷ୍ଟିରୁ ନିଜକୁ ବଞ୍ଚାଇବାକୁ ଯାଇ ଶିକାର ହୁଏ ସେଇ ନର ରୂପୀ ରାକ୍ଷସର ଅତ୍ୟାଚାର, ଦୁରାଚାର ଆଉ ଶୋଷଣର ଏବଂ ନିଜକୁ ସଜାଇ ଦିଏ ଏଇ ସମାଜ ସାମ୍ନାରେ ଏକ ଜୀବନ୍ତ ଶବ ସଦୃଶ।

ଏମିତି କିଛି ଦିନ ବିତିଯାଏ, ତା ପରେ ତା' ଜୀବନରେ ସୁଖର ସୂର୍ଯ୍ୟ ଉଦୟ ହୁଏ, ସେ ପହଁଚିଯାଏ ତା ଜୀବନର ତୃତୀୟ ସୋପାନରେ ଏଇ ଭିତରେ ତାକୁ ମିଳିଯାଏ, ଆଉ ଗୋଟିଏ ସୁନ୍ଦର ନାମ ଆଉ ସେ ନାମରେ ତାର ସୁଖ ଲୁଚି ରହିଥାଏ, ତାହା ହେଉଛି ମାତୃତ୍ୱର ସୁଖ। ତାର କୁନି ଶିଶୁଟି ଯେବେ ଖନେଇ ଖନେଇ ମାଆ ଡାକି ପଛପଟୁ ତା' କାନିକୁ ଭିଡି ଧରେ, ସେତେବେଳେ ତା'ର ଚାରିପାଖର ଦୁନିଆଁ ତା ପାଇଁ ହୋଇଉଠେ ମ୍ୟାଜିକାଲ୍, ସେ ଅନୁଭବ କରିପାରେ ଏକ ଅପୂର୍ବ ଆନନ୍ଦ।

ସମୟ ତ କାହାକୁ ଅପେକ୍ଷା କରେନି, ଏମିତି ଦିନ ପରେ ଦିନ ନାରୀଟି ତା ଶିଶୁ ସହ ସୁଖରେ ସମୟ ବିତାଇବାରେ ଲାଗେ ଏବଂ ଦେଖାଯାଏ ତା'ର ଶିଶୁ ଏବେ ବାଲ୍ୟ, କୈଶୋର ସାରି ଯୌବନ ଅବସ୍ଥାରେ ସେ ବର୍ତ୍ତମାନ ସୁଯୋଗ୍ୟ, ତେଣୁ ସେ ଚିନ୍ତା କରେ ପୁଅର ବାହାଘର କରି ବୋହୂ ହାତରନ୍ଧା ଖାଇବା ପାଇଁ, ଘରକୁ ବୋହୂଟିଏ ଆସେ ଆଉ ତା'ର ସଂସାର ଗାଡିଟି ଆହୁରି ଦ୍ରୁତ ବେଗରେ ଗତି କରେ, ସେ ବୋହୂର ଶାଶୁ ହବାର ମଜାଟା ଚାଖିବା ନ ସରୁଣୁ ତା ଖୁସିରେ ଲାଗିଯାଏ କାହାର ଖରାପ୍ ନଜର ଯୋଉ ପୁଅକୁ ନିଜ ହାତରେ ସବୁ ଦୁଃଖ ଭୁଲି ଏଡିଟିରୁ ଏଡେଟେ କରିଥାଏ, ସେ ତାର ସୁନ୍ଦର ସ୍ତ୍ରୀ ଆଉ ଅର୍ଥର ମୋହରେ ଏତେ ବିମୋହିତ ହୋଇଯାଏ ଯେ, ସେ ମାଆର ସ୍ନେହକୁ ଭୁଲିଯାଏ ଏବଂ ଯୋଉ ବୋହୂକୁ ଝିଅ ପରି ସ୍ନେହରେ ଲକ୍ଷ୍ମୀ କହି ଘରକୁ ପାଛୋଟି ଆଣିଥାଏ, ସେ ତାର ସ୍ୱାମୀକୁ କୁହେ ମୁଁ ମୋ ଜବ୍ ସମ୍ଭାଳିବି ନା ତୁମ ଘର। ମୋ ମାଆ ମତେ ଶିଖେଇନି ଝିଅ ଜନମ ଚୁଲି ମୁଣ୍ଡକୁ। ମୁଁ ଆଜିକା ଯୁଗର ଅପ୍‌ଡେଟ୍ ନାରୀ। ତୁମ ମାଆଙ୍କୁ ଅପ୍‌ଡେଟ୍ କରାଅ ନଚେତ୍ ବୃଦ୍ଧାଶ୍ରମରେ ଛାଡିଦିଅ, ଶୁଣିଛି ସେଠି ବି ଖୁବ୍ ଭଲ ସତ୍କାର କରନ୍ତି। ଶେଷରେ ପୁଅଟି ବାଧ୍ୟ ହୋଇ ମାଆକୁ କୁହେ ମାଆ ତୁ କ'ଣ ଚାହୁଁଛୁ, କହିଲୁ ମୁଁ ଖୁସିରେ ରୁହେ ନା ନାହିଁ। ଶେଷରେ ପୁଅ ବୋହୂଙ୍କ ସୁଖ ଶାନ୍ତି ପାଇଁ ତାର ଦିନ ବିତେ ବୃଦ୍ଧାଶ୍ରମରେ। ଆଉ ସେଠି ସେ ରଚେ ତାର ଶେଷ ଅଧ୍ୟାୟ ଅର୍ଥାତ୍

ବାର୍ଦ୍ଧକ୍ୟ । ପରିଶେଷରେ ସେଇ ବୃଦ୍ଧାଶ୍ରମରେ ତା' ଅଜାଣତରେ ତାର ପ୍ରାଣ ପକ୍ଷୀଟି ଉଡିଯାଏ । ଥରେ ଚିନ୍ତା କରନ୍ତୁ ନା, ଯେଉଁ ନାରୀ ତା'ର ସ-ମ୍ପୂର୍ଣ୍ଣ ଜୀବନକୁ ତା'ର ପରିବାର ପ୍ରତି ସମର୍ପିତ କରି ନିଜ ସୁଖ ସୁବିଧାକୁ ବଳି ଦିଏ ଏବଂ ପ୍ରତି ବଦଳରେ ଚାହେଁ ତିଳେ ମାତ୍ର ସ୍ନେହ, ଶ୍ରଦ୍ଧା ଆଉ ସମ୍ମାନ । କ'ଣ ସେଇ ଝିଅ, ସେଇ ସ୍ତ୍ରୀ, ଆଉ ସେଇ ମାଆ ପ୍ରତି ଆମର କିଛି କର୍ତ୍ତବ୍ୟ ନାହିଁ ? କ'ଣ ତାକୁ ସମ୍ମାନ ଦେବା, ସ୍ନେହରେ ଆଦରି ନେବା ଆମର ଧର୍ମ ନୁହେଁ କି ? ଯଦି ଆପଣମାନଙ୍କ ମଧ୍ୟରେ ତିଳେ ମାତ୍ର ମଣିଷତ୍ୱ ଥାଏ ନା ତେବେ ଆପଣ ଏହି ବିଷୟ ପ୍ରତି ଧ୍ୟାନ ଦେବେ ଏବଂ ଆପଣଙ୍କ ଜୀବନରେ ନିଜର ଅବଦାନକୁ ସୁଚାରୁ ରୂପେ ସ-ମ୍ପନ୍ନ କରିଥିବା ପ୍ରତିଟି ନାରୀକୁ ସମ୍ମାନ ର ସହ ଦେଖିବେ ଓ ସ୍ନେହାଶିଷ ପ୍ରଦାନ କରିବେ, ନଚେତ୍ ଆପଣ ତ ଜାଣିଥିବେ ପାର୍ବତୀଙ୍କୁ ମହାକାଳୀଙ୍କ ରୂପ ଧାରଣ କରିବାକୁ ବେଶି ସମୟ ଲାଗେନାହିଁ । ନାରୀ ନୁହେଁ ତ ସେ ଏକ ନିଆଁ କ୍ଷଣକରେ ବ୍ୟାପେ ଆଉ ସବୁ କିଛି ଧ୍ୱଂସ ହୁଏ । ଯିଏ କ୍ଷଣକରେ ନିଜର ଶୃଙ୍ଗାର ପରି ସାରା ସଂସାରକୁ ସଜାଡିବାରେ କ୍ଷମତା ରଖେ, ଆଉ ସେଇ କ୍ଷଣକ ମଧ୍ୟରେ ସବୁ କିଛି ଉଜାଡି ମଧ୍ୟ ଦେଇପାରେ, ତେଣୁ ସାବଧାନ । ସଂସ୍କୃତରେ ଶ୍ଳୋକଟିଏ ଅଛି - "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟତେ ରମନ୍ତେ ତତ୍ର ଦେବତା ଯତ୍ର ତାସ୍ତୁ ନ ପୂଜ୍ୟତେ ସର୍ବ କ୍ରିୟା ନିଷ୍ଫଳାଃ" ଅର୍ଥାତ୍ ଯେଉଁଠି ନାରୀକୁ ଉଚିତ୍ ସମ୍ମାନ ଦିଆଯାଏ, ତାଙ୍କର ପୂଜା କରାଯାଏ, ସେଠାରେ ଦେବତା ସୁପ୍ରସନ୍ନ ରହିଥାନ୍ତି ଏବଂ ଭ୍ରମଣ କରିଥାନ୍ତି । ଯେଉଁଠି ନାରୀର ଅପମାନ କରାଯାଏ, ସେଠି ସବୁ କର୍ମ କାଣ୍ଡ ପୂଜାବିଧି ନିଷ୍ଫଳ ଯାଏ, ଏହାର ପ୍ରମାଣ ବାରମ୍ବାର ଇତିହାସ ଦେଇଆସିଛି କି ନାରୀର ଅପମାନ ଯୋଗୁଁ ମହାଭାରତ ଆଉ ରାମାୟଣର କାହାଣୀ ରାବଣର ଗର୍ବ ଆଉ ଦୁଃଶାସନର ଅଭିମାନ ସବୁକିଛି ଧୂଳିସାତ ହୋଇଯାଇଛି । ବର୍ତ୍ତମାନ ସବୁକିଛି ଆପଣଙ୍କ ହାତରେ ଜ୍ଞାନ ମୋର କିନ୍ତୁ ଚୟନ ଆପଣଙ୍କର କି ଆପଣ କ'ଣ ଚୟନ କରିବେ? ସଫ୍ଟ ରୁଟ୍ ନା ହାଡ୍ ରୁଟ୍ ଆଉ ହଁ ଆଜିର ନାରୀ ଶିକ୍ଷିତ, ସ୍ୱାବଲମ୍ବୀ ଏବଂ ଅପ୍‌ଡେଟ୍ ହେବାଟା ବହୁତ୍ ଭଲ କଥା କିନ୍ତୁ ଏହା ମଧ୍ୟ ଜରୁରୀ କି ଆମେ ଆମର ଶିକ୍ଷା, ସଂସ୍କାର, ମର୍ଯ୍ୟାଦା, ସଂସ୍କୃତି ଏବଂ ପର-ମ୍ପରା ବିଷୟ ପ୍ରତି ଧ୍ୟାନ ଦେବା ଏବଂ ସ୍ୱାର୍ଥ ଲୋଭି ନ ହୋଇ ବଡ଼ଙ୍କୁ ସମ୍ମାନ ଏବଂ ସାନଙ୍କୁ ସ୍ନେହ ଦେଇପାରିଲେ, ମଣିଷ ପଶୁପକ୍ଷୀ ସମସ୍ତଙ୍କ ମନର ଭାବ ଓ ଦୁଃଖ କଷ୍ଟକୁ ନିଜ ଭିତରେ ଅନୁଭବ କରି ସମସ୍ୟା ସବୁକୁ ସତ୍ୟନିଷ୍ଠା, ପରାକାଷ୍ଠା, ସଠିକ୍ ଚୟନ, ବିଚାରଶୀଳତା, ବୁଦ୍ଧି ଓ ବିବେକକୁ ଖଟାଇ ସମାଧାନ କରିପାରିଲେ, ଆମ ଉଚିତ୍ ପକ୍ଷରେ ନାରାୟଣୀ ରୂପେ ବିବେଚିତ ହୋଇପାରିବା । ଶେଷ କଥାଟିଏ - "କେତେ ଆଉ ଜଳିବୁ କେତେ ଆଉ ଜାଳିବୁ ଏଇ କାମନାର ଅଗ୍ନିରେ ଆହୁତି ଦେଇ ଦେଖ୍ ଥରେ ତୋର ବିଚାରଶୀଳତା ବିବେକକୁ, ଜ୍ଞାନ ଆସନରେ ମନକୁ ବସେଇ ସୁପ୍ତ ଚେତନାକୁ ଥରେ ଜାଗ୍ରତ କରି ଦେଖ, ଯଦି ତା'ପରେ ବି ସେଇ କାମନା ଅଗ୍ନି ଶାନ୍ତ ନ ହେଉଛି ତେବେ ମନ ରଖ, ସେଇ ଅଗ୍ନିରେ ଦିନେ ତୁ ତୋର ସର୍ବସ୍ୱ ହରାଇ ବସିବୁ ।"



# ଗଳ୍ପ ବିଭାଗ

ପିଲାବେଳେ ଶୁଣିଥିବା କଳୁରି ବେଙ୍କ କଥା ହେଉ ଅବା ଶୁଆଶାରୀ ଗପ, ରାଜକୁମାରୀ ଗପ ହେଉ ଅବା ବିକ୍ରମ ବେତାଳ ଗପ, ଅବୋଲକରା କାହାଣୀ  ହେଉ ଅବା ବୁଢ଼ୀ ଅସୁରୁଣୀ ଗପ... ଗପ କେବଳ ସେ ଗପ । ଏଥିସହ ଶୈଶବରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଆମକୁ ଗଳ୍ପ ସବୁ ବିମୋହିତ, ଆହ୍ଲାଦିତ, ଆବେଗାୟିତ, ଆଲୋକିତ କରି ଆସିଛି । ଗଳ୍ପ ହିଁ ତ ଜୀବନର ମନୋଜ୍ଞ ମନ୍ମୟ ଆଲେଖ୍ୟ - କାରଣ ଜୀବନ ନିଜେ ହିଁ ତ ଗୋଟେ ଗଳ୍ପ । ଜୀବନର ପ୍ରତିଟି ଅନୁଭବ, ପ୍ରତିଟି ଅନୁଭୂତି, ପ୍ରତିଟି ଅଭିଜ୍ଞତା, ପ୍ରତିଟି ସୁଖ-ଦୁଃଖ, ହସ-ଲୁହ ପ୍ରସ୍ଫୁଟିତ ହୋଇ ଉଠେ ଗୋଟିଏ ଗୋଟିଏ ଗଳ୍ପ ଆକାରରେ । ଅବଶ୍ୟ ଗଳ୍ପ କହିବାର, ଗଳ୍ପ ଶୁଣିବାର, ଗଳ୍ପ ଲେଖିବାର, ଗଳ୍ପ ପଢ଼ିବାର ଧାରା ଯାହା ବଦଳାଇଛି ତା'ର ରୂପ ରଂଗ, ଶୈଳୀ ସମୟ ସହ ତାଳ ଦେଇ । ଏହିଭଳି ଆମ ମହାବିଦ୍ୟାଳୟର କିଛି ନୂତନ ଧାରାର ସ୍ରଷ୍ଟାଙ୍କର ଲେଖନୀରୁ ନିଃସୃତ ଏହି ଗଳ୍ପ ବିଭାଗ ।

# ଧାରୁଆ ଆନୁବଂଶିକ କତୁରୀ



• ଡ. ଦେବାଶିଷ ମହାନ୍ତି
ସହକାରୀ ପ୍ରଫେସର,
ରସାୟନ ବିଜ୍ଞାନ ବିଭାଗ

୨୦୪୦ ମସିହା । ଭାରତୀୟ ଜୈବ ପ୍ରଯୁକ୍ତି ବିଜ୍ଞାନ ଓ ଅନୁବଂଶିକ ବିଜ୍ଞାନ ସଂସ୍ଥାନର ମୁଖ୍ୟାଳୟ । ଏହାର ନିର୍ଦ୍ଦେଶକ ଡଃ ଦୀପକ ମହାପାତ୍ର ନିଜ କାର୍ଯ୍ୟାଳୟ କୋଠରୀରେ ବସି ତାଙ୍କର ଏକ ଗବେଷଣା ନିବନ୍ଧ ଲେଖିବାରେ ବ୍ୟସ୍ତ । ଏତିକିବେଳେ ତାଙ୍କ ସେଲ୍ ଫୋନ୍ ବାଜି ଉଠିଲା । ସେପଟୁ ଦିଲ୍ଲୀର ଆରକ୍ଷୀ ମହାନିର୍ଦ୍ଦେଶକ ବଳବିନ୍ଦର ସିଂହ ଝାଠୁଆ କଲରେ ଅଛନ୍ତି ବୋଲି ତାଙ୍କ ସେକ୍ରେଟାରୀ ତାଙ୍କୁ ଖବର ଦେଲେ ।

ଝାଠୁଆ - ଡଃ ମହାପାତ୍ର, ଏକ ଜଟିଳ ସମସ୍ୟା ଆସି ପହଁଚିଛି । ଗତ ସପ୍ତାହରେ ତିନୋଟି ଅଦ୍ଭୁତ ଅପରାଧିକ ଘଟଣା ଘଟିଛି, ଯାହାକୁ ଆମ ଅପରାଧ ଶାଖାର ବିଶେଷଜ୍ଞମାନେ ବୁଝିବାକୁ ଅକ୍ଷମ । ପୂର୍ବରୁ ଏପରି ଘଟଣାର କୌଣସି ଉଦାହରଣ ଆମେ ପାଉନାହୁଁ ।

ଡଃ ମହାପାତ୍ର - କିଭଳି ଅପରାଧିକ ଘଟଣା ଏବଂ ମୁଁ ଜଣେ ଜୈବ ପ୍ରଯୁକ୍ତି ବିଜ୍ଞାନୀ । ମୁଁ କିପରି ଆପଣଙ୍କୁ ସାହାଯ୍ୟ କରିପାରିବି ?

ଝାଠୁଆ - ଭିନ୍ନ ଭିନ୍ନ ସ୍ଥାନରେ ଏହି ତିନୋଟି ଘଟଣା ଘଟିଛି । କିନ୍ତୁ ତିନୋଟି ଯାକ ଘଟଣାରେ ବହୁ ସାମଞ୍ଜସ୍ୟ ଅଛି । ପ୍ରତ୍ୟେକ ଘଟଣାରେ ପ୍ରେୟସୀମାନେ ନିଜ ପ୍ରିୟତମଙ୍କୁ ଅତି ନିର୍ଦ୍ଦୟ ଭାବରେ ହିଂସ୍ର ଜନ୍ତୁ ପରି ଆକ୍ରମଣ କରିଛନ୍ତି । ଗୋଟିଏ ଘଟଣାରେ ପ୍ରିୟତମର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଟି ଘଟଣାରେ ଦୁଇ ଜଣ ଯାକ ପ୍ରେମିକ ଗୁରୁତର ଆହତ ହୋଇଛନ୍ତି ।

ଡଃ ମହାପାତ୍ର-କିନ୍ତୁ ଏହି ଅପରାଧରେ କିଛି ବିସ୍ମିତ ହେଲା ଭଳି ତଥ୍ୟ ନାହିଁ । ଏହା ତ ସାଧାରଣ ଘଟଣା ଭଳି ଲାଗୁଛି ।

ଝାଠୁଆ - ଡଃ ମହାପାତ୍ର ଆପଣ ଶୀଘ୍ର ଆସି ଆରକ୍ଷୀ ମୁଖ୍ୟାଳୟରେ ପହଁଚନ୍ତୁ, ମୁଁ ଆପଣଙ୍କୁ ଘଟଣା ଗୁଡିକର ଇତିହାସ ବର୍ଣ୍ଣନା କରିବି ଓ ଆପଣ ତା ଭିତରେ ଥିବା ବିସ୍ମିତ ହେଲା ଭଳି ତଥ୍ୟକୁ ନିଜେ ଜାଣିପାରିବେ ।

ଡଃ ମହାପାତ୍ର - ଠିକ୍ ଅଛି । ମୁଁ ଅଧ ଘଣ୍ଟା ମଧ୍ୟରେ ପହଁଚିବି । ନିଜ ସେକ୍ରେଟାରୀ ଜୁଲିକୁ ସେ ଅତି ଜରୁରୀ କାମରେ ଯାଇଛନ୍ତି କହି ଡଃ ମହାପାତ୍ର ଆରକ୍ଷୀ ମୁଖ୍ୟାଳୟକୁ ବାହାରିଗଲେ ।

ଆରକ୍ଷୀ ମୁଖ୍ୟାଳୟରେ ଇନ୍‌ସପେକ୍‌ଟର ମିସ୍ ଲିପିକା କୁମାରୀ, ଡଃ ମହାପାତ୍ରଙ୍କୁ ସ୍ୱାଗତ କରି ଭିତରକୁ ନେଇଗଲେ । ସେଠାରେ ମି. ଝାଠୁଆ ଓ ଅନୁସନ୍ଧାନ ଦଳର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ । ସେ ଦଳର ଦଳପତି ଥିଲେ ମିସ୍ ଲିପିକା । ମି. ଝାଠୁଆ ଡଃ ମହାପାତ୍ରଙ୍କୁ ବସିବା ପାଇଁ ଅନୁରୋଧ କଲେ ଏବଂ ଲିପିକାଙ୍କୁ ଘଟଣା ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିବାକୁ କହିଲେ ।





ଲିପିକା - ଡଃ ମହାପାତ୍ର, ଆପଣ ସାରଙ୍କ ଠାରୁ ଘଟଣାର ପ୍ରାରମ୍ଭିକ ସୂଚନା ପାଇ ସାରିଛନ୍ତି । ଆପଣ ଜାଣିଛନ୍ତି ପ୍ରତ୍ୟେକ ଘଟଣାରେ ପ୍ରେୟସୀମାନେ ନିଜର ଅତି ପ୍ରିୟତମ ବ୍ୟକ୍ତିଙ୍କୁ ଅତି ନୃଶଂସ ତଥା ଆବେଗବିହୀନ ଭାବେ ଆକ୍ରମଣ କରିଛନ୍ତି । ପ୍ରତ୍ୟେକ ପ୍ରେମୀ ଯୁଗଳଙ୍କ ସ-ର୍କ ୪-୫ ବର୍ଷରୁ ଅଧିକ । ଅନୁସନ୍ଧାନରୁ ଜଣାପଡିଛି ଯେ, ତିନିଜଣ ଯୁବତୀ ଅତି ସରଳ, ଶାନ୍ତ ଏବଂ ସ୍ନେହୀ ସ୍ୱଭାବର ଥିଲେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ହେଉଥିବା ଚିରାଚରିତ ମାନ ଅଭିମାନ ବ୍ୟତୀତ ସେମାନଙ୍କର କେବେ ବି ତାଙ୍କ ପ୍ରିୟତମମାନଙ୍କ ସହିତ ଅତି ଉଚ୍ଚ ସ୍ୱରରେ ବି କଥା ହୋଇ ନାହାଁନ୍ତି । କିନ୍ତୁ ଗତ କିଛି ଦିନ ହେବ ତାଙ୍କ ବ୍ୟବହାରରେ ଅଦ୍ଭୁତ ପରିବର୍ତ୍ତନ ଘଟିଛି । ସେମାନଙ୍କ ଠାରୁ ସ୍ନେହ, ଶ୍ରଦ୍ଧା ଓ ପ୍ରେମ ପରି ଭାବନା ଅପସରି ଯାଇଛି ଓ ସେମାନେ ଆବେଗହୀନ ହୋଇ ଯାଇଛନ୍ତି । ଏବେ ବି ସେମାନଙ୍କର ଏହି ନୃଶଂସ କାର୍ଯ୍ୟ ପାଇଁ କୌଣସି ଅନୁତାପ ବା ଅବଶୋଷ ନାହିଁ । ଏହିପରି ସେମାନଙ୍କ ଗୁଣର ଆକସ୍ମିକ ପରିବର୍ତ୍ତନ ପ୍ରାକୃତିକ ନୁହେଁ । ଆମ ଅପରାଧ ଅନୁସନ୍ଧାନ ପ୍ରୟୋଗଶାଳା (forensic laboratory)ର ରହସ୍ୟମାନଙ୍କ କହିବା ଅନୁସାରେ ସେମାନଙ୍କ ଶରୀରରେ କିମ୍ବା ମସ୍ତିଷ୍କରେ କୃତ୍ରିମ ଉପାୟରେ ପରିବର୍ତ୍ତନ କରାଯାଇ ଏପରି ଅବସ୍ଥା ସୃଷ୍ଟି କରାଯାଇଅଛି । ଆପଣ ଏ ଦେଶ ତଥା ବିଶ୍ୱର ଶ୍ରେଷ୍ଠ ଜୈବ ପ୍ରଯୁକ୍ତି ବିଜ୍ଞାନୀ । ତେଣୁ ଆପଣଙ୍କ ବିନା ସହାୟତାରେ ଏ କେସର ସମାଧାନ ଅସମ୍ଭବ ।

ଡଃ ମହାପାତ୍ର ଧ୍ୟାନ ପୂର୍ବକ ଲିପିକାଙ୍କ କଥାକୁ ଶୁଣୁଥିଲେ । ଗମ୍ଭୀର ହୋଇ କହିଲେ କି ସେ ୩ ଜଣ ଝିଅଙ୍କୁ ସେ ଭେଟିବାକୁ ଚାହୁଁଛନ୍ତି । ସେ ୩ ଜଣଙ୍କୁ ଅତି ଦୃଢ଼ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯାଇଥିଲା । ଡଃ. ମହାପାତ୍ର ସେମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଇତିହାସ, ପୂର୍ବ ବ୍ୟବହାର ଓ ସେମାନଙ୍କର ପାରିବାରିକ ଇତିହାସ ବିଷୟରେ ସମସ୍ତ ତଥ୍ୟ ସଂଗ୍ରହ କଲେ । କିଛି ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରିବାକୁ ପଠାଇଲେ । ସେତେବେଳକୁ ବିଳମ୍ବିତ ରାତି ହୋଇଗଲାଣି, ତେଣୁ ସେ ଘରକୁ ଫେରି ଆସିଲେ ଓ ବିଶ୍ରାମ ନେଲେ ।

ପରଦିନ ସକାଳୁ ପୁଣି ପୋଲିସ୍ ମୁଖ୍ୟାଳୟରେ ପହଁଚି ସବୁ ପରୀକ୍ଷାର ଫଳାଫଳକୁ ପରୀକ୍ଷା କଲେ । କିନ୍ତୁ କେଉଁଥିରୁ କିଛି ଆଭାସ ପାଇଲେ ନାହିଁ । ତେଣୁ ସେ ଚିନ୍ତା ମଗ୍ନ ହୋଇ ପଡିଲେ । ଏହି ସମୟରେ ତାଙ୍କର ମନେ ପଡିଲା ତାଙ୍କ ସହ ପାଠିନୀ ତଥା ଅତି ବାନ୍ଧବୀ ସୁରଭୀ ରଥ କଥା । ଡଃ ସୁରଭୀ ରଥ ଆନୁବଂଶିକ ବିଜ୍ଞାନର ଜଣେ ସୁନାମଧନ୍ୟ ପ୍ରଫେସର ଓ ଗବେଷକ । ଡଃ ମହାପାତ୍ର ଓ ଡଃ ରଥ ସାଙ୍ଗ ହୋଇ ପୋଷ୍ଟ ଡକ୍ଟରେଟ୍ କରୁଥିଲେ । ଡଃ ମହାପାତ୍ର ସଙ୍ଗେ ସଙ୍ଗେ ଡଃ ରଥଙ୍କୁ ଫୋନ୍ କଲ୍ କରିଲେ । ଡଃ ମହାପାତ୍ରଙ୍କ ନାମ ଫୋନରେ ଦେଖି ଡଃ. ସୁରଭୀ ରଥ ଟିକେ ଆଶ୍ଚର୍ଯ୍ୟ ହୋଇଗଲେ । ତା ସହିତ ତାଙ୍କ ମନରେ ଏକ ଆନନ୍ଦର ଶିହରଣ ଖେଳିଗଲା । ଫୋନ ଉଠାଇ କହିଲେ, ଦୀପକ ମୁଁ ଆଜି କେମିତି ମନେ ପଡିଲି ତୁମର, ମୋ ଭାଗ୍ୟ ଏତେ ସଦୟ ହେଲା କେମିତି ମୋ ଉପରେ । ସେପଟୁ ଟିକେ ସ୍ମିତ ହାସ୍ୟ ଦେଇ ଡଃ ମହାପାତ୍ର କହିଲେ- ଗୋଟେ ସମସ୍ୟାର ସମାଧାନ ପାଇଁ ତୁମର ସାହାଯ୍ୟ ଦରକାର, ସେଥିପାଇଁ ମୁଁ ତୁମକୁ କଲ କଲି । ପୁଣି ଥରେ ସ୍ମିତ ହାସ୍ୟ ଦେଇ ଡଃ ମହାପାତ୍ର କହିଲେ ଯିଏ ସବୁବେଳେ ମନରେ ଅଛି ତାକୁ ମନେ ପକାଇବାର ଆବଶ୍ୟକତା ନ ଥାଏ । ଏତିକି ମାତ୍ର କଥାରେ ଡଃ ରଥଙ୍କ ମନରେ ଏକ ଅଜଣା ପୁଲକ ଖେଳିଗଲା । କଥା ବଦଳେଇ ଡଃ ରଥ କହିଲେ ହଉ କୁହ କଣ ସମସ୍ୟା ହୋଇଛି ? ଡଃ ମହାପାତ୍ର ସବୁ କଥା ବୁଝେଇକି କହିଲେ । ଡଃ ରଥ ଟିକେ ଗମ୍ଭୀର ହୋଇ ଭାବିବାକୁ ଲାଗିଲେ । କହିଲେ, କାଲି ମୁଁ ଆରକ୍ଷୀ ମୁଖ୍ୟାଳୟକୁ ଆସିବି, ସବୁ ତଥ୍ୟକୁ ଅନୁଧ୍ୟାନ କଲା ପରେ କୌଣସି ନିର୍ଣ୍ଣୟରେ ପହଁଚିବା ।

ପରଦିନ ସକାଳ ୧୦ଟା । ଡଃ ମହାପାତ୍ର ନିର୍ଦ୍ଧାରିତ ସମୟ ପୂର୍ବରୁ ଆସି ପୋଲିସ୍ ମୁଖ୍ୟାଳୟରେ ପହଁଚି ସାରିଛନ୍ତି ଓ ସବୁ ଫାଇଲକୁ ଆଉ ଥରେ ଅନୁଧ୍ୟାନ କରୁଛନ୍ତି । ଠିକ୍ ୧୦ଟା ବେଳେ ଡଃ ରଥ ଆସି ପହଁଚିଲେ । ଅନୁସନ୍ଧାନ କୋଠରୀ ମଧ୍ୟକୁ ପଶିବା ମାତ୍ରେ ଦୁହେଁ ଦୁହିଁଙ୍କୁ ଅପଲକ ନୟନରେ କିଛି ସମୟ ପାଇଁ ଚାହିଁ ରହିଲେ । ଯାହାକୁ କ୍ଷଣେ ନ ଦେଖିଲେ ଆକାଶ ଛିଣ୍ଡି ପଡିଲା ପରି ଲାଗୁଥିଲା, ଆଜି ତା ସହିତ ଦୀର୍ଘ ବର୍ଷ ପରେ ଦେଖା । ଆବେଗକୁ ଆୟତ୍ତ କରିବା ଦୁହିଁଙ୍କ ପାଇଁ ଅତି କଠିନ ଥିଲା । ଉଭୟଙ୍କ ଆବେଗ ଅଶ୍ରୁ ରୂପରେ ଚକ୍ଷୁ ବାଟେ ନିର୍ଗତ ହେବାକୁ ଲାଗିଲା । କିଛି ଆବେଗ ପୂର୍ଣ୍ଣ ମୁହୂର୍ତ୍ତ ପରେ ଦୁଇ ଜଣ ଯାକ ସଞ୍ଜତ ହେଲେ ଓ ଆବେଗକୁ ନିୟନ୍ତ୍ରଣକୁ ନେଲେ । ଡଃ ରଥ ମାମଲାର ଇତିବୃତ୍ତି ଓ ସମସ୍ତ ପରୀକ୍ଷାର ବିବରଣୀକୁ ଅତି ସୂକ୍ଷ୍ମ ଭାବରେ ଅଧ୍ୟୟନ କଲେ । ବହୁତ ଅଧ୍ୟୟନ କଲା ପରେ ଡଃ ରଥ ସେ ତିନି ଜଣ ଆରୋପୀଙ୍କ ଜିନୀୟ ଅନୁକ୍ରମଣିକା (genom sequencing) କରିବାକୁ ଉପଦେଶ ଦେଲେ । ଜିନୀୟ ଅନୁକ୍ରମଣିକା ଏକ ଅତି ଜଟିଳ ପ୍ରକ୍ରିୟା । ଭାରତରେ କାର୍ଯ୍ୟରତ ସମସ୍ତ ବୈଜ୍ଞାନିକ ମଧ୍ୟରେ କେବଳ ଦୁଇଜଣ ଏହି କାର୍ଯ୍ୟରେ ନିପୁଣ । ସେମାନେ ହେଲେ ଡଃ ରଥ ଓ ଡଃ ମହାପାତ୍ର । ଏହି ଜଟିଳ ପରୀକ୍ଷା ପାଇଁ କେବଳ ଡଃ ମହାପାତ୍ରଙ୍କ ପ୍ରୟୋଗଶାଳାରେ ଆବଶ୍ୟକୀୟ ଉପକରଣ ଉପଲବ୍ଧ । ଡଃ ରଥଙ୍କ ପରାମର୍ଶ ଅନୁଯାୟୀ ତିନି ଜଣ ଆରୋପୀଙ୍କ ଜିନୀୟ ଅନୁକ୍ରମଣିକା ଡଃ ମହାପାତ୍ର ତାଙ୍କ ପ୍ରୟୋଗଶାଳାରେ ନିଜ ତତ୍ତ୍ୱାବଧାନରେ କରାଇଲେ । ପରୀକ୍ଷା ରିପୋର୍ଟ ଆସିଲା ପରେ ଏହାର ଫଳକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ ।

ସେମାନଙ୍କର ଆନୁବଂଶିକ ଅନୁକ୍ରମ (genom sequencing)କୁ କାଟି ବଦଳେଇ ଦିଆଯାଇଛି । ଭଲ ପାଇବା, ସ୍ନେହ, ସହାନୁଭୂତି, ସମ୍ବେଦନଶୀଳ ପରି ଗୁଣକୁ ପ୍ରକାଶ କରୁଥିବା ଜିନକୁ ଆନୁବଂଶିକ ଅନୁକ୍ରମରୁ କାଟିକି ବାହାର କରି ଦିଆଯାଇଛି । ସେଥିପାଇଁ ସେମାନେ ଅତି ନିର୍ଦ୍ଦୟ ଓ ନିଷ୍ଠୁର ହୋଇ ଅମାନବୀୟ ଭାବରେ ନିଜର ଅତି ପ୍ରିୟତମ ବ୍ୟକ୍ତିଙ୍କୁ ଆକ୍ରମଣ କରିଛନ୍ତି । ଡଃ ରଥ ଟିକେ ଚିନ୍ତିତ ହୋଇ ଏକ ଦୀର୍ଘ ନିଶ୍ୱାସ ପକାଇ କହିଲେ, ଏଭଳି ଏକ ଅତି ଜଟିଳ ପ୍ରକ୍ରିୟାକୁ ଅତି ନିଖୁଣ ଭାବରେ କରି ବାର କ୍ଷମତା ଭାରତରେ କେବଳ ଦୁଇଜଣଙ୍କ ପାଖରେ ଅଛି । ଆଉ ସେ ଦୁଇଜଣ ହେଲେ ମୁଁ ନିଜେ ଓ ଦୀପକ । ଏ କଥା ଶୁଣି ଜ୍ଞାଠୁଆ କହିଲେ, ଏହା ଏକ ଚିନ୍ତାଜନକ ବିଷୟ । ଆପଣମାନେ ଟିକେ ଭଲ କରି ଭାବନ୍ତୁ, ଆପଣଙ୍କ ଗବେଷଣାଗାରର କୌଣସି ଛାତ୍ର କିମ୍ବା ଅନ୍ୟ କେହି ଏହି କଳାରେ ନିପୁଣ ହୋଇପାରନ୍ତି । ନ ହେଲେ ଦୁଃଖର ସହ ମୋତେ କହିବାକୁ ପଡୁଛି ଯେ, ଯଦି ପ୍ରକୃତ ଦୋଷୀ ଧରା ନ ପଡିଲା, ତେବେ ସନ୍ଦେହର ବଳୟ ଭିତରକୁ ଆପଣ ମାନେ ଆସିପାରନ୍ତି । ହଉ ଏବେ ରାତି ହୋଇଗଲାଣି, ଆପଣମାନେ ଘରକୁ ଯାଆନ୍ତୁ । ପୁଣି କାଲି ଏ ବିଷୟରେ ଚର୍ଚ୍ଚା କରିବା ।

ଡଃ ରଥ ଓ ଡଃ ମହାପାତ୍ର ଏକ ସାଙ୍ଗରେ ବାହାରକୁ ଗଲେ । ବାରଣ୍ଡାରେ ପାଦରେ ତାଳଦେଇ ଚାଲୁଥିବା ବେଳେ ଡଃ ରଥ ପଚାରିଲେ ଦୀପକ କେମିତି ଅଛ ?

ଡଃ ମହାପାତ୍ର - (ଟିକେ ସ୍ମିତ ହାସ୍ୟ ଦେଇ) ଭଲ ଅଛି । ଆଉ ତୁମେ ?

ଡଃ ରଥ - ହଁ ସେମିତି । ଆଚ୍ଛା ମୁଁ ଶୁଣିବାକୁ ପାଇଲି, ତୁମେ ଆଜି ଯାଏ ବିବାହ କରିନାହଁ ?

ଡଃ ମହାପାତ୍ର - (ଟିକେ ଜୋରରେ ହସି କରି) ତୁମେ ଭଲ ଭାବରେ ଜାଣ, ମୁଁ ସଲମନ ଖାଁଙ୍କ କେତେ ବଡ ପ୍ରଶଂସକ, ତେଣୁ ଦୀକ୍ଷାରେ ଦୀକ୍ଷିତ ହୋଇଅଛି ।

ଡଃ ରଥ - (ଟିକେ କୃତ୍ରିମ ରାଗ ପ୍ରକାଶ କରି) ତୁମର ସବୁ ଗମ୍ଭୀର କଥାକୁ ହାଲୁକା ଭାବରେ ନେବାର ପ୍ରକୃତି ଆଜି ଯାଏ ଯାଇନି ।

ଡଃ ମହାପାତ୍ର - ତୁମେ ବି ତ ବିବାହ କରିନ, ଯଦିଓ ତୁମର ପସନ୍ଦର ସବୁ ହିରୋଇନ୍ ଦୁଇ ଦୁଇ ଥର ବିବାହ କରି ସାରିଲେଣି ।

ଡଃ ରଥ - ଆଲୋଚନାକୁ ଅନ୍ୟ ଦିଗକୁ ବୁଲାଇବାକୁ ଚେଷ୍ଟା କରି କହିଲେ, ଆମେ ଆସି ଗାଡି ପାଖରେ ପହଁଚି ଗଲେଣି, ଏବେ ଯିବା, ବାକି କଥାବାର୍ତ୍ତା ପଛରେ । ତାପରେ ଦୁଇଜଣ ଯାକ ନିଜ ନିଜ ଗାଡିରେ ବସି ନିଜ ନିଜ ଗନ୍ତବ୍ୟ ସ୍ଥାନ ଆଡେ ବାହାରିଗଲେ ।

ଡଃ ରଥ ନିଜ ଗାଡିରେ ବସି ଭାବନା ରାଜ୍ୟରେ ପଛକୁ ଫେରିଗଲେ । ୭ ଅକ୍‌ଟୋବର ୨୦୨୦ ସୁରଭୀଙ୍କ ଜୀବନର ଏକ ଅବିସ୍ମରଣୀୟ ଦିନ । ସେହି ଦିନ ୨୦୨୦ ବର୍ଷ ପାଇଁ ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ଘୋଷଣା କରାଗଲା । ସୁରଭୀଙ୍କ ଗବେଷଣା ତତ୍ତ୍ୱାବଧାରକ ପ୍ରଫେସର ଜେନିଫର ଦୌଦ୍ନା (Jenniffer Doudna) ଓ ତାଙ୍କ ଗବେଷଣା ସହଯୋଗୀ ଇମନୁଲ୍ ଚାରପେନ୍ତାୟର (Emmanuelle Charpentier) ଙ୍କୁ ଯୁଗ୍ମ ଭାବେ ଏହି ପୁରସ୍କାର ପ୍ରଦାନ କରାଗଲା । ଏହି ସମ୍ବାଦ ଶୁଣି ଖୁସିରେ ଆତ୍ମହରା ହୋଇ ପଡିଥାନ୍ତି ସୁରଭୀ । ସେ ଦିନ ଥିଲା ତାଙ୍କର ପ୍ରଫେସର ଦୌଦ୍ନାଙ୍କ ପରୀକ୍ଷାଗାରରେ ସୁରଭୀଙ୍କର ଶେଷ ଦିନ । ସେ ଦିନ ସନ୍ଧ୍ୟାରେ ନିଜ ମାତୃଭୂମି ଭାରତକୁ ପ୍ରତ୍ୟାବର୍ତ୍ତନ କରିବାର ସବୁ ଔପଚାରିକତା ଶେଷ କରିଥାନ୍ତି । ସେଠାରେ ଯାଇ ନିଜର ନୂତନ କାର୍ଯ୍ୟପନ୍ଥା ସ୍ୱାଧୀନ ଭାବରେ ସ୍ଥିର କରିବେ, ଏହା ସହିତ ନିଜର ପୁରୁଷ ବନ୍ଧୁ ଦୀପକ ସହିତ ବିବାହ କରି ଖୁସିରେ ପରବର୍ତ୍ତୀ ଜୀବନ ନିର୍ବାହ କରିବେ । ଇମନୁଲ୍ ଚାରପେନ୍ତାୟରଙ୍କ ପରୀକ୍ଷାଗାରରେ ଦୀପକ ମଧ୍ୟ ନିଜର ଗବେଷଣା ଶେଷ କରିଥାନ୍ତି । କାଲିଫର୍ଣ୍ଣିଆରୁ ଦୀପକ ଆସି ଜର୍ମାନର ମୁନୀଚ ବିମାନ ବନ୍ଦରରେ ପହଁଚିବେ । ସେଠାରୁ ଦୁଇଜଣ ଯାକ ବିମାନ ଯୋଗେ ଭାରତ ପ୍ରତ୍ୟାବର୍ତ୍ତନ କରିବେ । ଭାରତ ପହଁଚିଲା ପରେ ଉଭୟ ଉଭୟଙ୍କର ପିତା ମାତାଙ୍କୁ ଦେଖା କରି ନିଜର ମନ କଥା ଜଣାଇବେ । ମୁନୀଚ ବିମାନ ବନ୍ଦରରେ ବସି ନିଜ ସୁନେଲି ଭବିଷ୍ୟତର ରଙ୍ଗୀନ ସ୍ୱପ୍ନରେ ବୁଡି ଯାଇଥିବା ସୁରଭୀ, କାହାର ଡାକିବା ଶବ୍ଦରେ ସଞ୍ଚେତ ହୋଇଉଠିଲେ । ବିକାଶଙ୍କୁ ସେଠାରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ବିକାଶ ଦାଶ ଉଭୟଙ୍କର ବନ୍ଧୁ । ସେ ମଧ୍ୟ ଇମନୁଲ୍ ଚାରପେନ୍ତାୟରଙ୍କ ପରୀକ୍ଷାଗାରରେ ଦୀପକଙ୍କ ସହ ମଧ୍ୟ କାର୍ଯ୍ୟ କରନ୍ତି । ବିକାଶ କହିଲେ ଦୀପକ ତୁମ ପାଇଁ ମୋ ହାତରେ ଏକ ବାର୍ତ୍ତା ଚିଠି ମାଧ୍ୟମରେ ପଠାଇଛି । ଏହା କହି ସେ ଏକ ଚିଠି ସୁରଭୀଙ୍କ ହାତକୁ ବଢାଇଦେଲେ । ସୁରଭୀ ଉତ୍‌କଣ୍ଠାରେ ସେହି ଚିଠିଟିକୁ ଖୋଲିଲେ ଓ ଚିଠିଟିକୁ ପଢି ସାରିବା ପରେ ତାଙ୍କ ଉପରେ ପାହାଡ ତୁଟି ପଡିଲା ଭଳି ଲାଗିଲା । ସେ କିଛି କ୍ଷଣ ହତବକ ହୋଇ ବସିପଡିଲେ । ଚିଠିରେ ଲେଖାଥିଲା ଯେ, ଦୀପକଙ୍କ ପିତା ମାତା ଦୀପକ ସହିତ ସୁରଭୀଙ୍କ ବିବାହରେ ଖୁସି ନୁହଁନ୍ତି । ସେମାନେ ଦୀପକଙ୍କ ବିବାହ ଅନ୍ୟତ୍ର ଠିକଣା କରିଛନ୍ତି । ତେଣୁ ସୁରଭୀ ତାଙ୍କୁ କ୍ଷମା କରି ଦିଅନ୍ତୁ ଓ ତାଙ୍କୁ କେବେ ବି ସମ୍ପର୍କ କରିବାକୁ ଚେଷ୍ଟା ନ କରନ୍ତୁ ।

ଏ ଭଳି ଏକ ଅପ୍ରତ୍ୟାସିତ ଚିଠି ପାଇ ସେ ହତବାକ ହୋଇପଡିଲେ । ବିକାଶ ତାଙ୍କୁ ଶାନ୍ତ୍ୱନା ଦେବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ କିଛି ନ ଶୁଣି ଭାରତ ଫେରି ଆସିଥିଲେ । ଘର ପାଖରେ ପହଁଚିଲା ପରେ ଡ୍ରାଇଭରର ଡାକରା ତାଙ୍କର ଭାବନାରେ ପୂର୍ଣ୍ଣଚ୍ଛେଦ ଟାଣିଲା ।

ତା ପରଦିନ ସକାଳ ୧୦ଟା । ପୋଲିସ୍ ମୁଖ୍ୟାଳୟ । ମହାନିର୍ଦ୍ଦେଶକ ଝାଠୁଆ ଓ ଡଃ ରଥ ଉପସ୍ଥିତ ଥାଆନ୍ତି । ଡଃ ମହାପାତ୍ରଙ୍କୁ ଅପେକ୍ଷା । ଡଃ ରଥ ସବୁ ତଥ୍ୟ ଅନୁଧ୍ୟାନ କଲା ପରେ କହିଲେ ତିନି ଜଣ ଯାକ ଦୋଷୀଙ୍କ ଉପରେ ଅତି ଜଟିଳ ଅସ୍ତ୍ରୋପଚାର କରାଯାଇ ସେମାନଙ୍କ ଜିନିୟ ଅନୁକ୍ରମରେ ବଡ଼ ଧାରଣାର ପରିବର୍ତ୍ତନ କରାଯାଇଛି । ଜୈବ ପ୍ରଯୁକ୍ତି ବିଦ୍ୟାର ତୀକ୍ଷ୍ଣତମ ହତିଆର, ଆନୁବଂଶିକ କତୁରୀ ବା ଆଣବିକ କତୁରୀ (CRISPR/ Cas9 genetic scissors)କୁ ବ୍ୟବହାର କରି ଏହି ଅସ୍ତ୍ରୋପଚାର କରାଯାଇଛି । ଯେଉଁ ଜିନ ସ୍ନେହ, ପ୍ରେମ, ସହନଶୀଳତା ଓ ଅନ୍ୟାନ୍ୟ ମାନବୀୟ ଗୁଣ ପାଇଁ ଉଦ୍ଦିଷ୍ଟ ସେହି ଜିନଗୁଡ଼ିକୁ ଜିନୀୟ ଅନୁକ୍ରମରୁ ଅଲଗା କରି ଦିଆଯାଇଛି । CRISPR/ Cas9 କତୁରୀ ଦୁଇଟି ଜୈବିକ ଅଣୁର ସଂଯୋଗରେ ସୃଷ୍ଟି ହୋଇଛି । Cas9 ଏକ enzyme ଯାହା ଆଣବିକ କତୁରୀ ଭଳି କାର୍ଯ୍ୟ କରେ । ଏହା DNAର ଦୁଇଖିଅ (strands)କୁ ନିର୍ଦ୍ଦିଷ୍ଟ ସ୍ଥାନରେ କାଟି ଦେଇପାରେ । ଅନୁବଂଶିକ ଅନୁକ୍ରମ (genome sequence)କୁ କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ Cas9 କାଟିବ, tracr-RNA ବା g-RNA (guide RNA) ତାର ପଥ ପ୍ରଦର୍ଶନ କରେ । g-RNA ଏକ କ୍ଷୁଦ୍ର RNA ଅନୁକ୍ରମ ଯେଉଁଥିରେ ୨୦ଟି ପାଖାପାଖି ଜୈବିକ କ୍ଷାର (organic bases) ଥାଏ । g-RNA ରେ ଥିବା base, DNAର କଟାଯିବା ପାଇଁ ସ୍ଥିର କରାଯାଇଥିବା ଅଂଶର ଅନୁକ୍ରମର ପରିପୂରକ ଅଟେ । ତେଣୁ ଯେପରି ଏକ ଗୋଲକ ଧନ୍ଦା ଖଣ୍ଡ (puzzle pieces) କେବଳ ତାର ପରିପୂରକ ଖଣ୍ଡ ସହିତ ଲାଗିପାରେ, ସେହିପରି g-RNA କେବଳ DNA ବା geneର କଟାଯିବା ପାଇଁ ସ୍ଥିର ହୋଇଥିବା ଲକ୍ଷ୍ୟ ସ୍ଥଳରେ ଲାଗିବ ଏବଂ Cas9 କୁ ସେହି ସ୍ଥାନରେ କାଟିବା ପାଇଁ ସାହାଯ୍ୟ କରିବ । ଏହିପରି ଭାବରେ ଆନୁବଂଶିକ କତୁରୀ କାର୍ଯ୍ୟ କରେ ।

କେଉଁ ଗୁଣ ପାଇଁ କେଉଁ ଜିନ ଦାୟୀ ଓ ସେହି ନିର୍ଦ୍ଦିଷ୍ଟ ସ୍ଥାନରେ କାଟି ସେ ଜିନଗୁଡ଼ିକୁ ଅଲଗା କରିବାର କଳା ଓ ସାମର୍ଥ୍ୟ ଭାରତରେ କେବଳ ଡଃ ମହାପାତ୍ର ଓ ମୋ ପାଖରେ ଅଛି । କିନ୍ତୁ ଏହି ଜଟିଳ ଅସ୍ତ୍ରୋପଚାର କରିବାର ଯନ୍ତ୍ରପାତି ଓ ଉପକରଣ କେବଳ ଡଃ ମହାପାତ୍ରଙ୍କ ପ୍ରୟୋଗଶାଳାରେ ଉପଲବ୍ଧ । ଏତିକି କହିଲା ପରେ ଟିକେ ବିଚଳିତ ହୋଇ ଡଃ ରଥ ପୁଣି କହିଲେ, ମୁଁ ଦୀପକକୁ ଯେତିକି ଜାଣିଛି, ସେ କେବେ ବି ଏଭଳି ଅମାନବୀୟ କାର୍ଯ୍ୟ କରିପାରିବିନି । ସେ ବିଜ୍ଞାନକୁ ମାନବ ଜାତିର କଲ୍ୟାଣରେ ଲଗାଇବା ପାଇଁ ପ୍ରତିଜ୍ଞାବଦ୍ଧ । ଏତିକିବେଳେ ଡଃ ମହାପାତ୍ର ଆସି ପହଁଚିଲେ । ସଙ୍ଗେ ସଙ୍ଗେ ମି. ଝାଠୁଆ ତାଙ୍କୁ ସବୁ କଥା ଜଣେଇଲେ ଏବଂ କହିଲେ ଯଦି ୨୪ ଘଣ୍ଟା ମଧ୍ୟରେ ପ୍ରକୃତ ଦୋଷୀ ଧରା ନ ପଡେ, ତେବେ ବାଧ୍ୟ ହୋଇ ନ ଚାହିଁ ମଧ୍ୟ ଆପଣଙ୍କୁ ଅନୁସନ୍ଧାନର ପରିସର ଭୁକ୍ତ କରାଯିବ ଓ ଦରକାର ପଡିଲେ ଗିରଫ୍ ମଧ୍ୟ କରାଯିବ । ଏହା ଶୁଣି ଉଭୟ ଡଃ ମହାପାତ୍ର ଓ ଡଃ ରଥ ଟିକେ ବିଚଳିତ ହୋଇପଡିଲେ । ଡଃ ରଥ ପୁଣି ଥରେ ସ୍ମୃତିର ପଥରେ ପଛକୁ ଫେରିଗଲେ । ୨୦୧୧ ମସିହା ପୁର୍ଟରିକୋ (Purto Rico) ରେ ଅନୁଷ୍ଠିତ ହେଉଥାଏ ଏକ ବୈଜ୍ଞାନିକ ସମ୍ମିଳନୀ । ଏହି ସମ୍ମିଳନୀରେ ପ୍ରଫେସର ଜେନିଫର୍ ଦୌଦ୍ନା (Jenniffer Doudna) ଓ ପ୍ରଫେସର ଇମନୁଲ ଚାରପେନ୍ତାୟରଙ୍କ ଭେଟ ପ୍ରଥମ ଥର ପାଇଁ ହୋଇଥିଲା । ଏହି ସମ୍ମିଳନୀ ସେ ଦୁଇଜଣଙ୍କ ଜୀବନରେ ଆଣିଥିଲା ଯୁଗାନ୍ତକାରୀ ପରିବର୍ତ୍ତନ । ଏହି ସମ୍ମିଳନୀ ପରେ ସେମାନେ ପରସ୍ପରର ସହଯୋଗିତାରେ ଗବେଷଣା ଆରମ୍ଭ କଲେ ଓ ଜୈବ ପ୍ରଯୁକ୍ତି ବିଦ୍ୟାର ତୀକ୍ଷ୍ଣତମ ହତିଆର, ଆନୁବଂଶିକ କତୁରୀ ବା ଆଣବିକ କତୁରୀ (CRISPR/ Cas9 genetic scissors)କୁ ଆବିଷ୍କାର କଲେ । ଏହି ଆବିଷ୍କାର ସେମାନଙ୍କୁ ଭବିଷ୍ୟତରେ ନୋବେଲ୍ ବିଜେତା କରିଥିଲା । ଏହି ସମ୍ମିଳନୀ ପ୍ରଫେସର ଦୌଦ୍ନାଙ୍କ ଛାତ୍ରୀ ସୁରଭୀଙ୍କ ଜୀବନରେ ମଧ୍ୟ ଥିଲା ଏକ ଜୀବନ ପରିବର୍ତ୍ତନକାରୀ ମୋଡ । ଏହି ସମ୍ମିଳନୀରେ ତାଙ୍କର

ଭେଟ ହୋଇଥିଲା ପ୍ରଫେସର ଇମନୁଲ୍ ଚାରପେନ୍ତାୟରଙ୍କର ଦୁଇ ଭାରତୀୟ ଛାତ୍ର ଦୀପକ ଓ ବିକାଶଙ୍କ ସହିତ । ବିକାଶ ଥିଲେ ଅତି ସୁନ୍ଦର ଓ ଅତି ମିଷ୍ଟଭାଷୀ । ସୁରଭୀ ମଧ୍ୟ ଥିଲା ଅତି ସୁନ୍ଦର ଏବଂ ଖୁସି ମିଜାଜର ଝିଅ । ବିକାଶ ଆସି ସୁରଭୀଙ୍କ ସହିତ ପରିଚିତ ହେଲେ ଓ ତାଙ୍କ ସହିତ ବନ୍ଧୁତା ସ୍ଥାପନ କରିଲେ । ଧୀରେ ଧୀରେ ସେ ନିଜ ବ୍ୟକ୍ତିତ୍ୱ ଦ୍ୱାରା ସୁରଭୀଙ୍କୁ ପ୍ରଭାବିତ କରିବାକୁ ଲାଗିଲେ । ସୁରଭୀଙ୍କ ସହିତ କିଛି ଦିନ ମଧ୍ୟରେ ବିକାଶଙ୍କର ନିବିଡ଼ ବନ୍ଧୁତ୍ୱ ସୃଷ୍ଟି ହୋଇଗଲା । ଅନ୍ୟ ପକ୍ଷରେ ଦୀପକ ଥିଲେ ଲାଜକୁରା, ସାଧା ସିଧା, ଟିକେ ରାଗି ଓ ସିଧା ସିଧା ମୁହଁ ଉପରେ ଭୁଲ୍ ଜଣାଇ ଦେଉଥିବା ବ୍ୟକ୍ତି । ତାଙ୍କର ନିଜ କାମ ଉପରେ ସବୁବେଳେ ମନୋନିବେଶ କରିଥାନ୍ତି । ବିଜ୍ଞାନକୁ ମାନବ କଲ୍ୟାଣରେ କିପରି ବ୍ୟବହାର କରାଯାଇପାରିବ, ସେଥିପାଇଁ ସଦା ସର୍ବଦା ଚେଷ୍ଟିତ ସୁରଭୀ । ଦୁଇ ପ୍ରଫେସରଙ୍କ ଗବେଷଣା ଦଳ ମିଳିତ ଗବେଷଣା ଯୋଗୁଁ ବାରମ୍ବାର ଏକାଠି ହେଉଥିଲେ । ଏହା ସୁରଭି, ବିକାଶ ଓ ଦୀପକଙ୍କୁ ମଧ୍ୟ ବାରମ୍ବାର ମିଳିବାର ସୁଯୋଗ ଦେଉଥିଲା । ଏହା ସେମାନଙ୍କ ବନ୍ଧୁତାକୁ ଆହୁରି ମଜଭୁତ କରୁଥିଲେ । ଦିନେ ବିକାଶ ଆସି ସୁରଭୀଙ୍କୁ ଏକା ଭେଟିଲେ ଏବଂ ତାଙ୍କ ପ୍ରତି ବିକାଶଙ୍କ ମନରେ ସୃଷ୍ଟି ହୋଇଥିବା ଦୁର୍ବଳତା ବିଷୟରେ ପ୍ରକାଶ କଲେ । ତାଙ୍କୁ ବିବାହର ପ୍ରସ୍ତାବ ଦେଲେ । ବିକାଶଙ୍କ ପାଖରେ ଯେ କୌଣସି ଝିଅଙ୍କୁ ଆକର୍ଷଣ କଲା ଭଳି ପୁସ୍ତକରେ ଲିଖିତ ସବୁ ଗୁଣ ଥିଲା । ପ୍ରେମ କିନ୍ତୁ ଏକ ଐଶ୍ୱର୍ଯ୍ୟ ରହସ୍ୟ । କାହାକୁ କିଏ କେତେବେଳେ ଭଲ ଲାଗିବ ଓ କାହା ହୃଦୟରେ କିଏ ସ୍ଥାନ ପାଇବ କାହାକୁ ଜଣା ନାହିଁ । ବିକାଶଙ୍କ ପ୍ରସ୍ତାବ ଶୁଣିଲା ପରେ ସୁରଭୀ ଟିକେ ଚୁପ୍ ହୋଇଗଲେ । ତାପରେ କହିଲେ ବିକାଶ କ୍ଷମା କରିବ । ତୁମେ ମୋର ଅତି ଘନିଷ୍ଠ ବନ୍ଧୁ । କିନ୍ତୁ ତୁମ ପାଇଁ ମୋ ହୃଦୟରେ ସେହିଭଳି କୌଣସି ଭାବନା ସୃଷ୍ଟି ହୋଇନାହିଁ । କିନ୍ତୁ ମୁଁ ଭାବୁଛି, ବୋଧହୁଏ ଦୀପକଙ୍କ ପାଇଁ ସେପରି କିଛି ଭାବନା ମୋ ମନରେ ସୃଷ୍ଟି ହୋଇଛି । ଏହା ଶୁଣି ବିକାଶ ଟିକେ ଗମ୍ଭୀର ହୋଇଗଲେ ଓ କ'ଣ ଗୋଟେ ଅତି ନୀଚ ସ୍ୱରରେ କହିଲେ । ସୁରଭୀ କଣ କହିଲ ବୋଲି ପଚାରିବାରୁ ନିଜକୁ ସଞ୍ଜତ କରି ବିକାଶ କହିଲେ ସୁରଭୀ ତୁମେ ଖୁସିରେ ମୋ ଖୁସି । ତୁମେ ଖୁସିରେ ରୁହ । ବିକାଶ ଗଲାପରେ ସୁରଭୀ ଭାବିଲେ କଣ ପାଇଁ ଦୀପକଙ୍କୁ ସେ ହୃଦୟ ଦେଇ ବସିଛନ୍ତି । ଦୀପକଙ୍କ କେଉଁ ଗୁଣ ତାଙ୍କୁ ଆକର୍ଷିତ କରିଅଛି । କିନ୍ତୁ ଏହି ପ୍ରଶ୍ନର ସେ କୌଣସି ଉତ୍ତର ପାଇଲେ ନାହିଁ । ଏତିକିବେଳେ ତାଙ୍କ ମନକୁ କୌଣସି ପୁସ୍ତକରେ ପଢିଥିବା କେତୋଟି ଧାଡ଼ି ମନେ ପଡିଲା । ଯଦି ତୁମେ କାହାକୁ ତାର ସୁନ୍ଦରତା ପାଇଁ ଭଲ ପାଅ ତା ହେଲେ ତାକୁ ଆକର୍ଷଣ କୁହାଯାଏ, ଯଦି ତୁମେ କାହାକୁ ତାର ଧନ ପାଇଁ ଭଲ ପାଅ ତା ହେଲେ ତାକୁ ବ୍ୟାପାର କୁହାଯାଏ, ତୁମେ କାହାକୁ ଖୁସି କରିବା ପାଇଁ ଭଲ ପାଅ, ତା ହେଲେ ତାକୁ ସହାନୁଭୂତି କୁହାଯାଏ କିନ୍ତୁ ଯଦି ଭଲପାଇବାର କୌଣସି କାରଣ ନ ଥାଏ, ତାହାହେଲେ ସେଇଟା ପ୍ରକୃତ ପ୍ରେମ । ସୁରଭୀ ସଙ୍ଗେ ସଙ୍ଗେ ଦୌଡି କି ଦୀପକଙ୍କ ପାଖକୁ ଗଲେ ଓ ନିଜ ମନ କଥା ତାଙ୍କ ଆଗରେ ପ୍ରକାଶକଲେ ।

ସୁରଭୀଙ୍କ ଭାବନାରେ ମିସ୍ ଲିପିକାଙ୍କ କଥାରେ ବିରାମ ଲାଗିଲା । ମିସ୍ ଲିପିକା ଆସି ପହଁଚିଲେ ଓ ମି. ଜ୍ଞାଠୁଆଙ୍କୁ କହିଲେ ଗୋଟେ ତଥ୍ୟ ମିଳିଛି ସାର୍ । ତିନିଜଣ ଯାକ ଦୋଷି ବିଗତ ୬ ମାସ ମଧ୍ୟରେ ନୂତନ ଭାବରେ ଖୋଲିଥିବା ଏକ ନିର୍ଦ୍ଦିଷ୍ଟ ବହୁ ରାଷ୍ଟ୍ରୀୟ କ-ାନୀର ଚର୍ମ ଓ ସୌନ୍ଦର୍ଯ୍ୟ ଚିକିତ୍ସା କେନ୍ଦ୍ରର ବିଭିନ୍ନ ଶାଖାରେ ଚିକିତ୍ସିତ ହୋଇଛନ୍ତି । ମି. ଜ୍ଞାଠୁଆ କହିଲେ କିନ୍ତୁ ଚର୍ମ ଓ ସୌନ୍ଦର୍ଯ୍ୟ ଚିକିତ୍ସା କେନ୍ଦ୍ରରେ ଏହିପରି ଅସ୍ତ୍ରୋପଚାର ପାଇଁ ସରଞ୍ଜାମ ନଥିବ କି ବିଶେଷଜ୍ଞ ନ ଥିବେ । ମିସ୍ ଲିପିକା କହିଲେ ପ୍ରାଥମିକ ଅନୁସନ୍ଧାନରେ ସେମିତି କିଛି ସନ୍ଦେହ ଜନକ ତଥ୍ୟ ସେଠାରୁ ମିଳିନାହିଁ । ଏହି

କଥୋପକଥନ ଶୁଣି ହଠାତ୍ ସୁରଭୀଙ୍କ ମସ୍ତିଷ୍କକୁ ଗୋଟେ କଥା ଆଘାତ କଲା । ଦୀପକ ପୂର୍ବରୁ ଅଜାଣତରେ ଯଦି ତାଙ୍କୁ ଛୋଟ ଆଘାତ ଦେଉଥିଲେ, ତାଙ୍କ ଆଖିରେ ଅନୁତାପ ଦେଖା ଯାଉଥିଲା ଏବଂ ସେ ସଂଗେ ସଂଗେ କ୍ଷମା ମାଗି ନେଉଥିଲେ । ୭ ଅକ୍ଟୋବର ୨୦୨୦ର ଏତେ ବଡ ଆଘାତ ଦେଇଥିଲେ ମଧ୍ୟ ଦୀପକଙ୍କ ଆଖିରେ ନା ସେ ଅନୁତାପ ଦେଖିଥିଲେ ନା ଦୀପକ ତାଙ୍କୁ କ୍ଷମା ମାଗିଥିଲେ । ସୁରଭୀ ସଂଗେ ସଂଗେ ଉଠି ଦୀପକ ବସିଥିବା କୋଠରୀକୁ ଧାଇଁ ଗଲେ । ସେଠାରେ ଯାଇ ଦୀପକଙ୍କୁ ପଚାରିଲେ ୭ ଅକ୍ଟୋବର ୨୦୨୦ରେ ତୁମେ କାହିଁକି ଆସିଲନି ? ଦୀପକ କହିଲେ, ଏ ପ୍ରଶ୍ନ ତୁମେ ମୋତେ ପଚାରୁଛ ? ହଁ ତୁମ ପାଟିରୁ ଶୁଣିବାକୁ ଚାହୁଁଛି । ଦୀପକ କହିଲେ, ତୁମେ ବା ଚିଠି ଦେଇଥିଲ ଯେ ତୁମ ପିତା ମାତା ମୋ ସହିତ ତୁମ ବିବାହ କରିବାକୁ ଚାହୁଁନାହାଁନ୍ତି । ତେଣୁ ମୁଁ ତୁମଠାରୁ ଦୂରେଇଯିବି ଓ ତୁମ ସହ କେବେ ବି ସ-ର୍କ ସ୍ଥାପନ କରିବାକୁ ଚେଷ୍ଟା କରିବିନି । ତୁମ ଇଚ୍ଛାକୁ ମୁଁ ସଦାସର୍ବଦା ସମ୍ମାନ ଦେଇଅଛି । ଏଥର ମଧ୍ୟ ଦେଇଛି । କେବେ ବି ତୁମକୁ ସେ ବିଷୟରେ ପଚାରିନି । ତୁମ ଛଡା ଆଉ କାହା ସହିତ ବିବାହ କରିପାରିବିନି, ସେଥିପାଇଁ ବିବାହ ମଧ୍ୟ କରିନାହିଁ । ଏହା ଶୁଣି ସୁରଭୀ ସୋଫା ଉପରେ ହତାଶ ହୋଇ ବସିପଡିଲେ ଏବଂ କହିଲେ ଚିଠିଟି ନିଶ୍ଚୟ ବିକାଶ ଦେଇଥିବ । ଦୀପକ ଆଶ୍ଚର୍ଯ୍ୟ ହୋଇ କହିଲେ ହଁ ଓ ପଚାରିଲେ କଣ ହେଲା ? ସୁରଭୀ ଦୀର୍ଘ ନିଶ୍ୱାସ ପକାଇ କହିଲେ ବିକାଶ ମୋତେ ମଧ୍ୟ ଏକ ସମାନ ଚିଠି ଦେଇଥିଲା । ଦୀପକ ଏହା ଶୁଣି ହତାଶ ହୋଇ ସୋଫା ଉପରେ ବସିପଡିଲେ । ସୁରଭୀ ପୁଣି କହିଲେ, କିଛି ଦିନ ତଳେ ଆମର ଜଣେ ପୁରାତନ ଗବେଷଣାଗାର ସାଥୀ ଠାରୁ ଖବର ପାଇଲି କି ବିକାଶ କିଛି ଦିନ ମାନସିକ ରୋଗରେ ପୀଡିତ ହୋଇ ଚିକିତ୍ସିତ ହୋଇଥିଲା ଏବଂ ତାପରେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଚାକିରୀ ଛାଡି ଏକ ବହୁ ରାଷ୍ଟ୍ରୀୟ କ-ାନୀର ଗବେଷଣା ବିଭାଗର ମୁଖ୍ୟ ରୂପେ ଯୋଗ ଦେଇଛି । ସେ ଆଜି ଯାଏ ମୁଁ ତା ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ କରି ତୁମକୁ ସାଥୀ ରୂପେ ଗ୍ରହଣ କରିବାକୁ ଗ୍ରହଣ କରିପାରିନାହିଁ । ସେ ଉଭୟ ତୁମଠାରୁ ଓ ପ୍ରେମଠାରୁ ପ୍ରତିଶୋଧ ନେବାକୁ ଏ ଯୋଜନା କରିଛି । ଏତିକିବେଳେ ମି.ଜ୍ଞାଠୁଆ ଭିତରକୁ ପଶି ଆସିଲେ ଓ କହିଲେ ଡଃ ମହାପାତ୍ର ଓ ଡଃ ରଥ ମୁଁ ସବୁ ଶୁଣିସାରିଛି । ମିସ୍ ଲିପିକାଙ୍କ ନେତୃତ୍ୱରେ ପୋଲିସ୍ ଦଳ ବାହାରିଲେଣି । ଶୀଘ୍ର ଏ ସମସ୍ୟାର ସମାଧାନ ହୋଇଯିବ । ଆପଣମାନେ ଏବେ ଘରକୁ ଯାଆନ୍ତୁ ଓ ବିଶ୍ରାମ ନିଅନ୍ତୁ । ଏକ ସପ୍ତାହ ପରେ ଡାକରା ପାଇ ଡଃ ମହାପାତ୍ର ଓ ଡଃ ରଥ ପୁଣି ପୋଲିସ୍ ମୁଖ୍ୟାଳୟରେ ଉପସ୍ଥିତ । ମିସ୍ ଲିପିକା ବିକାଶ ଦାଶଙ୍କୁ ଗିରଫ୍ କରି ପୋଲିସ୍ ମୁଖ୍ୟାଳୟରେ ରଖିଥାଆନ୍ତି । ଏ ଦୁଇ ଜଣଙ୍କୁ ଦେଖି ବିକାଶ କହିଲେ, ମୁଁ ଶପଥ ନେଇଛି ଦୀପକକୁ ଓ ପ୍ରେମ ନାମକ ଅନୁଭବକୁ ପୃଥିବୀରୁ ସମୂଳେ ନାଶ କରିଦେବି । ମି.ଜ୍ଞାଠୁଆ କହିଲେ, ତୁମର ଏ ସ୍ୱପ୍ନ କେବେ ବି ସଫଳ ହେବନାହିଁ । ସେ ମିସ୍ ଲିପିକାଙ୍କୁ ନିର୍ଦ୍ଦେଶ ଦେଲେ, ବିକାଶକୁ ଜେଲ୍ ପଠାଇ ଦେବା ପାଇଁ । ସୁରଭୀ ମି.ଜ୍ଞାଠୁଆଙ୍କୁ କହିଲେ, ଏବେ ବି ଲୋକେ ଆକର୍ଷଣକୁ ପ୍ରେମ ବୋଲି ଭାବୁଛନ୍ତି । ପ୍ରକୃତ ପ୍ରେମ ସର୍ତ୍ତବିହୀନ ଅଟେ ଓ ତ୍ୟାଗରେ ବିଶ୍ୱାସ କରେ । ଏହା ମନୁଷ୍ୟକୁ ମହାମାନବ କରିଦିଏ । ଅନ୍ୟ ପକ୍ଷରେ ଆକର୍ଷଣ ଭୌତିକବାଦୀ ଭୋଗରେ ବିଶ୍ୱାସ କରେ ଓ ମନୁଷ୍ୟକୁ ରାକ୍ଷାସ ବନାଇ ଦିଏ । ଦୀପକ ଓ ବିକାଶ ଏହି ଦୁଇପକ୍ଷର ଜ୍ୱଳନ୍ତ ଉଦାହରଣ । ସେହିପରି ବିଜ୍ଞାନକୁ ଭଲ ପାଉଥିବା ମଣିଷ ବିଜ୍ଞାନକୁ ମାନବ କଲ୍ୟାଣ ପାଇଁ ବ୍ୟବହାର କରେ କିନ୍ତୁ ବିଜ୍ଞାନକୁ ବୃତ୍ତି ଭାବୁଥିବା ମଣିଷ ନିଜର ଭୌତିକ ଲାଳସା ମେଣ୍ଟାଇବା ପାଇଁ ବିଜ୍ଞାନକୁ ମାନବ ସମାଜର ଧ୍ୱଂସ ପାଇଁ ବ୍ୟବହାର କରେ । ଦୀପକ ଓ ସୁରଭୀ ପରସ୍ପରକୁ ଆଲିଙ୍ଗନ କରି ଶାନ୍ତ୍ୱନା ଦେବାକୁ ଚେଷ୍ଟା କଲେ ଓ ୨୦ ବର୍ଷ ତଳେ କରିଥିବା ଭୁଲକୁ ସୁଧାରିବା ପାଇଁ ବାହାରିଗଲେ ।



# ସ୍ୱପ୍ନ

• ଡ. ସୋମ୍ୟା ନନ୍ଦ
ସହଯୋଗୀ ପ୍ରଫେସର,
ବାଣିଜ୍ୟ ବିଭାଗ

ଅର୍ମସତର୍ଡମ (Amsterdam)ର ଏକ ନିର୍ଜନ ରାସ୍ତାରେ ଚାଲୁ ଚାଲୁ ଅରୁନ୍ଧତୀର ନଜର ପଡିଲା ଏକ କୁନି ପୁଅ ଏବଂ ତା' ମା' ଉପରେ। ମାମା ଡାକ ଯେମିତି ତା କର୍ଣ୍ଣ ପିଣ୍ଡୁଳାରେ ବାଜି ପ୍ରତିଧ୍ୱନୀ ହେଉଥିଲା। ଏହି ଡାକ ତାକୁ ଦୀର୍ଘ ପଚିଶ ବର୍ଷ ପୂର୍ବକୁ ନେଇଗଲା। ଅତୀତର ସ୍ମୃତି ଯେ ସର୍ବଦା ମନୋହର ଏକ ଭାବିବା ଭୁଲ୍ ଅଟେ। କିଛି ଅତୀତ ଆମକୁ ଆଜି ବି କ୍ଷତ ଦେଇଥାଏ କିନ୍ତୁ ସେଇ କ୍ଷତ ଆମ ଜୀବନର ମାର୍ଗକୁ ସୁଧାରିବାରେ କରିଥାଏ ସାହାଯ୍ୟ। IIT ପାଇବା ପାଇଁ ସଂଘର୍ଷ ଠାରୁ IIT ରେ ଏକ ସ୍ଥାନ ଅଧିକରଣ କରିବାର ଯାତ୍ରା ଏକ ଯୁଗ ସଦୃଶ। ଏବେ ମଧ୍ୟ ସେଇ ମୁହୂର୍ତ୍ତର ଉପଲବ୍ଧି ଶରୀରରେ ଶିହରଣ ଖେଳାଇ ଦିଏ। IIT ଖଡ଼ଗପୁରରେ ବାୟୋ ଟେକ୍ନୋଲୋଜିରେ ଶିକ୍ଷା ଗ୍ରହଣ କରି ବୈଜ୍ଞାନିକ ହେବାର ଯେମିତି ଏକ ନିଶା ଥିଲା ଅରୁନ୍ଧତୀ ଭିତରେ। ମାତ୍ର ଏକ ପୁରୁଷ କେନ୍ଦ୍ରିତ ସମାଜରେ ନାରୀର ଶିକ୍ଷା ଏବଂ କର୍ମକୁ ନେଇ ସ୍ୱପ୍ନ କେତେ ଦୂର ବାସ୍ତବିକ ତାହା ପ୍ରଶ୍ନବାଚୀ ସୃଷ୍ଟି କରେ। ସବୁ ସ୍ୱପ୍ନକୁ ସକାଳର ସାମନା କରିବାକୁ ପଡେ। ସେଇ ସକାଳ ଯାହା ଆମକୁ ସୂଚାଇ ଦିଏ ସ୍ୱପ୍ନ ରାତିର ଅନ୍ଧକାରରେ ଦେଖାଯାଏ। ଝିଅର ପାଠପଡା ଏବଂ କର୍ମ ତାକୁ କେବେ ବି ସମାଜର କ୍ରୂର ନିଷ୍ଠୁରତାରୁ ବଞ୍ଚାଇ ଦେଇ ପାରେନାହିଁ। ଝିଅ ଯାହା ବି କରୁ ଯଦି ସଫଳ ପ୍ରାର୍ଥୀଟିଏ ତା ବାପା ମା' ଖୋଜି ପାରିବେନି ତେବେ ସେମାନେ ସମାଜ ଆଗରେ ଦୋଷୀ ଏବଂ କୁଣ୍ଠିତ। ଅରୁନ୍ଧତୀର ଡିଗ୍ରୀ ତାକୁ ଏହି ସମାଜର ନିୟମାବଳୀରୁ ମୁକ୍ତ କରି ପାରିନଥିଲା। ବାପା ମା'ଙ୍କ ମୁହଁକୁ ଚାହିଁ ସମାଜର ନୀତିକାନ୍ତିକୁ ଦୃଷ୍ଟିରେ ରଖି ବିବାହ ପାଇଁ ମାନି ଯାଇଥିଲେ ସୁଦ୍ଧା ତା'ର ହୃଦୟରୁ ଖୁସି ଆସି ପାରୁନଥିଲା। ସ୍ୱାମୀ ରୂପରେ ଦେବବ୍ରତ ଏକ ଆଶୀର୍ବାଦଠୁ କମ୍ ନ ଥିଲା। ନାମରେ ନୁହେଁ କାମରେ ମଧ୍ୟ ସେ ଦେବବ୍ରତ ଥିଲେ। ଦେବବ୍ରତ ଅରୁନ୍ଧତୀକୁ ନିଜ ସ୍ୱପ୍ନ ପୂରଣ କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା ଆଗରେ ମନୁଷ୍ୟ ତୁଚ୍ଛ। ଦେବବ୍ରତଙ୍କର ଏକ ପ୍ରୋଜେକ୍ଟରେ ନେଦରଲ୍ୟାଣ୍ଡର ରାଜଧାନୀ Amsterdam କୁ ଯିବାକୁ ପଡିଲା। ଅରୁନ୍ଧରୀର ଶେଷ ପରୀକ୍ଷା ଦେଇ ତାକୁ ମଧ୍ୟ ଯିବାକୁ ହେଲା। ଅରୁନ୍ଧତୀ ନିଜ ସ୍ୱପ୍ନକୁ ସାକାର କରିବାକୁ ଆଉ ଗୋଟେ ସୋପାନ ଚଢିବା ଭଳି ତାକୁ ଲାଗିଲା। କିନ୍ତୁ ସେ ଏବେ ମା' ହେବାକୁ ଯାଉଥିଲା। ବିଦେଶରେ ଭ୍ରୁଣ ହତ୍ୟା ଏକ ଦଣ୍ଡନୀୟ ଅପରାଧ। ଅନିଚ୍ଛା ସତ୍ତ୍ୱେ ରୋହନ ଜନ୍ମ ନେଲା। ବାପା ମା' ଶାଶୁ ଶ୍ୱଶୁର ବିଦେଶକୁ ଆସି ଅରୁନ୍ଧତୀ ପାଖରେ ରହି ଛୁଆ କଥା ବୁଝିବାକୁ ଅନିଚ୍ଛା ପ୍ରକାଶ କଲେ। ଦେବବ୍ରତ ଅରୁନ୍ଧତୀକୁ କହିଲେ, ତମେ ଇଣ୍ଡିକୁ ଯାଅ, ଛୁଆ ଟିକେ ବଡ ହେଲେ ପୁଣି ଆସିବ। କିନ୍ତୁ ବିବାହ ପରେ ସ୍ୱାମୀ ସହିତ ଏକ ନିବିଡ ସ-ର୍କ ହୋଇଯାଏ, ଯାହା ସମସ୍ତଙ୍କ ବିନା ରହିବାର ଶକ୍ତି ଦେଇପାରେ। ଅଭିମାନରେ ଅରୁନ୍ଧତୀ ଆଉ କାହାକୁ ସାହାଯ୍ୟ ମାଗି ନ ଥିଲା। ଦିନ ପରେ ଦିନ ବିତିଯାଏ। କିନ୍ତୁ ଏକାକୀ ଥିବା ସମୟରେ ଆଜି ବି ଅରୁନ୍ଧତୀ ଅନୁତାପ ଏବଂ ଅଭିମାନର ଅଗ୍ନିରେ

ଜଳୁଛି । ଯେଉଁ ସାଙ୍ଗମାନେ ତା'ଠାରୁ ଖରାପ୍ ପଢୁଥିଲେ, ଏବେ ସମସ୍ତେ କର୍ମ କ୍ଷମ । ସେମାନଙ୍କୁ ଦେଖି ତା' ମନ ଆହୁରି ଆନ୍ଦୋଳିତ ହୁଏ । ସମସ୍ତ ସୁବିଧା ସୁଯୋଗ ପରେ ମଧ୍ୟ ଅରୁନ୍ଧତୀ ମନରେ ଦେବବ୍ରତ ଏକ ଶୂନ୍ୟସ୍ଥାନ ଦେଖନ୍ତି । ତାଙ୍କୁ ନିଜକୁ ବି ଅପରାଧୀ ଭଳି ଲାଗେ । କାହିଁକି ନା କେଉଁଠି ନା କେଉଁଠି ସେ ମଧ୍ୟ ଅରୁନ୍ଧତୀର ସ୍ୱପ୍ନକୁ ପୁରା କରିବାକୁ ତାକୁ ପ୍ରତିଶ୍ରୁତି ଦେଇଥିଲେ । ଦେବବ୍ରତ ଅରୁନ୍ଧତୀକୁ ନୂତନ ପରିଚୟ ଦେବା ପାଇଁ ଚିନ୍ତା କଲେ । ଅରୁନ୍ଧତୀକୁ କହିଲେ, ତୁମେ ଆମ ପ୍ରୋଜେକ୍ଟରେ ମତେ ସାହାଯ୍ୟ କରିବ । ତମେ ଘରେ ବସି ସବୁ କାମ କରିପାରିବ । କିନ୍ତୁ ରୋହନର ଦାୟିତ୍ୱବୋଧ ଯୋଗୁଁ ଅରୁନ୍ଧତୀ ଆଗକୁ ବଢିପାରେନାହିଁ । ଆଜି ରୋହନକୁ ୧୦ ବର୍ଷ ହୋଇଯାଇଛି । ଦେବବ୍ରତ ଅରୁନ୍ଧତୀଙ୍କୁ ରୋହନକୁ ବୋର୍ଡିଂରେ ଛାଡି ନିଜ ସ୍ୱପ୍ନ ଅଭିମୁଖେ ଯାତ୍ରା କରିବାକୁ କହିଲେ । ଅରୁନ୍ଧତୀ ମଧ୍ୟ ନିଜ ସହମତି କ୍ରମେ ସେମିତି କରିବାକୁ ନିଷ୍ପତ୍ତି ନେଲା । ଆଜି ସେଇ ଦିନ ଯେଉଁ ଦିନ ଅରୁନ୍ଧତୀ ରୋହନକୁ ବୋର୍ଡିଂରେ ଛାଡ଼ିବ । ଅରୁନ୍ଧତୀ ରୋହନକୁ ଛାଡି ଆସିବା ବେଳେ ରୋହନର ମାମା ଡାକରେ ରହିଗଲା । ରୋହନ ପାଖକୁ ଆସିକି କହିଲା, ମାମା ଏବେ ତମେ ତମ ସ୍ୱପ୍ନ ପୁରା କରିବ । ଅଲ୍ ଦି ବେଷ୍ଟ ମାମା । ଅରୁନ୍ଧତୀକୁ ପ୍ରଥମ ଥର ପାଇଁ ନିଜ ସ୍ୱପ୍ନ ସ୍ୱାର୍ଥୀ ଲାଗିଲା । ସେ ଭାବିଲା, ରୋହନ୍ ମୋ ସ୍ୱପ୍ନ ପାଇଁ କାହିଁକି ଦଣ୍ଡ ପାଇବ ? ସେଇ ମୁହୂର୍ତ୍ତରୁ ଅରୁନ୍ଧତୀ ରୋହନ ସହିତ ରହି ନିଜକୁ ଏବଂ ନିଜ ସ୍ୱପ୍ନକୁ କେମିତି ସାକାର କରିବ ଭାବିଲା । ପିଲା ଦିନରୁ ଅରୁନ୍ଧତୀର concept ବହୁତ୍ ଭଲ ଥିଲା । ରୋହନ ସହିତ ରୋହନ୍ ସାଙ୍ଗମାନଙ୍କୁ ଟିଉଶନ ଦେଉ ଦେଉ ସେ ସେଇ ସହରର ବହୁ ଚର୍ଚ୍ଚିତ ଶିକ୍ଷୟିତ୍ରୀ ହୋଇପାରିଲା । ରୋହନ ଏବେ ଡାକ୍ତରୀ ପଢୁଛି ଲଣ୍ଡନରେ । ସେ ଦିନ ନୀରବଚ୍ଛିନ୍ନ ଉଦ୍ୟୋଗ ଏବଂ ନିଷ୍ଠାପର ସେବା ପାଇଁ ଅରୁନ୍ଧତୀକୁ Amsterdam ସରକାର ତରଫରୁ ପୁରସ୍କୃତ କରାଗଲା ବେଳେ ଅରୁନ୍ଧତୀ ହୃଦୟଙ୍ଗମ କରିଥିଲା ଏହିକି ଯେ, ରୋହନ୍ ସହିତ ମା'ର ଯେଉଁ ଯାତ୍ରା ତାହା ଅରୁନ୍ଧତୀକୁ ନିଷ୍ଠାପର, ନିଃସ୍ୱାର୍ଥପର ଏବଂ ପ୍ରକୃତ ସଫଳତା କ'ଣ ଶିଖାଇ ଦେଇଥିଲା । ତା'ର ପ୍ରଚେଷ୍ଟା ବଳରେ ବହୁ ଦୂର ଦୂରାନ୍ତରୁ ଅନ୍‌ଲାଇନ୍ ମାଧ୍ୟମରେ ବହୁତ ଯୁବ ପିଢି ଉପକୃତ ହୋଇଛନ୍ତି । ସେ ଏବେ ରୋହନ୍ ଭବିଷ୍ୟତ ପାଇଁ ଦୃଢ଼ । Amsterdam ରେ ଏକ ସଫଳ ଶିକ୍ଷକ ଭାବରେ ସେ ପରିଚିତ । ଯେଉଁ ସାଙ୍ଗମାନଙ୍କୁ ଦେଖି ସେ ଆଗରୁ ରିଗ୍ରେଟ୍ କରୁଥିଲା, ଏବେ ସେ ସାଙ୍ଗମାନେ ତା' ପାଇଁ ଗର୍ବିତ । ପ୍ରକୃତ ସଫଳତା ନିଜ ସ୍ୱପ୍ନ ସାକାରରେ ନାହିଁ । ପ୍ରକୃତ ସଫଳତା ଅଛି, ସ୍ୱପ୍ନକୁ ପଛରେ ପକାଇ ଆତ୍ମୀୟ ସ୍ୱଜନଙ୍କ ପାଇଁ ଏବଂ ସମାଜ ପାଇଁ ଆମେ କଅଣ କରୁଛେ ।



# ମାଟି କଣ୍ଢେଇ



• **ବିକାଶ ରଞ୍ଜନ ରଣା**
ବିଭାଗ ମୁଖ୍ୟ, ସଂସ୍କୃତ ବିଭାଗ

ପ୍ରାୟ କୋଡ଼ିଏ ବର୍ଷ ବିତିଗଲାଣି । ତଥାପି ଘଟଣାଟି ଏ ଯାଏଁ ମନରୁ ଲିଭିନି । ଆଜି ବି ମନେ ପଡ଼ିଲେ ଦେହ ମୋର ରୋମାଞ୍ଚରେ ଭରିଯାଏ । ମନ ଅଧୀର ହୁଏ । ଭାବନାର ମୁକ୍ତ ଆକାଶରେ ମେଞ୍ଚା ମେଞ୍ଚା ଦୁଃଖର ବାଦଲ ସବୁ ଆପେ ଆପେ ଛାଇ ହୋଇଯାନ୍ତି । ଆଖି ଦୁଇଟିର ନିଭୃତ କୋଣରୁ ଲୁହ ସବୁ ଜକେଇ ହୋଇ ଆସନ୍ତି ଅମାନିଆ ଢେଉ ହୋଇ ।

ସେ ଦିନ ଥାଏ ପୌଷ ପୂର୍ଣ୍ଣିମା । ବଡ଼ ମଉଜରେ ଦିନଟି କଟିଲା । ରାତି ବଡିବା ସାଙ୍ଗକୁ ଶୀତର ପ୍ରବଳ ପ୍ରକୋପ ଚାରିଆଡେ ରାଜୁତି କରୁଥାଏ । ଆଖିକୁ ଜମା ନିଦ ଆସୁ ନଥାଏ । କେମିତି ଅଣନିଃଶ୍ୱାସୀ ଲାଗୁଥାଏ । କାନ୍ଥ ଘଣ୍ଟା ଆଡକୁ ଅନାଇଲି । ସମୟ ୧୨ଟା । ଝରକା ଖୋଲି ବାହାରକୁ ଚାହିଁଲି । ଘର ପଛପାଖ ହତାକୁ ଲାଗି ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ଲମ୍ବିଛି ବିଲମାଳ । କିଆ ଫୁଲିଆ ଧୋବ ଫରଫର ଜହ୍ନରାତି । ପିଲାଟି ଦିନରୁ ଜହ୍ନରାତି ପ୍ରତି ମୋର ଅହେତୁକ ଦୁର୍ବଳତା । ଭାବିଲି ବାହାରୁ ଟିକେ ବୁଲି ଆସିଲେ ମନଟା ହାଲୁକା ହୋଇଯିବ । ଚାଲି ଚାଲି ଆଗକୁ ବଢିଲି । ଗାଁ ମୁଣ୍ଡ ସ୍କୁଲ୍ ହତା ପାଖରେ ପହଁଚିଲି । ଚାରିଆଡ଼ ଶୂନ୍‌ଶାନ୍ । ନିଃଶବ୍ଦ । କେବଳ ଝିଙ୍କାରିର ଝିଁ ଝିଁ ଶବ୍ଦ ରାତ୍ରିର ଗଭୀର ନିସ୍ତବ୍ଧତାକୁ କୋହଳ କରୁଥାଏ । ରାସ୍ତା କଡରେ ଥିବା କଲଭର୍ଟର ଛୋଟ ପିଣ୍ଡି ଉପରେ ବସିଲି । ଚାରିଆଡେ ଚାହୁଁଥାଏ । କି ଅଦ୍ଭୁତ ମାଦକତା ପ୍ରକୃତି ରାଣୀର । ରୂପସୀ ଅଭିସାରିକା ନିରବୀ ନିରବୀ ଅନେକ କିଛି କହିଗଲା ପରି ମଦମତ୍ତା ନୀରବ ରଜନୀ ମୋ ଯୁବ ସୁଲଭ ହୃଦୟରେ ଏକ ନବ ଉନ୍ମାଦ ସୃଷ୍ଟି କରୁଥାଏ । ଭାବୁକ ମନଟି ମୋର ଧୀରେ ଧୀରେ ପ୍ରକୃତିର ରୂପ ସମ୍ଭାରରେ ତଲ୍ଲୀନ ହୋଇ ଉଠୁଥାଏ ।

ଏତିକିବେଳେ କାହାର ଏକ କ୍ଷୀଣସ୍ୱରରେ ମୋର ଧ୍ୟାନ ଭାଙ୍ଗିଗଲା । ସନ୍ତର୍ପଣରେ ନିରେଖି ଶୁଣିଲି, କେହି ଜଣେ ସ୍ତ୍ରୀ ଲୋକର କ-ିତ କଣ୍ଠସ୍ୱର । ଦରଭଙ୍ଗା ଦରଦୀ ହୃଦୟରେ ସେ ଏମିତି ଗାଉଛି -

ମାଟି କଣ୍ଢେଇ ଲୋ ମାଟି କଣ୍ଢେଇ ..... ମାଟି କଣ୍ଢେଇ ଲୋ ମାଟି କଣ୍ଢେଇ
ପରୀ ରାଇଜରୁ ତୋ ପାଇଁ ଖେଳଣା ଆଣିଦେବେ ବାପା କେତେ ନୂଆ ନୂଆ
ଦେବେ ନାହିଁ କେବେ ଭଣ୍ଡେଇ
ମାଟି କଣ୍ଢେଇ ଲୋ ମାଟି କଣ୍ଢେଇ ..... ମାଟି କଣ୍ଢେଇ ଲୋ ମାଟି କଣ୍ଢେଇ...

କିଏ ଗାଉଛି ଏଇ ଲୋରୀ... ? ନିର୍ଜନ ରାତିରେ ଏପରି କରୁଣଭରା ସ୍ୱରରେ କିଏ ଗାଉଛି ? ପ୍ରତିଟି ପଦରୁ ସ୍ପଷ୍ଟ ବାରି ହୋଇପଡୁଥାଏ ଏକ କରୁଣ ଜୀବନର ଦୁଃଖଦ ଅନୁଭବ । ଧୀରେ ଧୀରେ ମୋ ଶରୀର ଓ ମନ ରୋମାଞ୍ଚିତ ହୋଇ ଉଠୁଥାଏ । ପ୍ରବଳ ଉତ୍କଣ୍ଠାକୁ ରୋକି ନ ପାରି ଆଗକୁ ଯାଇ ଦେଖିଲି କେହି ଜଣେ ସ୍ତ୍ରୀ ଲୋକ ସ୍କୁଲ୍ ହତାରେ ଆଉଜେଇ ବସିଛି । ନୁଖୁରା କେଶ, ଅସ୍ତବ୍ୟସ୍ତ ପରିଧାନ...କିଏ ତୁମେ ? ଏହି ନିବିଡ ରାତିରେ କ'ଣ କରୁଛ ଏଠି ?

ହଠାତ୍ ମୋତେ ସାମ୍ନାରେ ଦେଖି ଗୀତ ତା'ର ଅଟକିଗଲା । କଇଁ କଇଁ ସେ କାନ୍ଦୁଥିଲା । ଅବୁଝା କୋହ ସବୁ ବୋଲ ନ ମାନି ହୃଦୟରୁ ବାହାରି ଆସୁଥିଲେ ଯେମିତି । ଆଉ ଥରେ ପଚାରିଲି । କାହିଁକି କାନ୍ଦୁଛ ...? ତଥାପି ମୋ ପ୍ରଶ୍ନର କିଛି ବି ଉତ୍ତର ନ ଥିଲା । ଝାପ୍ସା ଜହ୍ନ ଆଲୁଅରେ ନିରେଖି ଚାହିଁଲି । ଆଲୋ ରାଧା ତୁ ...? ତୁ ଏଠି କ'ଣ କରୁଛୁ...? ରାଧାର ବୟସ ପାଖାପାଖି





ଚାଳିଶ । ମାନସିକ ବିକାରଗ୍ରସ୍ତ । କିଛି ଦିନ ତଳେ ଆମ ଗାଁରେ ହିଁ ତାକୁ ପ୍ରଥମେ ଦେଖିଥିଲି । ଗାଁର ଛୋଟ ପିଲା ତା ପଛରେ ପଡିଥିଲେ । ବାୟାଣୀ ବାୟାଣୀ କହି ତା ଉପରକୁ ଟେକା ଫୋପାଡୁଥିଲେ । ମୁଁ ତାକୁ ସେ ଦିନ ବଞ୍ଚାଇଥିଲି । ମନରେ ମୋର ବହୁତ୍ ଦୟା ହେଲା । କିଛି ଖାଇବା ଜିନିଷ ତା ହାତକୁ ବଢାଇଲି । କିନ୍ତୁ ସେ ନେଲାନି । କରୁଣ ଚାହାଣୀରେ ମୋତେ ଥରୁଟିଏ ଚାହିଁଦେଇ ଧୀରେ ଧୀରେ ସେଠାରୁ ଚାଲିଗଲା । ତା ଚାହାଣୀରେ ସାମାନ୍ୟ ବିଶ୍ୱାସ ଓ ଧନ୍ୟବାଦର ଇଙ୍ଗିତ ଥିଲା । ସେହିଦିନଠାରୁ ସେ ଆମ ଗାଁରେ ରହିଆସୁଅଛି । ରାଧା ବାୟାଣୀ କହିଲେ ସମସ୍ତେ ତାକୁ ହିଁ ଜାଣନ୍ତି ।

ରାଧା ପରି ଚରିତ୍ରମାନଙ୍କ ପଛରେ କିଛି ନା କିଛି ଦରଦଭରା ଅକୁହା କାହାଣୀ ରହିଥାଏ ନିଶ୍ଚୟ । ଯା'କୁ ପଢିବା ପାଇଁ ନା କାହା ପାଖରେ ଅଛି ଆଗ୍ରହ ନା ଅବସର । ତଥାପି ରାଧା ଜୀବନର ପ୍ରଛଦ କାହାଣୀର ରହସ୍ୟ ଜାଣିବା ପାଇଁ ମୋ ମନରେ ଉତ୍କଣ୍ଠା ଅଧିକତର ହେଉଥାଏ । ସ୍ୱାଭାବିକ ସ୍ୱରରେ ପୁଣି ପଚାରିଲି, ରାଧା... କ'ଣ ପାଇଁ ତୁ ନିର୍ଜନ ଶୀତରାତିରେ ଏଇଠି ବସିଛୁ । କାହା ପାଇଁ ଏ ଲୋରୀ ଗାଉଛୁ ? କେହି ତ ଏଠି ନାହାଁନ୍ତି । ତଥାପି କିଛି ବି ଉତ୍ତର ନ ଥିଲା ।

ରାଧା ଥିଲା ଇତସ୍ତତଃ । ରାଧାର ଆଖି ଦୁଇଟି ମୋ ଉପରେ ସ୍ଥିର ହେଲା । ମୁଁ ଜାଣିପାରିଲି ରାଧା କିଛି କହିବାକୁ ଚାହୁଁଛି । ମୁଁ ତାର ହାତ ଧରି ଉଠାଇଲି । ହାତ ସବୁ ବରଫ ପରି ଜାଡି ଗଲାଣି । କହିଲି...ଏଠାକୁ ଆସେ । ମୁଁ ବସିଥିବା ଜାଗାରେ ତାକୁ ବସେଇ ତା ସାମ୍ନାରେ ତଳେ ବସିଗଲି । ମୁଁ ଘୋଡି ହୋଇଥିବା ପତଳା କମ୍ବଳଟା ତା ଉପରେ ଘୋଡେଇ ଦେଇ ପୁଣି ପଚାରିଲି..."ଏବେ କହ ରାଧା...ତୁ କାହା ପାଇଁ ଏଇ ଗୀତ ଗାଉଥିଲୁ ?" ଥରେ ନୁହେଁ ବାରମ୍ବାର ପଚାରିବା ପରେ ରାଧା ମୁହଁ ଖୋଲିଲା । ଅର୍ଦ୍ଧ କର୍ଦ୍ଦମାକ୍ତ ଏକ ଛିଣ୍ଡା ବ୍ୟାଗ ଭିତରୁ ଏକ କଣ୍ଢେଇ କାଢିକି ଦେଖାଇଲା । ଏକ ମାଟି କଣ୍ଢେଇ । କିଛି ଅଂଶ ଭାଙ୍ଗିଯାଇଛି ।

ଏ କ'ଣ ରାଧା...କଣ୍ଢେଇ !! କଣ୍ଢେଇଟା ତୁ କ'ଣ କରୁଛୁ ...? ମୋ ପ୍ରଶ୍ନରେ ରାଧା ଅଧିକ ଗମ୍ଭୀର ହୋଇ ଉଠିଲା, କଣ୍ଢେଇଟିକୁ ଗୋଟିଏ ହାତରେ ଆଉଁସି ଦେଉ ଦେଉ କହିଲା, ଏଇଟା ମୋର ସବୁକିଛି । ମୋର ସର୍ବସ୍ୱ ।

ବାବୁ, ମୋ ନାଁ ରାଧା । ସେଇ ରାଧା ନୁହେଁ, ଯିଏ କୃଷ୍ଣ ପ୍ରେମରେ ପାଗଳୀ...କହ୍ନେଇର ବାହୁ ବନ୍ଧନରେ ଥାଇ ବି ଅଭିମାନିନୀ... । ମୁଁ ତ ପାଗଳୀ ମୋର କଣ୍ଢେଇ ପାଇଁ । ଏଇଟା ମୋ ଧନଟା ପରା । ଏଇଟା ମୋ ସ-ତ୍ତି । ରାଧାର କଣ୍ଠସ୍ୱର କ୍ରମଶଃ ରୁଦ୍ଧ ହୋଇ ଆସୁଥିଲା । ମୁଁ କିଛି ବୁଝି ପାରୁନଥିଲି । ରାଧା ପୁଣି କହିଲା...

ଚନ୍ଦ୍ରଗିରି ଜମିଦାର ଇଲାକାର ଏକ ଛୋଟ ପଲ୍ଲୀରେ ମୋର ଘର । ବାପା, ବୋଉ ଆଉ ମୋତେ ନେଇ ଆମ ଛୋଟ ସଂସାର । ବଣପାହାଡ ଘେରା ପ୍ରକୃତି କୋଳରେ ମୁଁ ଅତି ଆଦରରେ ଫୁଲଟିଏ ପରି ବଢିଥିଲି । ମୁଁ ଥିଲି ବାପାଙ୍କ ନୟନର ତାରା । ମୋତେ ଘଡିଏ ନ ଦେଖିଲେ ବାପା ଅନ୍ଧପ୍ରାୟ ହୋଇଯାଉଥିଲେ । ରାଧା ରାଧା ବୋଲି ଡାକ ଛାଡୁଥିଲେ । ବୋଉ ବି ସେମିତି । ଗରିବୀ ଥିଲା କିନ୍ତୁ ଅଭାବ ନ ଥିଲା, ଯଦିବା ଅଭାବ ଆସୁଥିଲା, ଅବଶୋଷ ନ ଥିଲା । ଏଇ କଣ୍ଢେଇଟି ବାପା ମୋତେ ମୋ ଜନ୍ମଦିନରେ ଉପହାର ଦେଇଥିଲେ । କହିଥିଲେ, ରାଧା ! ଏଇ କଣ୍ଢେଇକୁ ତୁ ସବୁବେଳେ ପାଖରେ ରଖିବୁ । ଯେତେବେଳେ ତୁ ତୋ ଶାଶୁଘର ଚାଲିଯିବୁ, ଆମ କଥା ତୋ ବହୁତ୍ ମନେ ପଡିବ । ସେତେବେଳେ ତୁ ଏଇ କଣ୍ଢେଇକୁ ଦେଖି ଭାବିବୁ ଆମେ ତୋ ସାଥିରେ ଅଛୁ । ମୁଁ ବହୁତ୍ ଖୁସି ହେଲି ।

କଣ୍ଢେଇ ଖେଳିବା ବୟସ ମୋର ଚାଲିଯିବାକୁ ବସିଲା । ଧୀରେ ଧୀରେ ବସନ୍ତର ମାଦକତା ଅନୁଭବ କଲି । କୋଇଲିର ସ୍ୱର ଭିତରେ ପାଇଲି ମୋ ହୃଦୟର ଶୂନ୍ୟତା । ଫୁଲର ସୁଗନ୍ଧ ମୋ ମନରେ ଅନ୍ୟ ମନସ୍କତା ଭରିଦେଲା । ସବୁକିଛି ଅଧିକ ସୁନ୍ଦର ଲାଗୁଥିଲା । ମୁଁ କିଛି ବି ବୁଝି ପାରୁନଥିଲି । ସବୁ ବଦଳି ଚାଲୁଥିଲା ମୋ ଜୀବନରେ । ମୋ ଅଜାଣତରେ ମୁଁ ସତେ ଯେମିତି କାହାକୁ ଖୋଜୁଥିଲି । ମନର ରାଜକୁମାର ପକ୍ଷୀରାଜ ଘୋଡାରେ ଆସି ମୋତେ ପରୀ ରାଇଜକୁ ନେଇଯିବାର ସ୍ୱପ୍ନରେ ମୁଁ ବିଭୋର ହେଲି ।

ସତକୁ ସତ ଦିନେ ମୋ ରାଜକୁମାର ମୋ ଜୀବନରେ ଆସିଲେ। ଝରଣାରୁ ପାଣି ମାଠିଆ ନେଇ ଫେରୁଥାଏ। ଦେଖିଲି କେହି ଜଣେ ଯୁବକ ପଥର ଠାକୁରାଣୀ ଗଛତଳେ ଥକ୍କା ହୋଇ ବସିଛି। ମୋତେ ଦେଖି ପାଣି ମୁନ୍ଦାଏ ମାଗିଲେ। ମୁଁ ପାଣି ଦେଲି। ପାଣି ଦେଉ ଦେଉ ମୁଁ ଯେ ହୃଦୟଟା ତାଙ୍କୁ ଦେଇଦେବି ଏହା ମୋତେ ଜଣା ନ ଥିଲା। ତାଙ୍କର ସୁନ୍ଦର ରୂପ, ସରଳ ଠାଣି ମୋତେ ନିଜର କରିନେଲା। ସେ ମୋର ହାତ ଧରି ପକାଇ କହିଲେ, ସତରେ ତୁମେ ଭାରି ସୁନ୍ଦର। ତୁମେ ବଣମଲ୍ଲୀ। ତୁମ ମହକରେ ମୋ ହୃଦୟ ଉଦ୍ୟାନ ମହକି ଉଠୁଛି। ତାଙ୍କ ମଧୁର କଥା, ମୋ ମନକୁ କିମିଆ କରିଦେଲା। ଆଖି ଯୋଖୁ ଯୋଖୁ ହୃଦୟ ବି ଯୋଖି ହୋଇଗଲା।

ତାଙ୍କ କଥାରୁ ଜାଣିଲି, ସେ ଚନ୍ଦ୍ରଗିରି ଜମିଦାରଙ୍କ ସାନପୁଅ ଚନ୍ଦ୍ରପ୍ରତାପ। ମୋ ପାଦତଳୁ ମାଟି ଖସିଗଲା। ସେ ମୋ ମନରେ ଭରସା କରିଦେଲେ। କହିଲେ ପ୍ରେମରେ ଜାତିଭେଦ, ବଡସାନ, ଉଚ୍ଚନୀଚର ଭେଦଭାବ ନ ଥାଏ। ଏହା ଥାଏ କେବଳ ସ୍ୱାର୍ଥପର ମନୁଷ୍ୟର କୁତ୍ସିତ ଚିନ୍ତାଧାରାରେ। ମୁଁ ସେପରି ସ୍ୱାର୍ଥପର ନୁହେଁ। ମୁଁ ତୁମକୁ ପାଇବାକୁ ଚାହେଁ। ପତ୍ନୀର ମର୍ଯ୍ୟାଦା ଦେଇ ଉଆସକୁ ନେବାକୁ ଚାହେଁ। ତୁମେ ଖୁସି ତ...? ମୁଁ ପାଦ ଅଙ୍ଗୁଠିରେ ଗାର ଟାଣୁ ଟାଣୁ ହଁ ଭରିଲି ଲାଜରେ। ତାଙ୍କ ବାହୁ ବନ୍ଧନରେ ନିଜକୁ ହଜେଇ ଦେଲି। ସେ ଠାକୁରାଣୀଙ୍କ ସିନ୍ଦୁରରେ ମୋ ସିନ୍ଥି ଭରିଦେଲେ। କେଇଟା ଦିନ ଭିତରେ ସମ୍ମାନର ସହିତ ନେଇଯିବାର ପ୍ରତିଶ୍ରୁତି ଦେଇ ଉଆସକୁ ଚାଲିଗଲେ। ମୁଁ ଦିନ ପରେ ଦିନ ଗଣି ଚାଲିଲି। କିନ୍ତୁ ସେ ଆଉ ଫେରିଲେ ନାହିଁ। ମୁଁ କିନ୍ତୁ ରହିଗଲି ଜୀବନର ଅଧାରାସ୍ତାରେ ଅଭିଶପ୍ତା ପାଷାଣୀ ଅହଲ୍ୟା ହୋଇ। ପରଜାତିର ପୁରୁଷର ସ୍ପର୍ଶ ମୋତେ କଳଙ୍କିନୀ କରିଦେଲା। ସିନ୍ଦୂର ପାଲଟିଲା ଅଭିଶାପ। ଜାତିସଭା ବସିଲା। ବାପା ସମାଜରୁ ବାସନ୍ଦ ହେଲେ। ନିଆଁ ପାଣି ସବୁ ବନ୍ଦ। କେତେ ଟାହି ଟାପରା। ଲଜ୍ଜା ଆଉ ଅପମାନରେ ବାପା ପୁରା ଜଳିଗଲଗେ। ମୋ କଣ୍ଢେଇ, ଜାମାପଟା ସବୁ ବାହାରକୁ ଫୋପାଡି ଦେଲେ। କହିଲେ, ''ଅଲକ୍ଷଣୀ, ଏ ଘର ଛାଡି ଚାଲିଯା'। ଆମେ ବଞ୍ଚିଥିବା ଯାଏ ଆଉ କେବେ ଏ ତୋ ନିର୍ଲ୍ଲଜ ମୁହଁକୁ ଦେଖାଇବୁ ନାହିଁ।'' ପ୍ରିୟ କଣ୍ଢେଇଟା ମୋର ଭାଙ୍ଗି ଯାଇଥିଲା। ଖୋଜି ଖୋଜି ଚନ୍ଦ୍ରଗିରି ଉଆସରେ ପହଁଚିଲି। ଗୁହାରି କଲି। କେବି ବି ମୋ କଥା ଶୁଣିଲେନି। କଡା କଥା କହି ତଡିଦେଲେ। ଲାଗିଲା ପୁରା ସଂସାର ତ ମୋତେ ପର କରିଦେଇଛି, ମୁଁ ସେ ଦିନରୁ ଅସହାୟ ହୋଇ ଏଣେତେଣେ ଘୂରିବୁଲିଲି ଦିଗହରା ପକ୍ଷୀଟିଏ ପରି। ଦିନେ ନୁହେଁ ଅବା ମାସେ ନୁହେଁ ଏମିତି ସାତ ବର୍ଷ ବିତିଗଲା। ବାପା ଆଉ ବୋଉର କଥା ବହୁତ୍ ମନେ ପଡୁଥିଲା। ଭାଙ୍ଗି ଯାଇଥିବା କଣ୍ଢେଇଟା କାଡି ଦେଖୁଥିଲି। ତା ଭିତରେ ପୁରୁଣା ସ୍ମୃତି ସବୁକୁ ସାଉଁଟୁଥିଲି। ନିଜକୁ ଆଉ ଅଟକାଇ ପାରିଲିନି। ଗାଁକୁ ଫେରିଲି। କିଛି ବି ଆଉ ନ ଥିଲା। ସବୁ ସରି ଯାଇଥିଲା ଦୁଃଖ ବତାସର କରାଳ ଆଘାତରେ। ମୋତେ ଝୁରି ଝୁରି ବାପା ବୋଉ ଆରପାରିରେ। ଘର ଭାଙ୍ଗିରୁଜି ମାଟିରେ ମିଶିଗଲାଣି। ଶେଷ ଆଶ୍ରା ବି ତୁଟିଗଲା। ସେ ଦିନରୁ ମୁଁ ଘୁରି ବୁଲୁଛି ଗାଁ ଗାଁ ପାଗଳୀ ହୋଇ। ହିସାବ ରଖିନି କେତେ ବର୍ଷ ବିତିଗଲାଣି। ସବୁ ଦୁଃଖରେ ଏଇ ମାଟି କଣ୍ଢେଇ ମୋ ଭରସା। ଏଇ ହିଁ ମୋ ଦୁଃଖର ଲୋରୀ ଶୁଣେ। କଣ୍ଠ ତା'ର ରୁଦ୍ଧ ହୋଇ ଆସୁଥାଏ। ଆଖିରୁ ବହୁଥିଲା ଧାର ଧାର ଲୁହ। ଦେହ ବି ଥରୁଥିଲା। ଜାଣିଲି ରାଧା ପାଗଳୀ ନୁହେଁ। ସେ ପ୍ରେମ ବାୟାଣୀ। ମୋ ଆଖି ବି ଓଦା ହୋଇଗଲା ଅଜାଣତରେ। ଆଶ୍ୱାସନା ଦେବା ଭଳି କିଛି ବି ଶବ୍ଦ ମୋ ପାଖରେ ନଥିଲା। ନୀରବ ନିଷ୍ଚଳ ମୂର୍ତ୍ତି ପରି ଧ୍ୟାନ ମାର୍ଗରେ ଥିଲି, ଆଉ ଭାବୁଥିଲି... ଏଇ ସ୍ୱାର୍ଥପର ଦୁନିଆରେ ପ୍ରକୃତ ପ୍ରେମର ମୂଲ୍ୟ କେତେ ? ଜାତି, ସାମାଜିକ ଆଭିଜାତ୍ୟର ମିଥ୍ୟା ଅହମିକା ତଳେ କେତେ ଯେ ନିରୀହ ପ୍ରେମ ଦଳି ହୋଇଯାଇଥିବ, ତାର ହିସାବ ବା କାହା ପାଖରେ ଅଛି...? କିଛି ସମୟ ପରେ ପ୍ରକୃତିସ୍ଥ ହୋଇ ଦେଖିଲି ରାଧା ପାଖରେ ନାହିଁ। ଚାରିଆଡେ ତାକୁ ବହୁତ୍ ଖୋଜିଲି, କେଉଁଠି ବି ପାଇଲି ନାହିଁ। କିଛି ଦୂରରେ ମୋ କମ୍ବଳଟା ମୋଡିମୋଡି ହୋଇ ପଡିଥିଲା। ବୁଝିପାରିଲି ସର୍ବହରା ରାଧା ମୋ ଦୟା କିମ୍ବା ଅନୁକ-। ଚାହୁଁ ନ ଥିଲା। ସେ ବଡ ଅଭିମାନିନୀ। କମ୍ବଳଟା ହାତରେ ଉଠାଇଲି। ମୋ ଆଖିରୁ ଧାର ଧାର ଲୁହ ବହୁଥିଲା।



# ଝରାଫୁଲ

• ଶ୍ରୀମତୀ ପୁଷ୍ପାଞ୍ଜଳୀ ମହାପାତ୍ର
ଅଧ୍ୟାପିକା, ଗଣିତ ବିଭାଗ

ଘଞ୍ଚ ଜଙ୍ଗଲ ଭରା ଅଟ୍ଟାଳିକା ସଦୃଶ ପାହାଡ଼ର ଚାରିକାନ୍ଥ ଭିତରେ ଜନ୍ମିତ କୋରାପୁଟ ଜିଲ୍ଲା । ଏହି କୋରାପୁଟ ଜିଲ୍ଲାର ନିଘଞ୍ଚ ଜଙ୍ଗଲ ଅଗଣାର ବିସ୍ତୃତ ଛାତିରେ ଠିଆ ହୋଇଛି ପୂର୍ବଘାଟ ପର୍ବତମାଳା ଆଉ ଚିରସ୍ରୋତା ମାଛକୁଣ୍ଡ ନଦୀ । ଏହି ନଦୀର କଡେ କଡେ ଗଡିଉଠିଛି, ଏକ ଆଦିବାସୀ ସଭ୍ୟତା । ୬୦, ୭୦ ଲୋକଙ୍କର ଜନବସତି କହିଲେ ଚଳେ । ଏହି ପଲ୍ଲୀ ଗ୍ରାମଟିର ମଥା ଉପରେ ଛିଡା ହୋଇଛି ଏକ ବିଶାଳକାୟ ଘାଟି । ଘାଟିର ପାଦ ଧୋଇଦେଇ କୁଳୁକୁଳୁ ହୋଇ ବୋହି ଯାଉଛି କୁନି ଝରଣାଟିଏ ।

ଏହି ଆଦିବାସୀ ଗ୍ରାମଟିରେ ଅନେକ ପ୍ରଜାତିର ଲୋକ ବାସ କରନ୍ତି । ଏଇ ଆଦିବାସୀମାନଙ୍କର ଖାଦ୍ୟ କହିଲେ ଜଙ୍ଗଲର ଫଳମୂଳ, ମାଣ୍ଡିଆ, ବାଜରା, ସୁଆଁ, ଚାଉଳ, ଆମ୍ବ ଟାକୁଆର ଯାଉ, ହାଣ୍ଡିଆ ଆଉ ମହୁଲି । ହାଣ୍ଡିଆ ଆଉ ମହୁଲି ସାଙ୍ଗକୁ ଜଙ୍ଗଲି ମାଂସ ବେଶ୍ ଜମିଯାଏ ।

ଘର ଭିତରେ ବସିଛି ସନିଆ ଶବର । ଯାଆଁଳା ଝିଅକୁ ନେଇ ତା'ର ପରିବାର । ଝିଅ ଦୁଇଟି ଆଦିବାସୀ କୂଳରେ ଜନ୍ମ ହେଲେ ମଧ୍ୟ ପୂର୍ଣ୍ଣିମାର ଚାନ୍ଦ ପରି ଝଲସି ଉଠୁଛନ୍ତି । କାରଣ ସମସ୍ତଙ୍କର ମନରେ ହସ ଭରିଦେବା, ସମସ୍ତଙ୍କୁ ନିଜର କରି ସୁଖ, ଦୁଃଖରେ ସହଭାଗୀ ହେବା, ସତ୍ ଶିକ୍ଷା ଦେବା, ନିଶା ପାଣିରୁ ଦୂରେଇ ରହିବା, ଏପରି ଅନେକ ଉପଦେଶର ଅଧିକାରିଣୀ ହେଉଛନ୍ତି ଏଇ ଦୁଇ ଭଉଣୀ । ବୟସ ମାତ୍ର ୧୫ । ଦଶମ ଶ୍ରେଣୀରେ ପାଠ ପଢନ୍ତି ଦୁହେଁ ଏବଂ ଦେଖିବାକୁ ଏକାପରି ।

ପାହାଡି ଇଲାକା ଭିତରେ ଜୀବନ ବିତାଉଥିବା ଦୁଇ ଭଉଣୀଙ୍କ ମନରେ ଭରି ରହିଛି ଅନେକ ଆଶା ଓ ଅସୁମାରୀ ସ୍ୱପ୍ନ । ସହରର ଚାଲିଚଳନ, ରଙ୍ଗିନ ଦୁନିଆର ଚାକଚକ୍ୟ ସଭ୍ୟତା ଏମାନଙ୍କ ପାଇଁ ସାତ ସପନ । ଗାଁରେ ସ୍କୁଲଟିଏ ନ ଥିବାରୁ ଘଞ୍ଚ ଜଙ୍ଗଲ ଭିତରେ ୮ ମାଇଲ୍ ରାସ୍ତା ଚାଲି ଚାଲି ଯିବାକୁ ହୁଏ । ତଥାପି ପାଠ ପଢିବାର ଆଶା ତାଙ୍କ ମନରୁ କେବେ ମଉଳି ଯାଇ ନ ଥିଲା ।



ମହୁଲି ନିଶାରେ ଝୁଲୁଥାଏ ସନିଆ । ହାତରେ ଧରିଥାଏ ପୋଡା ଶୁଖୁଆ ସାଙ୍ଗକୁ ମହୁଲି ବୋତଲ । ନିଶାରେ ନିଜକୁ ନିଜେ କ'ଣ ଗୁଡାଏ କହି ଚାଲିଥାଏ । ଠିକ୍ ଏହି ସମୟରେ ସ୍କୁଲରୁ ପାଠ ପଢି ଘରକୁ ଫେରିଲେ ଦୁଇ ଭଉଣୀ ।ଘରେ ପଶୁ ପଶୁ ସନିଆକୁ ଦେଖୁ ଦେଖୁ ପଚାରି ଉଠିଲେ ବା ତୁ କଣ ପୁଣି ମଦ ପିଉଛ । ଦେଖ୍ ବା ଆମେ ଦୁଇଜଣ ଛୋଟ ଛୁଆ ହୋଇ ରହିନାହୁଁ । ଆମେ ଦୁଇଜଣ ସ୍କୁଲକୁ ଗଲାବେଳେ ବିଭିନ୍ନ କଥା ତମ ନାଁରେ ଶୁଣୁଛୁ । କେଉଁଠି ମଦ ପିଇ ଗାଳି ଗୁଲଜ କରୁଛ ତ କେଉଁଠି ମଦ ନିଶାରେ ରାସ୍ତା କଡରେ ପଡି ପଡି ଶୋଇ

ପଡୁଛ । ଏ ସବୁ ଦେଖି ସାଙ୍ଗମାନେ, ଶିକ୍ଷକମାନେ ଅନେକ କଥା ପଚାରୁଛନ୍ତି । ଆମ ମୁହଁ ତଳକୁ ହୋଇଯାଉଛି ।

ହଠାତ୍ ସନିଆ ଉଠିପଡି ଦୁଇ ଝିଅଙ୍କ ଗାଲକୁ ଦୁଇ ଚାପୁଡା ମାରିଲା । ମୁଁ ମଦ ପିଇଲି ତୋର କ'ଣ ଗଲା ? ଆଉ ସେ ଶିକ୍ଷକର କଣ ଗଲା ? ମୁଁ କ'ଣ ତା ବାପା ପଇସାରେ ମଦ ପିଉଛି । ସେ ତମକୁ କାହିଁକି କହିଲା? ତମେ ଦୁଇଜଣ କାଲିଠାରୁ ଆଉ ସ୍କୁଲ୍ ଯାଇ ପାରିବନି । ମୁଁ ଆହୁରି ପିଇବି, ଦେଖିବି କୋଉ ଶିକ୍ଷକ ମୋର କ'ଣ କରିବ । ଦେ ମତେ ସେ କଟୁରୀଟା ଦେ ମୁଁ ସେ ଶିକ୍ଷକକୁ ଟିକି ଟିକି କରି ହାଣି ପକାଇବି । ନାଇଁ ବା ତୁ ସେମିତି କହନା । ସେ ପରା ଆମ ଦୁଇଜଣଙ୍କର ଶିକ୍ଷାଗୁରୁ । ତୁ ସେମିତି ଯଦି କହିବୁ ଆମେ ଦୁଇଜଣ ଆତ୍ମହତ୍ୟା କରିଦବୁ । କଣ କହିଲୁ ତୁ ତମେ ଦୁଇଜଣ ଆତ୍ମହତ୍ୟା କରିଦେବ । ଯା' କର ମୋର କିଛି ଆପତ୍ତି ନାହିଁ । ସେଇ ଆମ୍ବ ଗଛରେ ରଶି ଲଗେଇ ମରିଯାଆ । କହୁ କହୁ ନିଶାଶକ୍ତ ଅବସ୍ଥାରେ କଚାଡି ହୋଇ ତଳେ ପଡିଗଲା ସନିଆ । ଝିଅ ଦୁଇଜଣ କାନ୍ଦି କାନ୍ଦି ଘର ଭିତରକୁ ଚାଲିଗଲେ ।

ଦିଦି ମୁଁ ଆଉ ବଂଚିବାକୁ ଚାହେଁନା । ସବୁଦିନ ଏ ଭଳି ନିନ୍ଦା ଶୁଣିବା ଅପେକ୍ଷା ମରିଯିବାଟା ହିଁ ଭଲ । ମୁଁ ମଧ୍ୟ ଆଉ ବଂଚିବାକୁ ଚାହେଁନା । ଚାଲ ଆମେ ଦୁହେଁ ଆଜି ଏଇ ରାତିରେ ସେଇ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଦେବା । ସତକୁ ସତ ଦୁଇ ଭଉଣୀ ରଶି ଲଗାଇ ଆତ୍ମହତ୍ୟା କରିଦେଲେ ।

ସକାଳୁ ସକାଳୁ ଲୋକମାନେ ଦେଖି ତାଜୁବ୍ ହୋଇଗଲେ । ସଙ୍ଗେ ସଙ୍ଗେ ସନିଆର ଘରକୁ ଯାଇ ଡାକ ଛାଡି କହିଲେ, ଆରେ ଏ ସନିଆ ମଦ ପିଇ ଘରେ ଶୋଇଥା, ଯା' ଦେଖିବୁ ଯା' ତୋ ଗେହ୍ଲୀ ଝିଅ ଦୁଇଟା ତୋରି ପାଇଁ ଆତ୍ମହତ୍ୟା କରି ଆମ୍ବ ଗଛରେ କେମିତି ଝୁଲୁଛନ୍ତି ।

ଚମକି ପଡିଲା ସନିଆ । ନିଶା ଛାଡିଗଲା । ମୋ ଝିଅ ଝିଅ କହି ଦୌଡିଗଲା ସେଇ ଆମ୍ବଗଛ ନିକଟକୁ । ଦେଖିଲା ସତକୁ ସତ ତା ଦୁଇଝିଅ ରଶି ଲଗାଇ ଆମ୍ବଗଛରେ ଓହଳିଛନ୍ତି । ଭୋ ଭୋ ହୋଇ କାନ୍ଦି ଉଠିଲା ସନିଆ । କାନ୍ଦି ଉଠିଲେ ବସ୍ତିର ଜନ ସାଧାରଣ । କାରଣ ଏ ଦୁଇଜଣ ଥିଲେ ଏ ବସ୍ତିର ପୂର୍ଣ୍ଣିମାର ଚାନ୍ଦ ସଦୃଶ । ସତ୍‌ପଥରେ ବାଟ ଚାଲିବା, ସତ୍ ଶିକ୍ଷା ଦେବା, ନିଶାଠାରୁ ଦୂରେଇ ରହିବା ଏହା ସମସ୍ତଙ୍କୁ ଶିଖାଉଥିଲେ । ଏଇ ପାହାଡି ଇଲାକା ଭିତରେ ଥିବା ଆଦିବାସୀ ପଲ୍ଲୀରୁ ଦିଲ୍ଲୀ, ଭୁବନେଶ୍ୱର ଯାଇ ନାମ ରଖିବାର ଉଚ୍ଚ ଆଶା ଥିଲା । ଆଜି କାନ୍ଦୁଛି, ଅଶିକ୍ଷିତ ବାପା ଆଉ କାନ୍ଦୁଛନ୍ତି ସାରା ଶବରପଲ୍ଲୀ ।

ଠିକ୍ ଏଇ ସମୟରେ ଶବର ପଲ୍ଲୀରେ ପ୍ରବେଶ କଲେ ଶିକ୍ଷକ ପ୍ରେମାନନ୍ଦ ସାର୍ । ଆରେ ସନିଆ ଆଜି ତୋର କି ଭାଗ୍ୟ । ତୋ ଝିଅ ଝରା ଆଉ ଫୁଲ ପାଖକୁ ସହରରୁ ଚିଠି ଆସିଛି । ପାଠ ପଢି ଯିବା ପାଇଁ । ସହରରେ ରହି ପାଠ ପଢିବେ । ବଡ ମଣିଷ ହେବେ । ତୋ ଟେକ ରଖିବା ସଂଗେ ସଂଗେ ଏ ଶବର ପଲ୍ଲୀର ନାଆଁ ବି ରଖିବେ । ଟିକେ ଡାକିଦେଲୁ ମୁଁ ତାଙ୍କୁ ଏ ଚିଠିଟି ଦେଇ ତାଙ୍କ ଯିବାର ବ୍ୟବସ୍ଥା କରିଦେବି ।

ସାରଙ୍କ ଗୋଡ ତଳେ ପଡି ଭୋ ଭୋ ହୋଇ କାନ୍ଦି ଉଠିଲା ସନିଆ । ସାର୍ ମୋ ଝିଅ ଆଉ ଏ ସଂସାରରେ ନାହାଁନ୍ତି । ସେଇ ଆମ୍ବ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଦେଇଛନ୍ତି । କାନ୍ଦି ଉଠିଲେ ପ୍ରେମାନନ୍ଦ ସାର । ତମେ ଦୁଇ ଜଣ ମୋ ଛାତ୍ରୀ ହୋଇ ଅନ୍ୟକୁ ସତ୍‌ଶିକ୍ଷା ଦେଉଥିଲ । ହେଲେ ତମେ ଆଜି ... ସବୁଦିନ ପାଇଁ ମରିଗଲେ ସାର୍ । ଏଇ କୁଳାଙ୍ଗାର ବାପା ପାଇଁ ଆଜି ସମସ୍ତଙ୍କୁ ଛାଡି ଅକାଳରେ ଝରି ପଡିଲେ ମୋ ଝିଅ ଝରା ଆଉ ଫୁଲ । କଇଁ କଇଁ କାନ୍ଦୁଛି ସନିଆ ଶବର । ଝୁଲନ୍ତା ଶବ ହାତରେ ଝୁଲୁଥିଲା ଖଣ୍ଡେ କାଗଜ, ସାର୍ ସେ କାଗଜଟି ଆଣି ପଢିଲେ, ସେଥିରେ ଲେଖାଥିଲା... ବା...ଲୋ ।

ଆମେ ସବୁଦିନ ପାଇଁ ତୋ ଠାରୁ ଏବଂ ଏ ଆଦିବାସୀ ପଲ୍ଲୀର ସମସ୍ତଙ୍କୁ ଛାଡି ଚାଲିଯାଉଛୁ । ଆମର ମାଆ ନାହିଁ । ତୁ ଥିଲୁ ଆମର ସବୁକିଛି । ତୋରି କୋଳରେ ବଡିଛୁ । ତୁ ଶେଷରେ ଆମକୁ ମାରିଲୁ । ଗାଳି କଲୁ । ଆମେ ଦୁଇ ଭଉଣୀଙ୍କୁ ବହୁତ୍ କଷ୍ଟ ହେଲା । ତତେ ଆମେ ରାଣ ଦେଇ କହୁଛୁ ଲୋ ବା ତୁ ଆଉ କେବେ ମଦ ପିଇବୁ ନାହିଁ । ଏହା ଶରୀର ପ୍ରତି କ୍ଷତିକାରକ । ତୋ ପାଖରେ ଆଉ କିଏ ଅଛି ଯେ, ତୋ କଥା ବୁଝିବ କହିଲୁ ? ଚିଠିଟି ପଢି ସାରଙ୍କ ଆଖିରୁ ବୋହି ଆସିଲା ଅନେକ ଅଶ୍ରୁ । ଭୋ ଭୋ ହୋଇ କାନ୍ଦି ଉଠିଲା ସନିଆ ଶବର । ଚିତ୍କାର କରି କଣ୍ଠ ଫଟାଇ ଡାକି ଉଠିଲା, କୁଆଡେ ଗଲ ଲୋ ମୋ ଝରାଫୁଲ । ଆଉ ଯେତେ ଚିତ୍କାର କରି ଡାକିଲେ ବି ଅକାଳରେ ଝରି ପଡିଥିବା ଝରାଫୁଲ ଆଉ ଫେରିବେନିରେ ସନିଆ ।



ନାଇଁ ସାର୍ ମୋ ଡ଼ାକ ଶୁଣି ସେ ନିଶ୍ଚୟ ଫେରିବେ । ଝରାଫୁଲ ଫେରିଆସ ମା, ମୋ କୋଳକୁ ଫେରିଆସ । ମୁଁ ରାଣ ପକାଇ କହୁଛି, ଆଉ କେବେ ମଦ ପିଇବି ନାହିଁ । ଫେରିଆ ମା' ଫେରିଆ । ପୁଣି ଡାକି ଉଠିଲା ଝରାଫୁଲ...ଝରାଫୁଲ...ଝରାଫୁଲ । ଡାକି ଡାକି ତଳେ ଟଳି ପଡିଲା ସନିଆ ଶବର । ଶେଷ ନିଃଶ୍ୱାସ ତାର ବନ୍ଦ ହୋଇଗଲା । କାନ୍ଦି ଉଠିଲେ ବସ୍ତି ବାସିନ୍ଦା । କାନ୍ଦି ଉଠିଲା ଘଞ୍ଚ ଜଙ୍ଗଲ ଭରା ବଣ ପାହାଡ, ବୃକ୍ଷଲତା ଓ ପଶୁପକ୍ଷୀ । ସ୍ତବ୍ଧ ହୋଇଗଲା ଚିରସ୍ରୋତା ଟିକି ଝରଣାର ପାଣି । ବଣ ପାହାଡ ଭିତରୁ ପ୍ରତିଧ୍ୱନିତ ହେଉଥାଏ ସେଇ ଦୁଇଟି ଶବ୍ଦ, ଝରାଫୁଲ...ଝରାଫୁଲ...ଝରାଫୁଲ ।

# ଚାରି ଭୂତଙ୍କ ଧର୍ମ ବିଚାର



• **ମହାବୀର ପ୍ରସାଦ ମହାପାତ୍ର**
ଯୁକ୍ତ ତିନି ଦ୍ୱିତୀୟ ବର୍ଷ
ବାଣିଜ୍ୟ ବିଭାଗ

ଗୋଟିଏ ବଡ ଗ୍ରାମର ଶେଷ ମୁଣ୍ଡରେ ଥାଏ ଭଗବାନ ଶିବଙ୍କ ମନ୍ଦିର ଏବଂ କିଛି ଦୂରରେ ଥାଏ ମଶାଣିଟିଏ ଏବଂ ସେହି ମଶାଣି ପାଖାପାଖି ଥାଏ ପ୍ରାଚୀନ ବିଶାଳକାୟ ବରଗଛଟିଏ । ସେହି ବରଗଛ ଦେହରେ ଗୋଟିଏ ଅଶ୍ୱତ୍‌ଥ ଗଛ । ତା'ର ଚାରିପଟେ ଗ୍ରାମବାସୀମାନେ ସିମେଣ୍ଟ ଇଟାରେ ଗୋଟିଏ ବଡ ଚାନ୍ଦିନୀ ବନାଇ ଦେଇଥାନ୍ତି ଏବଂ ସେଇ ଚାନ୍ଦିନୀ ଉପରେ ଗ୍ରାମବାସୀ ବସନ୍ତି ଓ ଖୁସିଗପ କରନ୍ତି । ତ୍ରିନାଥ ମେଳା ମଧ୍ୟ ସେଠାରେ ହୁଏ । କେତେକ ଭକ୍ତ ବସି ଖଞ୍ଜଣୀ

ବଜାଇ ଭଜନ ବୋଲନ୍ତି ଏବଂ କେବେକେବେ ଗ୍ରାମ ପିଲାମାନେ ବି ତା' ଉପରେ ବସି ଖେଳନ୍ତି ଏବଂ ବର ଓହଳ ଧରି ଦୋଳି ଖେଳନ୍ତି । ଦିନସାରା ସେହି ବରଅଶ୍ୱତ୍‌ଥ ଗ୍‌ଛରେ ନାନାଦି ପକ୍ଷୀଙ୍କର କଳରବ ଶୁଣାଯାଏ ଏବଂ ଗୁଣ୍ଡୁଚି ମୂଷାମାନେ ଗଛ ସାରା ଧାଁ ଧପଡ଼ ଲଗାଇଥାନ୍ତି ।

ମାତ୍ର ରାତିବେଳା ସେହି ଗଛମୂଳ ନିଶୂନ୍ ହୋଇଯାଏ । କେହି ସେ ବରଗଛ ମୂଳକୁ ରାତି ବରାଟା ପରେ ଆସନ୍ତି ନାହିଁ । ରାତି ଦୁଇ ତିନି ଘଡି ପର୍ଯ୍ୟନ୍ତ ଗଛ ମୂଳରେ ଗହଳି ଥାଏ । ରାତି ବାରଟା ପରେ ସେ ଗଛ ମୂଳକୁ କେହି ନ ଆସିବାର କାରଣ ହେଲା - ସେ ଗଛରେ ଚାରୋଟି ଭୂତ ସୂକ୍ଷ୍ମ ରୂପରେ ରହିଥାନ୍ତି ଏବଂ ଚାରିଜଣ ଯାକ ଚାରୋଟି ଧର୍ମର ହୋଇଥା'ନ୍ତି । ସବୁଠାରୁ ବୟୋଜ୍ୟେଷ୍ଠ ଭୂତଟି ହେଲା, ହିନ୍ଦୁଭୂତ, ତା ତଳକୁ ବୌଦ୍ଧଭୂତ, ତା ତଳକୁ ମୁସଲିମ୍ ଭୂତ ଏବଂ ଶେଷରେ ଖ୍ରୀଷ୍ଟିଆନ୍ ଭୂତ । ସେମାନେ କେତେବେଳେ ମିଳିମିଶି ରୁହନ୍ତି ପୁଣି କେତେବେଳେ ପରସ୍ପର ମଧ୍ୟରେ କଳିକଜିଆ ମାରପିଟ୍ ହୁଅନ୍ତି । କିନ୍ତୁ କେହି କାହାକୁ ଛାଡି କୁଆଡ଼େ ଯାଆନ୍ତି ନାହିଁ ।

କିନ୍ତୁ ବେଳେବେଳେ ସେମାନଙ୍କ ଭିତରେ ପ୍ରବଳ ଗଣ୍ଡଗୋଳ ଦେଖାଦିଏ । ହିନ୍ଦୁ ଭୂତ ଯେତେବେଳେ ବଡ଼ ପାଟିରେ କହେ, ''ହେ ପରମେଶ୍ୱର ! ଆପଣ ସର୍ବତ୍ର ବିରାଜିତ ଅଛନ୍ତି । କାଠ, ପଥର ଠାରୁ ଆରମ୍ଭ କରି ପି-ୁଡି, ଜନ୍ଦା, ଛାରପୋକ ପର୍ଯ୍ୟନ୍ତ ସର୍ବତ୍ର ଆପଣ ବିରାଜିତ । ଏପରିକି ଆପଣ ବୌଦ୍ଧ, ମୁସଲମାନ ଓ ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ନରନାରୀଙ୍କ ମଧ୍ୟରେ ବି ବିରାଜିତ ଅଛନ୍ତି । ଆପଣଙ୍କୁ ସହସ୍ର ପ୍ରଣାମ ଜଣାଉଛି ।

ଏହା ଶୁଣି ମୁସଲମାନ ଭୂତଟି ଚିତ୍କାର କରି କହେ - ''ହେ ଆଲ୍ଲା ! ବିସ୍‌ମିଲ୍ଲା ! ଆପଣ ସ୍ୱର୍ଗରେ ସର୍ବଶକ୍ତିମାନ ରୂପେ ବିରାଜମାନ କରୁଛନ୍ତି ଏବଂ ପୃଥିବୀରେ ସର୍ବତ୍ର ବାସ କରୁଥିବା ମୁସଲମାନ ମାନଙ୍କୁ ଦୟାକରି ସର୍ବସୁଖରେ ରଖିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଯେଉଁମାନେ ଆପଣଙ୍କ ପ୍ରଦର୍ଶିତ ଇସ୍‌ଲାମ୍ ଧର୍ମ ଗ୍ରହଣ ନ କରି, ବହୁ ଦେବାଦେବୀଙ୍କୁ ପୂଜା କରୁଛନ୍ତି, ସାମାନ୍ୟ ମଣିଷକୁ ଭଗବାନଙ୍କ ପୁତ୍ର ବୋଲି କହି ଉପାସନା କରୁଛନ୍ତି, ଯେଉଁମାନେ ଭଗବାନ ନାହାଁନ୍ତି ବୋଲି କହି ଶୂନ୍ୟ ପ୍ରଚାର କରୁଛନ୍ତି, ସେହି କାଫେର୍‌ମାନଙ୍କୁ ଯେ କୌଣସି ପ୍ରକାରେ ସାବାଡ଼ କରନ୍ତୁ, ଆଲ୍ଲା ହୋ ଅକବର୍ !''

ଏହା ଶୁଣି ଖ୍ରୀଷ୍ଟିଆନ୍ ଭୂତଟି ବରଗଛର ଗୋଟିଏ ଡାଳରେ ଥାଇ ଚିତ୍କାର କରି କହିଲା, ''ହେ ପରମେଶ୍ୱର ! ହେ ପରମପିତା ! ଆମ୍ଭେମାନେ ପାପରୁ ଜନ୍ମ ହୋଇଅଛୁ । ପାପରେ ବଞ୍ଚୁଛୁ ଏବଂ ମୃତ୍ୟୁପରେ ପୁନଶ୍ଚ ସେହି ପାପ ଯୋଗୁଁ ନର୍କରେ ପଡି କଷ୍ଟ ଭୋଗିବୁ । ହେ ପରମ ଦୟାଳୁ ପିତା ! ଆମ୍ଭମାନଙ୍କୁ ଏହି ନର୍କରୁ ଉଦ୍ଧାର କର ଏବଂ ଏହି ଅଣ ଖ୍ରୀଷ୍ଟିୟାନ୍ ମାନେ ନର୍କରେ ପଡି ପୀଡା ଭୋଗୁଥାନ୍ତୁ । ଆମେନ୍ ! ଆମେନ୍ !''

ଏହି ତିନିଭୂତଙ୍କ କଥା ଶୁଣି, ବୌଦ୍ଧ ଭୂତଟି ବରଗଛର ଆଉ ଗୋଟିଏ ଡାଳରେ ବସି ଆଖିବୁଜି ଧ୍ୟାନସ୍ଥ ହୋଇ ଧୀରସ୍ୱରରେ କହିଲା, ''ଈଶ୍ୱର ଫିଶ୍ୱର କେହି ନାହାଁନ୍ତି । ସବୁକିଛି ଶୂନ୍ୟରୁ ଆସିଛି ଏବଂ ଶେଷରେ ସବୁକିଛି ଶୂନ୍ୟ ହୋଇଯିବ । *ବୁଦ୍ଧଂ, ସଂଘଂ, ଧର୍ମଂ ଶରଣଂ ଗଚ୍ଛାମି ।''*

ଚାରିଭୂତ ଏହିଭଳି ପ୍ରାର୍ଥନା କରି ଜଣ ଜଣ ହୋଇ ଆସି ଗୋଟିଏ ଡାଳରେ ବସିଲେ । ତା'ପରେ ସେମାନଙ୍କ ଭିତରୁ ଜଣେ କହିଲା -

"ଭାଇମାନେ ! ଆମ୍ଭେମାନେ କୋଉ କାଳୁ ମରି ଏହି ବରଗଛରେ ଭୂତ ହୋଇ ରହିଆସିଛୁ । ଆମେ ମଧ୍ୟ ଆମ ଧର୍ମାନୁସାରେ ଯେଝା ଭଗବାନଙ୍କୁ ପ୍ରାର୍ଥନା କରିଆସୁଛୁ । ତଥାପି ଆମେ ଏଠି ମିଳିମିଶି ବେଶ୍ ସୁଖରେ ଅଛୁ । କିନ୍ତୁ ଜୀଅନ୍ତା ମଣିଷମାନେ ଧର୍ମ ଓ ଭଗବାନଙ୍କୁ ନେଇ ଏତେ ବାଦବିବାଦ, ହଣାକଟା ହେଉଛନ୍ତି କାହିଁକି ?

ହେଲେ ପାଠକେ ଅସଲ କଥା କ'ଣ ଜାଣନ୍ତି ! ଏହି ଜୀଅନ୍ତା ମଣିଷମାନେ ନିଜ ନିଜର ଭଗବାନ ବା ଧର୍ମକୁ ନେଇ କଳିକଜିଆ ବା ହଣାକଟା ହେଉନାହାଁନ୍ତି । ସେମାନେ ନିଜ ନିଜର ସ୍ୱାର୍ଥ ଓ ଜିଦ୍‌କୁ ବଜାୟ ରଖିବା ପାଇଁ ପରସ୍ପର ସହ ବିବାଦ କରୁଛନ୍ତି । ଉପରୋକ୍ତ ଚାରିଭୂତ ଏହି ଜୀଅନ୍ତା ମଣିଷଙ୍କ ଠାରୁ କୋଟି ଗୁଣେ ଭଲ ।



## ଅଣୁଗଳ୍ପ - ଆଶା

• **ବିକାଶ ପ୍ରଧାନ**
ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ନିଜ ଘରଠାରୁ ଟିକିଏ ଦୂରରେ ରୁହନ୍ତି ଶାନ୍ତନୁ । ଦୂର କହିଲେ ମୋଟ୍ ୨୦ ମାଇଲ୍ ବାଟ । ନିଜର କର୍ମବ୍ୟସ୍ତତା ଜୀବନ ଭିତରେ ସେ ଦିନ ରାତି ସବୁ ଭୁଲି ଯାଆନ୍ତି । ନିରୀହ ନିଷ୍କପଟ ମଣିଷଟିଏ ହୋଇ ତାଙ୍କର ଚାଲି ଚଳଣୀ, ବ୍ୟବହାର ଆଚରଣ ଦ୍ୱାରା ସମସ୍ତଙ୍କର ପ୍ରିୟପାତ୍ର ହୋଇଯାଆନ୍ତି ।

ସେ ଦିନ କଲେଜରୁ କାମ ସାରି ଫେରିଲା ବେଳକୁ ରାତି ୮.୩୦ । ବାଟରେ ଯାଉ ଯାଉ ହଠାତ୍ ଫୋନ ବାଜିଲା । ସେ ଗାଡି ଅଟକାଇ ଫୋନ୍ ଦେଖନ୍ତି ତ ଗାଁରୁ ତାଙ୍କ ବୋଉ ଫୋନ୍ କରିଛନ୍ତି । ସେ ଖୁସି ହୋଇ କଥା ହେଉ ହେଉ ବୋଉ କେତେବେଳେ କହି ଦେଇଛନ୍ତି ଆଜି ଘରେ ନାଡ ଛତୁ ତରକାରୀ ହୋଇଛି । ନାଡଛତୁ ଶୁଣିବା ମାତ୍ରେ ସେ ଧାଇଁଲେ ଘର ଅଭିମୁଖେ । ନାଡଛତୁ ତାଙ୍କର ଭାରି ପ୍ରିୟ । ଛତୁ କଥା ଭାବି ଭାବି ଖାଇବାର ଆଶାରେ କେତେବେଳେ ୨୦ ମାଇଲ୍ ବାଟ ଅତିକ୍ରମ କରିସାରିଲେଣି ତାହା ଜଣାପଡିଲା ନାହିଁ ।

ଘର ଆଗରେ ବୋଉ ବୋଉ ଡାକି ଖାଇବା ପାଇଁ ବସିପଡିଲେ । ବୋଉ ଖାଇବା ଆଣି ଥୋଇବା ମାତ୍ରେ ନାଡ ଛତୁର ଆଶା କରିକି ଯାଇଥିବା ଶାନ୍ତନୁ ବାବୁ ଦେଖିଲେ କି ତାହା ପାଳଛତୁ । ତାଙ୍କର ଆଶା ପାଣି ଫୋଟକା ପରି ମିଳେଇଗଲା ।





# ଫିକା ଫଗୁଣ



• **ସ୍ୱପ୍ନ ସରିତ ଜେନା**
ସ୍ନାତକୋତ୍ତର ପ୍ରଥମ ବର୍ଷ
ଉଦ୍ଭିଦ ବିଜ୍ଞାନ ବିଭାଗ

ଫଗୁଣଟା ଭାରି ଫୁଲେଇ। ଆକାଶ ଦେହରେ ମୁଠାମୁଠା ଫଗୁ ନେଷି ଦେଇ ଉଡି ବୁଲୁଥାଏ ରଙ୍ଗୀନ ପ୍ରଜାପତିଟି ଭଳି। ପଶ୍ଚିମ ଆକାଶରେ ସୁରୂଯ ବୁଡିଯାଉଥିବା ବେଳେ ଉଷା ରାଣ ପକାଇ ତାକୁ ଛନ୍ଦିଦିଏ ଖଣ୍ଡେ ଧଳା ବାଦଲ କୋଳରେ।

ଏଇ ମ୍ଳାନ ଧୂସର ସନ୍ଧ୍ୟା ହିଁ ମୋର ଆଶ୍ୱାସନା।

ଦିନଯାକ କାମସାରି ଫେରିବା ବେଳେ ଶେଷ ଚିଠି ଖଣ୍ଡକ ମୋ ଘର ଠିକଣା ଅଭିମୁଖେ ଆଣିଥିଲେ ପୋଷ୍ଟମାଷ୍ଟର ରାମେଶ୍ୱର ମଉସା। ସଞ୍ଜ ଆକାଶର ସଞ୍ଜତାରା ପରି ମୋ ମନରେ ତୁମ ଜ୍ୟୋତି ହଠାତ୍ ତେଜସ୍ୱୀ ହୋଇଉଠେ। ସେଇ ପୁରୁଣା ସାଇକେଲର କର୍କଶ ଶବ୍ଦ ଶୁଣି, ମୁଁ ଧାଇଁଯାଏ ତୁମ ଚିଠି ଆଶାରେ। ଚିଠି ଖଣ୍ଡକ ମୋ ହାତକୁ ବଢେଇ ଦେଇ ସାମାନ୍ୟ ଟିକେ ହସି ଦେଇଥିଲେ।

ଅନ୍ଧାରର ବକ୍ଷ କ୍ରମଶଃ ଗମ୍ଭୀର ହୋଇଉଠିଲା। ବାରିପଟୁ ଲଣ୍ଠନ ଆଣି ଟିକେ ତେଜିଦେଲି, ତୁମ ଅକ୍ଷରରେ ନିଜ ଅଧିକାର ସାବ୍ୟସ୍ତ କରିବାକୁ। ସବୁଥର ପରି ଏଥର ମଧ୍ୟ ତୁମେ ଚିଠିରେ ପ୍ରଥମେ ମୋତେ ସମ୍ବୋଧନ କରି ଲେଖିଥିଲ, ଆଗୋ ! ତୁମ ସମ୍ବୋଧନ ମତେ ଯେମିତି ସ୍ନେହ ଓ ସମ୍ମାନ ମିଶା ଭାବରେ ବାନ୍ଧିଦିଏ। ଇଚ୍ଛାହୁଏ ସାରା ଜୀବନ ଏଇ ସ୍ୱର ଲିପିକୁ ମୋ ମନ ଶିକୁଳିରେ ବନ୍ଦୀ କରି ରଖିବାକୁ।

ଚିଠିରେ ମଧ୍ୟ ତମେ ଟିକେ ଫୁଲେଇ ହୋଇ ପଚାର - ମୋ କଥା ମନେ ଅଛି ତ ? ଆଗ ଭଳି ଆଉ କାହିଁ ଏତେ ଚିଠି ଲେଖୁନ ତ ! ତୁମକୁ ଭୁଲିବି କେମିତି ! ମୋ ଛାତିର ପ୍ରତ୍ୟେକ ରକ୍ତ କଣିକା ତୁମ ପାଇଁ ସ୍ପନ୍ଦିତ ହୁଅନ୍ତି। ଆଉ ରହିଲା ଚିଠି ନ ଲେଖିବା କଥା - ତମେ ତ ନିଜେ ରାଣ ଦେଇ ମନା କରିଥିଲ ତମ କଥା ବେଶୀ ନ ଭାବିବାକୁ। ବେଶୀ ଚିଠି ଲେଖି ସମୟ ନଷ୍ଟ ନ କରିବାକୁ। ଭଲରେ ପାଠ ପଢି ଗୋଟେ ସରକାରୀ ଚାକିରୀ କରିବାକୁ।

କଲେଜ ପଢିବା ସମୟରେ ମୁଁ ସାରାରାତି ବସି ତୁମ ପାଇଁ ଚିଠି ଲେଖେ। ଏ କଥା ତୁମକୁ ଅଜଣା ନାହିଁ। ବରଂ ସେ ଦିନ ଗୁଡିକରେ ତୁମେ ତୁମ ସାଙ୍ଗମାନଙ୍କୁ ଏଇ କଥା କହି ନିଜକୁ ଗର୍ବ ମନେ କର।

ହେଲେ ଏବେ ସେଇ ଚିଠି ହିଁ ଏକମାତ୍ର ସଂଯୋଗ। ଆଜି ତୁମ ଚିଠିଟା ମତେ ଭାରି ପୁରୁଣା ଲାଗୁଥିଲା, ସତେ ଯେମିତି ମୂର୍ଚ୍ଛିତ ସ୍ମୃତି ସବୁ ତୁମ ଗୋଟି ଗୋଟି ଅକ୍ଷରର ମୁକସାକ୍ଷୀ। ସମୟଟା ଭାରି ନିଷ୍ଠୁର।

ଅତୀତର ସେଇ ଦିନଗୁଡା ଇତିହାସର ସ୍ଥିର ଚିତ୍ର ପରି ସ୍ମୃତିପଟରେ ଆଙ୍କି ହୋଇଯାଏ ସିନା, କିନ୍ତୁ କୌଣସି ରଙ୍ଗକୁ ବର୍ଣ୍ଣାଳିରୁ ଲିଭେଇ ହୁଏନି। ରାତ୍ରିର ସେଇ ନିଶବ୍ଦତାକୁ ପ୍ରତିରୋଧ କରି କେଉଁ ଏକ ଅଜଣା ଚଢେଇ ସ୍ୱରରେ ମୁଁ ହଠାତ୍ ବାସ୍ତବତାକୁ ଫେରିଆସିଲି।

ତୁମ ଚିଠିର ଆଗାମୀ ଶବ୍ଦ ସବୁ ମୋ ଚଷମା ତଳେ ନିରୀହ ଦିଶୁଥିଲେ। ତୁମେ ସ୍ମୃତି ସବୁ ଆଣି ବୁଣି ଦେଇଥିଲ ବିସ୍ତୃତ ଧଳା ଫର୍ଦ୍ଦରେ। ସେ ଦିନ କୃଷ୍ଣଚୂଡା ଫୁଲ ସବୁ ଆକାଶରେ ନିଜ ଦେହର ରଙ୍ଗ ବୋଳିଦେଇ ସମୟକୁ ରକ୍ତିମ



ସନ୍ଧ୍ୟାର ଆଖ୍ୟା ଦେଇଥିଲେ । ସେଇ ନିର୍ଜନ ରାସ୍ତାରେ ଆମେ ଦୁହେଁ କୃଷ୍ଣଚୂଡ଼ା ଗଛ ତଳେ ଠିଆ ହୋଇଥିଲେ । ପ୍ରଥମ ଥର କୌଣସି ଏକ ଝିଅ ଘରେ ଏକାକୀ ଠିଆ ହେବା ମୋ ମନରେ ଲାଜ ଓ ଭୟ ଦୁଇକୁ ସମାନ ସ୍ଥାନ ଦେଇଥିଲା । ହେଲେ ସେଇ ଭୟକୁ ତୁମେ ତୁମ ଛାତିରେ ଚାପିଦେଇ ମୋତେ ପ୍ରେମର ପ୍ରସ୍ତାବ ଦେଇଥିଲ । ମୁଁ କିଛି କହିବା ଆଗରୁ ତୁମ ଅନୁମତି ବିନା ଲୁହର ଧାର ତୁମ ଦୁଇ ଗାଲକୁ ଛୁଇଁ ସାରିଥିଲା ।

ତୁମ ସେଇ ଲୁହ ରକ୍ତିମ ସନ୍ଧ୍ୟାର ରଙ୍ଗକୁ ଆହୁରି ଗାଢ଼ କରିଦେଇଥିଲା । ସାରା ସଂସାର ମତେ ଜୀଅନ୍ତା ପାଷାଣର ରୂପ ଦେଇଥିଲା ସେତେବେଳେ । ମୁଁ କିଛି ନ ଭାବି ଚାଲି ଯାଇଥିଲି ତୁମ ପାଖକୁ । ଖୁବ୍ ପାଖକୁ । ଏତେ ପାଖକୁ ଯେ ପବନ ବି ନିଜ ଗତି ପାଇଁ ଅଧିକାର ନୁହେଁ ବରଂ ଅନୁମତିର ଆବଶ୍ୟକତା ମନେ କରିବ । ମୁଁ ତୁମ ଲୁହକୁ ମୋ ଆଞ୍ଜୁଳାରେ ନେଇ କହିଲି, "ଏତେ ମୋତି ନଷ୍ଟ କରିଦେଲେ ମୋର ସ-ତ୍ତି ଅବା କ'ଣ ରହିବ ?"

ତୁମ ଆରକ୍ତ ଅଧର ଏବେ ହାସ୍ୟରେଖାର ରୂପ ନେଇ ମୋ ମନକୁ ପ୍ରେମର ଧାରା ଶ୍ରାବଣରେ ଧୋଇ ଦେଲା । ଧିରେ ଧିରେ ଏଇ ପ୍ରେମ ଏକ ଅନାମିକା ଉପନ୍ୟାସ ପରି ମନର ରୁଦ୍ଧ ଝରକା ସବୁ ନିଶବ୍ଦରେ ଖୋଲିଦେଲା । ପ୍ରତି ଗୁରୁବାର ଆମେ ରାଧାକୃଷ୍ଣ ମନ୍ଦିର ଯାଉଥିଲେ । ତୁମେ ପଚାର ରାଧା ଓ କୃଷ୍ଣଙ୍କ ମଧ୍ୟରେ ଏମିତି କ'ଣ ସ-ର୍କ ରହିଛି, ଯାହା ପାଇଁ କେବଳ ତାଙ୍କର ଯୁଗଳ ମୂର୍ତ୍ତି ହିଁ ପୂଜା କରାଯାଏ ।

ମୁଁ କହେ - ନିଃସ୍ୱାର୍ଥ ପ୍ରେମ ହିଁ ତାଙ୍କ ସ-ର୍କ । ଆଉ କିଛିର ଆବଶ୍ୟକତା ବା କ'ଣ ? ତୁମେ ପୁଣି ଛୋଟ ପିଲାଟେ ପରି ପଚାର- ହେଲେ ସେମାନେ ତ ବାହା ହୋଇ ନ ଥିଲେ ତେବେ ଏ ସ-ର୍କ କ'ଣ ପାପ ନୁହେଁ ?

ମୁଁ ପ୍ରତ୍ୟୁତ୍ତର ଦିଏ - କେବଳ ବିବାହ ଦ୍ୱାରା ପ୍ରେମର ଦଧିନଉତି ବସାଯାଏ ନାହିଁ । ମୋହ ପାଇଁ ମଣିଷକୁ ବନ୍ଧନର ଆବଶ୍ୟକତା ହୁଏ, କିନ୍ତୁ ପ୍ରେମ ପାଇଁ ମୁକ୍ତି ହୁଏ । ତୁମେ ପୁଣି କୁହ ଆମେ ତ ବାହାଦେବା । ତେବେ ଆମ ପ୍ରେମ କ'ଣ ନିଃସ୍ୱାର୍ଥ ନୁହେଁ ? ତୁମ କଥା ଶୁଣି ମୁଁ ଧିରେ ଧିରେ ହସୁଥାଏ ... । ହେଲେ ତୁମ ପ୍ରଶ୍ନିଳ ଆଖିରେ ଯେବେ ପଚାର, "ତୁମେ ମୋ ଠାରୁ କେଉଁ ମୋହର ଆଶା ରଖିଛ ?"

ଏବେ ତୁମ ଚାହାଣୀରେ ଏକ ଅନେକ ବୟସ୍କା ଯୁବତୀର ଆଭା ଭାସିଯାଏ । କିନ୍ତୁ ସେ ପୁଷ୍ପବିହୀନ ବିଷଣ୍ଣ ସ୍ମୃତିର ବୃକ୍ଷ ଛାୟାଦାନ ବି କରିପାରେନାହିଁ, ଆଶ୍ରୟ ଦେବା ତ ଦୂରର କଥା ।"

ତୁମ ଚିଠିର ଶେଷଧାଡ଼ି ଏକ ଅପୂଜା ମନ୍ଦିରର ଭଗ୍ନମୂର୍ତ୍ତି ପରି ଅସହାୟ ଦିଶୁଥିଲା । "ଏଇ ହେଉଛି ମୋର ଶେଷ ଚିଠି । ହେଲେ ତୁମେ ମୋ ମନ ପବନରେ ଚନ୍ଦନର ବାସ୍ନା ଭାବେ ସାରା ଜୀବନ ବାସୁଥିବ ।"

ଏଇ ଧାଡିଟିକୁ ବାରମ୍ବାର ପଡି ମୁଖସ୍ଥ କରିଦେଲେ ମଧ୍ୟ ତୁମ ଶବ୍ଦ ମୋ ମନ ପାଇଁ ଗ୍ରହଣ କରିବା ଅସମ୍ଭବ ହୋଇଯାଇଛି । ତୁମେ ମଧ୍ୟ ଲେଖିଥିଲ ଏହାର କାରଣ ଜାଣିବା ପାଇଁ । ଆଉ ଚିଠି ଲେଖିବ ନାହିଁ, ଯଦି ଲେଖିବ ତେବେ ସେଇ ଚିଠିର ଠିକଣା ଯେ ମୁଁ ହେବି, ସେ ଆଶା ରଖିବ ନାହିଁ ।

ରାତ୍ରିର ଏଇ ମୁକୁଳା ଆକାଶ ତଳେ ସ୍ୱପ୍ନ ରାଇଜର ରଜାଝିଅ କେଉଁ ଏକ ଅକଳ୍ପିତ ପଥରେ ପଥବଣା ବାଟୋଇ ସାଜିଛି, ଯେଉଁଠିରୁ ଫେରିବା ଏକ କଳ୍ପନା ମାତ୍ର ।

ଏଇ ନିଷ୍ଠୁର ରାତ୍ରିର ଗାମ୍ଭୀର୍ଯ୍ୟ ଲାଗୁଥିଲା ଯନ୍ତ୍ରଣାର ଅଭିମାନ ପରି ।



# ଲକ୍ଷ୍ମୀର ଭବିଷ୍ୟତ

• ବିପ୍ଳବୀ ବିଜୟିନୀ ସାହୁ
ଯୁକ୍ତ ତିନି ଦ୍ୱିତୀୟ ବର୍ଷ କଳା

ମଦନ ପୁରର ଜମିଦାର ଘରର ଝିଅ ଥିଲା ଲକ୍ଷ୍ମୀ । ଛଅ ଭାଇରେ ଗୋଟିଏ ମାତ୍ର ଝିଅ ଥିଲା ସେ ଓ ସମସ୍ତଙ୍କର ଆଖିର ସେ ଥିଲା ତାରା । ତାର କୌଣସି କଥାକୁ କେବେ କେହି ମନା କରନ୍ତି ନାହିଁ । ପାଠ ପଢାରେ ତାର ବହୁତ୍ ଆଗ୍ରହ ଥିଲା । ତେଣୁ ତା ବଡ଼ ଭାଇ ତାକୁ ଏକ ସରକାରୀ ସ୍କୁଲରେ ନାମ ଲେଖାଇଦେଲେ । ଲକ୍ଷ୍ମୀ ପାଠପଢାରେ ଯେତିକି ଆଗୁଆ ଥିଲା, ଖେଳକୁଦ, ନାଚ, ଗୀତରେ ମଧ୍ୟ ସେହିପରି ଅଗ୍ରଣୀ ଥିଲା । ପ୍ରତ୍ୟେକ ବର୍ଷ ବାର୍ଷିକ ମହୋତ୍ସବରେ ସେ ଅନେକ ପୁରସ୍କାର ହାସଲ କରୁଥିଲା । ଏମିତି କିଛି ମାସ ସେମାନଙ୍କ ପରିବାର ହସ ଖୁସିରେ ଓ ସୁରୁଖୁରୁରେ ଚଳୁଥିଲା । କିନ୍ତୁ ଭବିଷ୍ୟକୁ କିଏ ବା ଦେଖିଛି ? କିଛି ମାସ ପରେ ତା ମା'ଙ୍କର ସ୍ୱାସ୍ଥ୍ୟବସ୍ଥା ଠିକ୍ ରହିଲା ନାହିଁ । ଅନେକ ଡାକ୍ତରଙ୍କୁ ଦେଖାଇବା ପରେ ମଧ୍ୟ କିଛି ଲାଭ ହେଲା ନାହିଁ । ପରେ ଜଣାପଡିଲା ଯେ, ସେ କ୍ୟାନସର ରୋଗରେ ପୀଡିତ । କିଛିଦିନ ଶଯ୍ୟାଶାୟୀ ହେଲା ପରେ ତାଙ୍କର ଦେହାନ୍ତ ହୋଇଗଲା । ସେହିଦିନଠୁ ଘରର ସବୁ ଦାୟିତ୍ୱ ଲକ୍ଷ୍ମୀ ଉପରକୁ ଆସିଗଲା । ଭାଇମାନେ ସବୁ ବେପାର ବାଣିଜ୍ୟରେ ବ୍ୟସ୍ତ ରହିଲେ । ଜମିଦାର ବାବୁ ଏକା ହୋଇଯିବାରୁ ଲକ୍ଷ୍ମୀ ଘରର ସବୁ କାମ କରିବା ସହିତ ତା ବାପାଙ୍କୁ ଅନ୍ୟାନ୍ୟ କାମରେ ମଧ୍ୟ ସାହାଯ୍ୟ କରେ । ଏଣୁ ସେ ପାଠପଢାରେ ଆଉ ଧ୍ୟାନ ଦେଇପାରିଲା ନାହିଁ । ଫଳରେ ତା ପାଠପଢାରେ ଡୋରି ବନ୍ଧା ହେଲା । ସେ ୧୩ ବର୍ଷର ହେଲା । ଭଲ ଘରୁ ପ୍ରସ୍ତାବ ଆସିବାରୁ ଜମିଦାର ବାବୁ ଲକ୍ଷ୍ମୀର ବାହାଘର କରିବାକୁ ସ୍ଥିର କଲେ । ଏହି କଥାରେ ଲକ୍ଷ୍ମୀ କୌଣସି ଆପତ୍ତି କଲା ନାହିଁ । କାରଣ ସେ କେବେହେଲେ ବାପାଙ୍କ କଥାକୁ ଅମାନ୍ୟ କରେ ନାହିଁ । ଲକ୍ଷ୍ମୀର ବାହାଘର ହୋଇଗଲା । ଶାଶୁଘରର ନୂଆ ନିୟମ କାନୁନ୍‌ରେ ଖାପ ଖୁଆଇ ଚଳିବାକୁ ତାକୁ ଟିକିଏ ସମୟ ଦରକାର ଥିଲା ।

ଶାଶୁ ଶ୍ୱଶୂରଙ୍କ ସେବାଠୁ ଆରମ୍ଭ କରି ଘରର ସବୁ ସଦସ୍ୟଙ୍କ ପାଇଁ ରନ୍ଧାବଢା କରିବା, ଘର ସମ୍ଭାଳିବା, ବାସନ ମାଜିବା, ଲୁଗା ଧୋଇବା ଓ ଅନ୍ୟାନ୍ୟ କାମ କରିବାକୁ ପଡୁଥିଲା । ନିଜର ପିଡା ଓ ଯନ୍ତ୍ରଣାକୁ ନିଜ ଭିତରେ ଲୁଚେଇ ରଖି ସବୁ କଷ୍ଟକୁ ସହୁଥିଲା । ସ୍ୱାମୀ ଘରେ ରହନ୍ତି ନାହିଁ । ତାଙ୍କ କାମରେ ସେ ବାହାରକୁ ଯାଆନ୍ତି ଓ ସପ୍ତାହର ଶେଷ ଦିନରେ ଆସି ଲକ୍ଷ୍ମୀ ଓ ତାର ବାପା ମାଆଙ୍କୁ ଦେଖା କରି ପଳାନ୍ତି । ତେଣୁ ଲକ୍ଷ୍ମୀ ହିଁ ସେମାନଙ୍କର ଯତ୍ନ ନିଏ । ଏତେ ସବୁ ପରେ ମଧ୍ୟ ଶାଶୁ କେବେହେଲେ ତାର ପ୍ରଶଂସା କରନ୍ତି ନାହିଁ । ବରଂ ତାଙ୍କୁ ବାଧିଲା ପରି କୁହନ୍ତି । ଶାଶୁ ଭୁଲି ଯାଇଥିଲେ କି ଲକ୍ଷ୍ମୀର ବୟସ ଖୁବ୍ କମ୍ । ଏତେ କମ୍ ବୟସରେ ସେ କେତେ ଦାୟିତ୍ୱ ସମ୍ଭାଳୁଛି ଏବଂ କିଛି ଆପତ୍ତି ମଧ୍ୟ କରୁନାହିଁ । ଲକ୍ଷ୍ମୀର ଦୁଇ ନଣନ୍ଦ ରୀତା ଓ ଗୀତା ପ୍ରାୟ ସେମାନଙ୍କ ବାପଘରେ ରହନ୍ତି । କିନ୍ତୁ କେଉଁ କାମରେ ଲକ୍ଷ୍ମୀକୁ ସାହାଯ୍ୟ କରନ୍ତି ନାହିଁ । ଥରେ ଘରର ସବୁକାମ ସାରି ତା ରୁମକୁ ଆସି ଦର୍ପଣରେ ତା ନିଜକୁ ନିଜେ ଦେଖିବାକୁ ଲାଗିଲା ଓ ଭାବିଲା ମୁଁ କଣ ସେହି ଲକ୍ଷ୍ମୀ ଯିଏ ଥରେ ସମସ୍ତଙ୍କର ଆଖିର ତାରା ଥିଲି । ଅତି ଅଲିଅଳିରେ ବଢିଥିଲି । ନିଜର ପ୍ରତିବିମ୍ବକୁ ଦର୍ପଣରେ ଦେଖି ଏମିତି ଭାବୁଭାବୁ ତାର ହଠାତ୍ ସ୍ୱପ୍ନ ଭାଙ୍ଗିଗଲା ପରି ସେ ଜାଣିଲା ଯେ ସେହି ସମୟର ସେ ବହୁତ୍ ଆଗକୁ ଚାଲିଯାଇଛି । ତାକୁ ଏତେ କମ୍ ବୟସରୁ ଏତେ ଦାୟିତ୍ୱ ଓ ଏତେ କାମ କରୁଥିବାର ଜାଣି ଜଣେ ସମାଜସେବୀ

ମହିଳା ତାକୁ ଆସି କହିଲେ ଝିଅ, ଥରେ ହେଲେ ନିଜ କଥା ଭାବିକି ଦେଖ। ନିଜ ପାଇଁ ନିଜେ କିଛି କର। ସୁବିଧା ଦେଖି ତୁମ ସ୍ୱାମୀ ଓ ଶାଶୁ ଶ୍ୱଶୁରଙ୍କୁ ତୁମେ ପୁଣି ଥରେ ପାଠପଢି ନିଜ ଗୋଡ଼ରେ ଠିଆ ହେବାକୁ ଚାହୁଁଛ ବୋଲି ଥରେ କୁହ। ଆଗକୁ ଲମ୍ବା ଜୀବନ ପଡିଛି। କ'ଣ ଏତେ ବର୍ଷ ଏହି ଘରେ ଏମିତି ଦଳିତ, ଶୋଷିତ ହୋଇରହିବ। ଆଜି ତମେ ଏକା ଅଛ। ଭବିଷ୍ୟତରେ ଯେତେବେଳେ ତମର ପିଲାଛୁଆ ହେବେ, ସେତେବେଳେ ତୁମେ ତାଙ୍କୁ କ'ଣ ଶିକ୍ଷା ଦେବ। ତା'ପାଇଁ ତୁମକୁ ପ୍ରଥମେ ନିଜକୁ ମୁଣ୍ଡ ଟେକି ଉଠିବାକୁ ପଡିବ।

ବଡ ସାହସ ଜୁଟାଇ ଲକ୍ଷ୍ମୀ ତା' ଶାଶୁଙ୍କୁ କହିଲା, ମା', ମୁଁ ପଢିବାକୁ ଚାହେଁ। ପାଠ ପଢି ମୁଁ ମୋ ସ୍ୱାମୀ ଶ୍ୱଶୁରଙ୍କୁ ସାହାଯ୍ୟ କରିବାକୁ ଚାହେଁ। ଆପଣଙ୍କୁ କଥା ଦେଉଛି ଯେ, ମୁଁ ପାଠପଢା ସହିତ ଘରର ସବୁ କାମ କରିବି। ଆପଣଙ୍କର କେବେହେଲେ ଅବହେଳା କରିବି ନାହିଁ। କିନ୍ତୁ ଶାଶୁ ତା କଥା ଶୁଣି ଉତ୍କ୍ଷିପ୍ତ ହୋଇ କହିଲେ, ଘରର ବୋହୂ ହୋଇ ବାହାରକୁ ପଢିବାକୁ ଯିବୁ। ଆମର ଇଜ୍ଜତ ରହିବ ତ ? ଦୁନିଆ ଲୋକଙ୍କ ଆଗରେ ଆମର ନାକ କାଟିବୁ। ତୁ କେବଳ ଘରେ ରହ, ବାହାର ଦୁନିଆ ବିଷୟରେ ତୋର କିଛି ଜାଣିବା ଦରକାର ନାହିଁ। ଲକ୍ଷ୍ମୀର ପାଦତଳୁ ମାଟି ଖସିଗଲା। ତା ଆଶା ମରିଗଲା। ଥରେ ଏହି ବିଷୟରେ ସ୍ୱାମୀଙ୍କୁ ଜଣାଇବ ଭାବିଲା। ସପ୍ତାହର ଶେଷ ଦିନ ଯେତେବେଳେ ଲକ୍ଷ୍ମୀର ସ୍ୱାମୀ ଘରକୁ ଆସିଲେ, ସେ ତାଙ୍କୁ ଚା' ପାଣି ଦେଲା ଓ ସବୁ ଭଲ ମନ ବୁଝିଲା ପରେ ତାଙ୍କ ପାଖକୁ ଯାଇ କହିଲା, ଶୁଣ! ମୋର ଆଗକୁ ପଢିବାର ଇଚ୍ଛା ଅଛି। ତେଣୁ ତୁମେ ଯଦି ମତେ ସାହାଯ୍ୟ କରିବ, ମୁଁ ତୁମ ପାଖରେ ଚିର ଉପକୃତ ହୋଇ ରହିବି। ଆମର ଭବିଷ୍ୟତ ମଧ୍ୟ ମଙ୍ଗଳ ହେବ। ମା' ଶିକ୍ଷିତ ହେଲେ, ଛୁଆ ପିଲା ଶିକ୍ଷିତ ହେବେ। ପରିବାରର ଉନ୍ନତି ହେବ। ସ୍ୱାମୀ ମଧ୍ୟ ଏହି କଥାରେ ରାଜି ହେଲେ। କାରଣ ସେ ବାହାର ଦୁନିଆର ନାରୀମାନଙ୍କୁ ଦେଖୁଥିଲେ ଯେ ସେମାନେ କେତେ ଆଗେଇ ଗଲେଣି।



ସେ ତାଙ୍କ ବାପା ମାଆଙ୍କୁ ବୁଝାସୁଝା କରି ଲକ୍ଷ୍ମୀର ପାଠ ପଢା ପାଇଁ ରାଜି କରାଇଲେ ଏବଂ ଲକ୍ଷ୍ମୀର ପାଠ ପଢା ପାଇଁ ସବୁ ବନ୍ଦୋବସ୍ତ ମଧ୍ୟ କରିଦେଲେ। ଲକ୍ଷ୍ମୀ ଏଥିରେ ଖୁସି ହୋଇ ତାର ସ୍ୱପ୍ନ ଓ ଆଶା ପୂରଣ ହେବା ଆଶାରେ ମନ ଦେଇ ପାଠପଢାରେ ଆଗେଇ ଗଲା ଏବଂ ଘର କାମ ମଧ୍ୟ କଲା। ଶାଶୁ ଶ୍ୱଶୁରଙ୍କୁ କୌଣସି ଅବହେଳା କଲା ନାହିଁ କି ତା ପାଇଁ ମଧ୍ୟ କିଛି ଅଭିଯୋଗ କେବେ ଶୁଣାଗଲା ନାହିଁ। ଲକ୍ଷ୍ମୀ ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା ଏବଂ ତା ଶାଶୁ ଶ୍ୱଶୁରଙ୍କ ନାମ ରଖିଲା। ତା ଦେଖାଦେଖି ଗାଁର ଅନ୍ୟ ଝିଅ ବୋହୂମାନେ ମଧ୍ୟ ଶିକ୍ଷା ପାଇଁ ଆଗ୍ରହ ପ୍ରକାଶ କଲେ। ଲକ୍ଷ୍ମୀ ଶିକ୍ଷା ଲାଭ କରିଥିବାରୁ ତା'ର ସ୍ୱାମୀ ଓ ଶ୍ୱଶୁରଙ୍କୁ ତାଙ୍କ କାମରେ ସାହାଯ୍ୟ କରି ବେଶ୍ ପ୍ରଶଂସାର ପାତ୍ରୀ ହୋଇଗଲା ଏବଂ ସମସ୍ତଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିଲା। ତେଣୁ ପୁଅ ହେଉ କିମ୍ବା ଝିଅ ଶିକ୍ଷାର ଆବଶ୍ୟକତା ସମସ୍ତଙ୍କ ପାଇଁ ଅଛି।



# ଆଚାର୍ଯ୍ୟ ଗୌତମଙ୍କ ଅବଦାନ

• ନରହରି ମହାନ୍ତ
ସ୍ନାତକୋତ୍ତର ପ୍ରଥମ ବର୍ଷ
ଇତିହାସ ବିଭାଗ

ଅନେକ ଦିନ ତଳର କଥା, ମୋ କାହାଣୀର ବୀର ଏବଂ ତା'ର ପରିବାର ନୂଆଗାଁ ନାମକ ଏକ ଗ୍ରାମରେ ଅନେକ ଦିନରୁ ରହିଆସୁଥିଲେ । ନୂଆଗାଁଟି ତା'ର ଐଶ୍ୱର୍ଯ୍ୟ କୀର୍ତ୍ତି ପାଇଁ ରାଜ୍ୟରେ ପ୍ରସିଦ୍ଧ ଥିଲା । ଏହି ଗ୍ରାମରେ ଅନେକ ବୀର ଜନ୍ମଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରୁ ବାଜିଆ ଅନ୍ୟତମ । ଏହି ଗ୍ରାମକୁ ରାମିଆଳ ନାମକ ଏକ ନଈ ତିନି ଦିଗରୁ ଘେରି ରହିଥାଏ । ପଶ୍ଚିମ ଦିଗରେ "ବନ୍ଧୁଣୀହୁଳି" ନାମକ ପାହାଡ଼, ଯେମିତି ମୁଣ୍ଡଟେକି ଗ୍ରାମର ଜଗୁଆଳ ପରି ଠିଆ ହୋଇଛି । ଗ୍ରାମର ପୂର୍ବର ରାମିଆଳ ନଦୀର ଅପର ପାର୍ଶ୍ୱରେ ଏକ ଆଶ୍ରମ ଥିଲା । ସେଠାରେ ଗ୍ରାମର ପିଲାମାନଙ୍କୁ ଶିକ୍ଷା ସହିତ ଯୁଦ୍ଧ କଳାର ଶିକ୍ଷା ପ୍ରଦାନ କରାଯାଉଥିଲା । ଆଶ୍ରମଟିର ନାମ ସର୍ବୋଦୟ ଥିଲା । ଏହି ଆଶ୍ରମରେ ଆମ କାହାଣୀର ବୀର ଅର୍ଥାତ୍ ବାଜିଆ ଶିକ୍ଷାଗ୍ରହଣ କରୁଥିଲା । ବାଜିଆ ପାଠରେ ଯେମିତି ଶାଠରେ ମଧ୍ୟ ସେମିତି ଥିଲା । ସେ ଗୁରୁ ଗୌତମଙ୍କ ପ୍ରିୟ ଶିଷ୍ୟ ଥିଲା । ଏହି ଆଶ୍ରମରେ ୩ ଜଣ ଗୁରୁ ଏବଂ ୩ ଜଣ ଗୁରୁମା' ଶିକ୍ଷାଦାନ କରୁଥିଲେ । ଗୁରୁ ଗୌତମ ହେଉଛନ୍ତି ଏହି ଆଶ୍ରମର ପ୍ରଧାନ ଆଚାର୍ଯ୍ୟ । ଆଶ୍ରମଟି ଭୀମ ପର୍ବତର ପାଦ ଦେଶରେ ଥିଲା ।

ବାଜିଆର ପରିବାର ଚାରି ଭାଇ-ଭଉଣୀ ଏବଂ ତା'ର ବାପା-ମାଆଙ୍କୁ ନେଇ ଗଠିତ । ତା'ର ପିତା ପୁରସ୍ତମ ଥିଲେ ପରିବାରର ମୁଖ୍ୟ । ପୁରସ୍ତମ ବୃତ୍ତିରେ କୃଷକ ଥିଲେ । ବାଜିଆ ତା ପରିବାରର ଜ୍ୟେଷ୍ଠ ପୁତ୍ର ଥିଲା । ଗ୍ରାମ ପିଲାମାନେ ରାମିଆଳ ନଈକୁ ଡ଼ଙ୍ଗାରେ ପାର ହୋଇ ଆଶ୍ରମକୁ ଯାଉଥିଲେ । ବର୍ଷା ଦିନର ସମୟ ଥିଲା, ଗ୍ରାମର ପିଲାମାନେ ଆଶ୍ରମକୁ ଯାଇଥିଲେ । ହଠାତ୍ ବିଜୁଳି ଘଡଘଡି ସହିତ ବର୍ଷା ଆରମ୍ଭ ହୋଇଗଲା । ବର୍ଷା ଛାଡିବା ମାତ୍ରେ ଆଶ୍ରମ ଛୁଟି ହୋଇଥିଲା । ପିଲାମାନେ ସବୁଦିନ ପରି ନଈ କୂଳକୁ ନଈ ପାର ହେବାକୁ ଆସିଲେ । ପିଲାମାନେ ଡଙ୍ଗାରେ ନଈ ପାର ହେଉଥିବା ସମୟରେ, ହଠାତ୍ ଦେଖିଲେ ନଈରେ ଗୋଟିଏ ଲୋକ ଭାସି ଆସୁଥିବାର । ସମସ୍ତେ ଲୋକଟିକୁ ଅନାଇ ଥାଆନ୍ତି କିନ୍ତୁ ରକ୍ଷା କରିବାକୁ ସାହସ କରୁନଥାନ୍ତି । କାହିଁକି ନା ସେହି ସମୟରେ ନଦୀର ସ୍ରୋତ ପ୍ରଖର ଥିଲା । ଏହି କାରଣରୁ କୌଣସି ପିଲା ସେହି ଲୋକଟିକୁ ଉଦ୍ଧାର କରିବା ପାଇଁ ଭୟ କରୁଥାନ୍ତି । ହଠାତ୍ ଦେଖାଗଲା କି, ତାଙ୍କ ମଧ୍ୟରୁ କେହି ନଦୀକୁ ଡେଇଁ ପଡିଲା । ସେ ଆଉ କେହି ନ ଥିଲା, ସେହି ପିଲାଟି ଥିଲା ବାଜିଆ । ଲୋକଟିକୁ ସେ ଧିରେ ଧିରେ ନଈ କୂଳକୁ ଆଣିଲା । ଏପରି ସାହସ ଦେଖି ଗାଁର ଲୋକମାନେ ତାକୁ ଅନେକ ଶୁଭେଚ୍ଛା ଦେଇଥିଲେ । ଧିରେ ଧିରେ ତାର ବୟସ ବଢିବାକୁ ଲାଗିଲା । ବାଜିଆକୁ ଯୁଦ୍ଧରେ ଏବଂ ଶିକ୍ଷାରେ ସେହି ଅଂଚଳର କୌଣସି ପିଲା ପାରୁନଥିଲେ । ସେହି ଗ୍ରାମରେ ଫଗୁଣ ମାସରେ ଦୋଳ ପୂର୍ଣ୍ଣିମା ପାଳନ କରାଯାଇଥାଏ । ଏହି ପୂର୍ଣ୍ଣିମା ଅବସରରେ ଗାଁର ଲୋକମାନେ ଏକ ଖଣ୍ଡା ଯୁଦ୍ଧ ପ୍ରତିଯୋଗିତା ଅନୁଷ୍ଠିତ କରିଥାନ୍ତି । ରାଜ୍ୟର ଅନେକ ପାର୍ଶ୍ୱରୁ ପ୍ରତିଯୋଗୀମାନେ ଆସି ଖେଳରେ ଅଂଶଗ୍ରହଣ କରିଥାନ୍ତି । ଅଧିକନ୍ତୁ ଏହି ପ୍ରତିଯୋଗିତାରେ ରାଜ୍ୟର ଅନେକ ବୀର ସୈନିକ ଅଂଶଗ୍ରହଣ କରିଥାନ୍ତି ।

ବାଜିଆ ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଆଶ୍ରମର ଅନେକ ଅଭ୍ୟାସ କରୁଥିଲା । ପରିବାର ମଧ୍ୟ ତା'ର ନିଷ୍ପତ୍ତି ସପକ୍ଷରେ ଥିଲେ । ଫଗୁଣ ମାସ ଆସିଲା, ଦୋଳ ଉତ୍ସବ ଅନୁଷ୍ଠିତ ହେଲା । ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ଆସି ପହଁଚିଲେ । ବାଜିଆ ମଧ୍ୟ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କଲା । କୌଣସି ପ୍ରତିଯୋଗୀ ବାଜିଆର ସମ୍ମୁଖୀନ ହୋଇପାରିଲେ ନାହିଁ । ବାଜିଆର ଅଦମ୍ୟ ସାହସକୁ ସମସ୍ତେ ପ୍ରଶଂସା କଲେ ଏବଂ ଏହି ପ୍ରତିଯୋଗିତାରେ ବାଜିଆ

ବିଜୟ ହୋଇଥିଲା । ଏହି ପ୍ରତିଯୋଗୀତାକୁ ଦେଖିବାକୁ ଅନେକ ଲୋକ ଆସିଥିଲେ । ରଘୁରାଜପୁରର ଜମିଦାର ଏହି ପ୍ରତିଯୋଗିତା ଦେଖିବାକୁ ଆସିଥିଲେ । ଜମିଦାରଙ୍କ ଏକ କନ୍ୟା ଥିଲା, କନ୍ୟାର ନାମ ଶ୍ରାବଣୀ ଥିଲା । ବାଜିଆ ସହିତ ଶ୍ରାବଣୀର ଦେଖା ହୋଇଥିଲା । ଶ୍ରାବଣୀ ବାଜିଆକୁ ଦେଖି ତାକୁ ଭଲ ପାଇବସି ଥିଲା । ବାଜିଆ ମଧ୍ୟ ଶ୍ରାବଣୀ ପ୍ରେମରେ ପଡିଯାଇଥିଲା । ପ୍ରେମରେ ପଡିବା ପରେ ଯୁଦ୍ଧ ଅଭ୍ୟାସ କରିବାକୁ ସବୁ ଦିନ ଆଶ୍ରମକୁ ଗଲା ନାହିଁ । ଆଚାର୍ଯ୍ୟ ଗୌତମ ସବୁ ଜାଣି ମଧ୍ୟ ଚୁପ୍ ହୋଇରହିଲେ ।

ବାଜିଆକୁ ଅନ୍ୟ ଏକ ପରିଶ୍ରମୀ ଯୁବକ ଅଭ୍ୟାସ ବେଳେ ପରାସ୍ତ କରୁଥିଲା ।

ଆପଣ ତ ଜାଣନ୍ତି ମହିଳାମାନଙ୍କୁ ସ୍ୱୟଂ ବ୍ରହ୍ମା ବି ଜାଣିପାରି ନ ଥିଲେ । ବାଜିଆ ଅବା କିପରି ଜାଣିବ ? ଶ୍ରାବଣୀ ବାଜିଆକୁ ଭଲ ପାଇବା ସମୟ ମଧ୍ୟରେ ଅନ୍ୟ ଏକ ଯୁବକକୁ ମଧ୍ୟ ଭଲ ପାଇ ବସିଲା । ସେହି ଯୁବକଟି ରାଜ୍ୟର ସୈନ୍ୟ ବିଭାଗରେ ଜଣେ ସୈନିକ ହିସାବରେ ନିଯୁକ୍ତି ପାଇଥିଲେ । ସେହି ଦୁଇଜଣଙ୍କ ମଧ୍ୟରେ ସ-ର୍କ ଦିନକୁ ଦିନ ବଢିବାକୁ ଲାଗିଲା । ସତ୍ୟକୁ ଯେତେ ଲୁଚାଇ ରଖିଲେ ମଧ୍ୟ ତାହା ଦିନେ ପ୍ରଘଟ ହୋଇଯାଏ ।

ଏହି ପ୍ରେମ ସ-ର୍କ କଥା ଜାଣିପାରି ବାଜିଆ ଯାଇ ଶ୍ରାବଣୀକୁ କହିଲା । ଶ୍ରାବଣୀ ରାଗିବା ସହିତ ଅନେକ ଗାଳି ଗୁଲଜ କଲା । ବାଜିଆ ଏହି ଦୁଃଖରେ ଅଭ୍ୟାସ କରିବାକୁ ଆଉ ଆଶ୍ରମକୁ ଗଲା ନାହିଁ । ସବୁ ବେଳେ ଘରେ ବସି ରହିଲା । କୌଣସି କାମ ମଧ୍ୟ କଲାନାହିଁ । ଏହି କଥା ଯାଇ ଆଚାର୍ଯ୍ୟ ଗୌତମଙ୍କ ପାଖରେ ପଡିଲା । ଆଚାର୍ଯ୍ୟ ଗୌତମ ନିଜେ ଆସି ବାଜିଆକୁ ଆଶ୍ରମକୁ ସାଙ୍ଗରେ ନେଇଗଲେ । ପ୍ରେମର ପରିଭାଷା କଣ ଆଚାର୍ଯ୍ୟ ଗୌତମ ବାଜିଆକୁ ବୁଝାଇଲେ ଓ କହିଲେ, ଯେତେବେଳେ ଲୋକଟିଏ ସଫଳତା ହାସଲ କରେ ସେତେବେଳେ ତା ପଛରେ ଅନେକ ଲୋକ ଥାଆନ୍ତି । କିନ୍ତୁ ଯେତେବେଳେ ସିଏ ବିଫଳ ହୋଇଯାଏ ତା ପାଖରେ ଜଣେ ହେଲେ ମଧ୍ୟ ନ ଥାଆନ୍ତି ।

ଏହି ଘଟଣାକୁ ଏକ ପକ୍ଷ ଭାବି ବାଜିଆ ପୁଣି ଥରେ ଅଭ୍ୟାସ ଜାରି ରଖିଲା । ଧିରେ ଧିରେ ସେ ଏତେ ଶକ୍ତିଶାଳୀ ହୋଇଗଲା ଯେ ତାର ନାମ ଅଂଚଳରେ ଗୁଞ୍ଜରିତ ହେଲା । ସେହି ସମୟରେ ରାଜ୍ୟରେ ଏକ ବଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା । ଏହି ପ୍ରତିଯୋଗିତାଟି ଥିଲା ଖଣ୍ଡା ଏବଂ ମଲ୍ଲଯୋଦ୍ଧା । ଅନେକ ରାଜ୍ୟରୁ ପ୍ରତିଯୋଗୀମାନେ ଆସି ଅଂଶଗ୍ରହଣ କରିଥିଲେ । ବାଜିଆ ମଧ୍ୟ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲା । ଆଚାର୍ଯ୍ୟ ଗୌତମଙ୍କ ସହିତ ସେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଆସିଥିଲା । ଏହି ପ୍ରତିଯୋଗିତାରେ ସୈନିକ ଏବଂ ସେନାପତିମାନେ ହିଁ ଅଂଶଗ୍ରହଣ କରିଥାନ୍ତି । ପ୍ରତିଯୋଗିତା ଅନୁଷ୍ଠିତ ହେଲା । ବାଜିଆ ଏହି ପ୍ରତିଯୋଗିତାରେ ବିଜୟୀ ଘୋଷିତ ହୋଇଥିଲେ ଏବଂ ରାଜ୍ୟର ରାଜା ଲଛମନ ତାଙ୍କୁ ରାଜ୍ୟର ସେନାପତି ପଦରେ ନିଯୁକ୍ତି କଲେ । ରାଜ୍ୟର ପ୍ରଧାନମନ୍ତ୍ରୀ ବାଜିଆକୁ କହିଲେ, "ନୂଆଗାଁ" ଗ୍ରାମରୁ ଅନେକ ବୀରପୁରୁଷ ଜନ୍ମଗ୍ରହଣ କରିଛନ୍ତି । ସେମାନଙ୍କର ଅବଦାନ ପାଇଁ ଏହି ରାଜ୍ୟ ଆଜି ଶକ୍ତିଶାଳୀ ରାଜ୍ୟ ରୂପେ ଗଠିତ ହୋଇଅଛି । ବାଜିଆ ସେନାପତି ପଦରେ ଆସିବା ପରେ ଅନେକ ଯୁଦ୍ଧରେ ଅଂଶ ଗ୍ରହଣ କଲେ । ତାଙ୍କର ଅଦମ୍ୟ ସାହସ ଏବଂ ବୀରତ୍ୱରେ ସେ ଯୁଦ୍ଧରେ ତାଙ୍କ ରାଜ୍ୟକୁ ଜୟ କରିଥିଲେ । ବାଜିଆର ନାମ ରାଜ୍ୟସାରା ଧିରେ ଧିରେ ପ୍ରଚାରିତ ହେଲା । ଶ୍ରାବଣୀ ଏହା ଜାଣିପାରି ନିଜର ଭୁଲ୍ ବୁଝିପାରିଲା ଏବଂ ବାଜିଆକୁ ଯାଇ କ୍ଷମା ମାଗିଥିଲା ।

ଆଚାର୍ଯ୍ୟ ଗୌତମଙ୍କ ଅବଦାନରେ ଅନେକ ପରିଶ୍ରମୀ ଯୁବକ ସେମାନଙ୍କ ପରିଶ୍ରମ ବଳରେ ରାଜ୍ୟର ଅନେକ ସେବାରେ ନିଯୁକ୍ତି ପାଇଲେ । ସେମାନେ ତାଙ୍କ ଗାଁର ନାଁକୁ ପୂର୍ବପରି ପୁଣି ଥରେ ଚର୍ଚ୍ଚାକୁ ଆଣିଥିଲେ । ବାଜିଆର ବୀର ଗାଥା ଆଶ୍ରମରେ ଆଚାର୍ଯ୍ୟ ମାନେ ନୂଆଗାଁ ଗ୍ରାମର ପିଲାମାନଙ୍କୁ ଶିକ୍ଷା ଦେଇଥିଲେ । ଯେଉଁ ଲୋକ ସମୟ ଚକ୍ରକୁ ପ୍ରତିହତ କରି ବିଜୟୀ ହେଉଥିଲେ, ସେହି ଲୋକ ହିଁ ବୀରପୁରୁଷ ହୋଇପାରିଛନ୍ତି । ଯେମିତିକି ଆମ କାହାଣୀର ବାଜିଆ ତାର ନିଷ୍ଠାପର ସାହସ ଏବଂ ବିଚକ୍ଷଣ ବୁଦ୍ଧି ପାଇଁ ରାଜ୍ୟର ସେନାପତି ହୋଇପାରିଥିଲା ।





# ଫୁଲଟିଏ

• **ମନୋଜ ପରିଡା**
ଯୁକ୍ତ ତିନି ଦ୍ୱିତୀୟ ବର୍ଷ
ଓଡ଼ିଆ ବିଭାଗ

ମାର୍ଗଶିରର ଶିଶିରରେ ମଞ୍ଜିରୁ ଗୋଟିଏ ସୁନ୍ଦର ଗଛଟିଏ ଉତ୍‌ଫୁଲ୍ଲିତ ହୋଇଥାଏ ବଗିଚାରେ । ସେହି ସୁନ୍ଦର ଗଛରେ ହୋଇଥିବା ଗୋଟିଏ ଅଳ୍ପ ବୟସୀ କଢଟିକୁ ଦେଖି ଅସ୍ତିତ୍ୱ ନ ଥିବା ମହୁମାଛିଟିର ସେହି କଢ ପ୍ରତି ପ୍ରେମ ହୋଇଗଲା । ସମୟ ବଢିବା ସହ ମନୋଲୋଭ୍ୟ କଢଟି ଫୁଲରେ ପରିଣତ ହେବା ପାଇଁ ଆକାଶରୁ ସୂର୍ଯ୍ୟ ରଶ୍ମିକୁ ନିଜ ଆଡକୁ ଆକର୍ଷଣ କରୁଥାଏ । ଏପଟେ ପ୍ରେମରେ ପଡିଥିବା ମହୁମାଛିଟି ଆଷାଢ ମାସର ବର୍ଷା ରୂପକ ପ୍ରେମ ଜୁଆରେ ବୁଡି ରହି ତାର ଆନ୍ତରିକତାକୁ ପ୍ରକାଶ କରିବା ପାଇଁ ବ୍ୟାକୁଳ ହେଉଛି । ଆଉ ଅପେକ୍ଷା କରିଛି କଢଟି କେଉଁଦିନ ଫୁଲରେ ପରିଣତ ହେବ ଓ ସେ ତାର ରସକୁ ଉପଭୋଗ କରି ନିଜର ଯନ୍ତ୍ରଣାସିକ୍ତ ହୃଦୟର ଭାବନାକୁ ବ୍ୟକ୍ତ କରିବ ।

ବାସ୍ତବରେ ସମୟ ଅତିବାହିତ ହୋଇଯାଇଛି । ବହୁ ଅପେକ୍ଷାର ଅନ୍ତ ଘଟିଛି । ସୁନେଲି କଢଟି ଫୁଲରେ ପରିଣତ ହୋଇ ତାର ସୌନ୍ଦର୍ଯ୍ୟକୁ ସୂର୍ଯ୍ୟ ପରି ଆଲୋକିତ ଓ ଚନ୍ଦ୍ର ପରି ଉଦ୍‌ଭାସିତ କରିଛି । ସେହି ହାସ୍ୟମୟ ଫୁଲର ସଂପୂର୍ଣ୍ଣ ଶରୀରକୁ ଦେଖିଲେ ଲାଗେ ଯେମିତି ଦେହର ସମସ୍ତ ଇନ୍ଦ୍ରିୟଗୁଡିକ ନିଜର ଭାରସାମ୍ୟ ହରାଇ ଦେହରେ ଶିହରଣ ସୃଷ୍ଟି କରିଛନ୍ତି । ଫୁଲର ହାସ୍ୟହାସ୍ୟ ମୁଖ ଯେପରି ସ୍ୱର୍ଗ ସୁଖର ଆନନ୍ଦ ଦେବା ସହ ଫୁଲର ନୟନ ଯେପରି ହରିଣୀର ନୟନ ପରି ପ୍ରେମାକାଂକ୍ଷୀ ହୋଇଛି । ତା'ର ଓଠର ଉକ୍ଣ୍ଠା ଯେପରି ଧନୁରୁ ତୀର ଆସି ରାବଣର ଶିର ଛେଦନ କଲା ଭଳି ହୃଦୟରୁ ଆତ୍ମାକୁ ଅଲଗା କରିଦେଉଛି ।

ଅସହାୟ ଯୁବ ମହୁମାଛିଟି ସେହି ବିଶ୍ୱସୁନ୍ଦରୀ ଫୁଲଟି ଉପରେ ବସି ମହୁ ସଂଗ୍ରହ କରୁଥିଲେ ମଧ୍ୟ ତା ହୃଦୟରେ ଚାପି ହୋଇଥିବା ଅକୁହା କଥାକୁ ଫୁଲଟିକୁ କହିବାରେ ବିଫଳତାର ସାମ୍ନା କରୁଅଛି । ଏହିଭଳି ବହୁଦିନ ଧରି ମହୁମାଛିଟି ଫୁଲରୁ ମହୁ ସଂଗ୍ରହ କରୁଛି କିନ୍ତୁ ଫୁଲଟିର କୋମଳ ହୃଦୟରେ ସ୍ଥାନଟିଏ ସୃଷ୍ଟି କରିପାରୁନାହିଁ । ଫୁଲର ମହୁମାଛି ପ୍ରତି ଥିବା ସହାନୁଭୂତିକୁ ଫୁଲ ଅନୁଭବ କରୁଥିଲେ ମଧ୍ୟ, ସେ ମହୁମାଛିର ଧୈର୍ଯ୍ୟର ପରୀକ୍ଷା ନେଉଛି । ଏହି ଅକୁହା ପ୍ରେମରେ ଫୁଲ ସିନା ଖୁସି ପାଉଥାଏ କିନ୍ତୁ ଏପଟେ ମହୁମାଛି ଯନ୍ତ୍ରଣାରେ ଜୀବନର ସନ୍ତୁଳନ ହରାଇ ବସିଛି ।

ପୂର୍ଣ୍ଣିମା ରାତ୍ରିରେ ଚନ୍ଦ୍ରାଲୋକରେ ମହୁମାଛି ଭୋଳ ହୋଇ ଫୁଲ ଆଗରେ ହୃଦୟରେ ଥିବା ସୂକ୍ଷ୍ମ ଭାବକୁ ପରିପ୍ରକାଶ କରିଛି । ସନ୍ଧ୍ୟା ସମୟରେ ଆକାଶରୁ ପୁଷ୍ପ ବର୍ଷା ହୋଇ ଚତୁଃଦିଗକୁ ଆନନ୍ଦମୟ କରିଦେଇଛି । ଠିକ୍ ଏହି ସୁବର୍ଣ୍ଣ ମୁହୂର୍ତ୍ତରେ ଫୁଲ ଓ ମହୁମାଛିର ମିଳନ ହୋଇଛି । ଦୀର୍ଘଦିନର ଅପେକ୍ଷା ଆଜି ପୂର୍ଣ୍ଣ ହୋଇଛି । ମହୁମାଛି ଅଦୃଶ୍ୟ ରଙ୍ଗରେ ଫୁଲକୁ ରଙ୍ଗେଇ ଦେଇଛି ଓ ତା'ର ସମସ୍ତ ଆଶା ଓ ଆକାଂକ୍ଷାକୁ ପୂର୍ଣ୍ଣ କରିଛି ।

ଗଭୀର ସମୁଦ୍ରରେ ଯେପରି ସ୍ଥଳଜୀବୀ ବାସ କରିବା ଅସମ୍ଭବ ଠିକ୍ ସେହିପରି ମହୁମାଛି ପାଇଁ ଏ ସବୁ ଘଟଣା ରାତ୍ରି ପ୍ରହରର ସ୍ୱପ୍ନ ପରି ଅବାସ୍ତବ ଥିଲା ।



# ସୁକନ୍ୟା

• **ଅଜୟ ନାୟକ**
ଯୁକ୍ତ ତିନି ତୃତୀୟ ବର୍ଷ
ଓଡ଼ିଆ ବିଭାଗ

ସନ୍ଧ୍ୟା ଗଡି ଆସିବା ସହିତ ପକ୍ଷୀମାନେ ନିଜ ନିଜର ନୀଡ଼ ଅଭିମୁଖେ ଯାତ୍ରା କରନ୍ତି। ସୂର୍ଯ୍ୟ ଦେବବି ପାହାଡ କୋଣରେ ଲୁଚି ଯାଆନ୍ତି। ଗୋରୁ ଗାଈମାନେ ଗାଁ ଦାଣ୍ଡରେ ହମ୍ବାରଡି ଛାଡି ବାହୁଡି ଯାଆନ୍ତି ଗୁହାଳକୁ। ଚାଷୀଭାଇମାନେ ତଥା କାର୍ଯ୍ୟରତ ବ୍ୟକ୍ତି ବିଶେଷମାନେ ନିଜ ନିଜର କର୍ମ ସାରି ବାହୁଡି ଆସନ୍ତି ଗୃହକୁ। ଠିକ୍ ସେହିପରି ଅନେକ ଦିନ ପରେ ସୁକନ୍ୟା ଆସିଛି ତାର ଶାଶୁ ଘର ଗାଁରୁ ନିଜ ଗାଁକୁ।

ସୁକନ୍ୟା ଅବନୀ ବାବୁଙ୍କର ଗୋଟିଏ ବୋଲି ଝିଅ। ଅବନୀ ବାବୁ ତାଙ୍କର ବଂଶ ଆଭିଜାତ୍ୟ ଏବଂ ଧନ ଦୌଲତକୁ ନେଇ ସବୁବେଳେ ଗର୍ବ କରନ୍ତି। ତାଙ୍କ ଆଗରେ ସ୍ନେହ ମମତାର କୌଣସି ମୂଲ୍ୟ ନ ଥାଏ। ଲୋକେ ମଲେ କେତେ ଗଲେ କେତେ ତାଙ୍କୁ କୌଣସି ଫରକ୍ ପଡେ ନାହିଁ। ମାତ୍ର ତାଙ୍କର ଧର୍ମପତ୍ନୀ କୁନ୍ତଳା ଦେବୀ ତାଙ୍କଠାରୁ ଢେର ଗୁଣରେ ଅଲଗା। ହୃଦୟରୁ ସ୍ନେହୀ ଏବଂ ମମତାର ମନ୍ଦିର ସଦୃଶ୍ୟା। ତାଙ୍କର ଗୋଟିଏ ବୋଲି ଝିଅ ସୁକନ୍ୟା। ଗୋଟିଏ ବୋଲି ଝିଅ ସୁକନ୍ୟାକୁ ସଭିଏଁ ଆଦର କରନ୍ତି।

ସୁକନ୍ୟାକୁ ଅବନୀ ବାବୁ ବହୁତ୍ କମ୍ ବୟସରେ ବାହାଘର କରି ଦେଇଥିଲେ। ତାଙ୍କର ଧାରଣା ଥିଲା କି ଝିଅମାନଙ୍କ କାମ ହେଉଛି କେବଳ ରୋଷେଇ କରିବା ଆଉ ପିଲା ସମ୍ଭାଳିବା । ହେଲେ ସୁକନ୍ୟାର ଅନେକ ସ୍ୱପ୍ନ ଥିଲା ସେ ପାଠ ପଢିବ, ଚାକିରୀ କରିବ ଆହୁରି କେତେ କଣ ମାତ୍ର ତାର ସେ ସ୍ୱପ୍ନ ସବୁ ଅଧାରେ ରହିଗଲା। ଯେଉଁ ବୟସରେ ପାଠ ପଢି ଭବିଷ୍ୟତ ଗଢିବାର ଥିଲା ସେହି ବୟସରେ ସେ ବାହା ହୋଇ ସଂସାର ଫାସରେ ଛନ୍ଦି ହୋଇଗଲା।



ସୁକନ୍ୟା ବାହା ହୋଇଛି, ମାତ୍ର ତାର ସ୍ୱାମୀ ଜଣେ ଘୋଡା ମଦୁଆ। ଖାଲି ଯାହା ତାର ବାପାଙ୍କର ଅଚଳାଚଳ ସ-ତ୍ତି ଦେଖି ଅବନୀ ବାବୁ ସୁକନ୍ୟାକୁ ତା ସାଥିରେ ବାହା ଦେଇଛନ୍ତି। କୁନ୍ତଳା ଦେବୀ ମା ହୋଇ ମଧ୍ୟ ନିଜ ଝିଅ ପାଇଁ କିଛି କରିପାରିଲେନି। ସ୍ୱାମୀଙ୍କ ବିପକ୍ଷରେ ଯାଇ ସେ କୌଣସି କାର୍ଯ୍ୟ କରିବାକୁ ଅକ୍ଷମ ହୋଇପଡିଲେ। ଶେଷରେ ସୁକନ୍ୟା ତାର ଭାଗ୍ୟକୁ ଆଦରି ଶାଶୂଘରକୁ ଯାଇଛି। ସୁକନ୍ୟା ଜାଣେନା ସ୍ୱାମୀ, ଶାଶୁ, ନଣନ୍ଦ ଓ ସଂସାରର ମାନେ କ'ଣ ? ତଥାପି ବି ସେ ତାର ଭାଗ୍ୟକୁ ଆଦରି ନିଜକୁ ସମର୍ପି ଦେଇଛି ତାର ସାଂସାରିକ ଜୀବନରେ।

ସୁକନ୍ୟାର ସ୍ୱାମୀ ଅନିରୁଦ୍ଧ ସର୍ବଦା ମଦ ମାଂସ ଏବଂ ଭୋଗ ବିଳାସମୟ ଜୀବନ ଯାପନକୁ ଭଲପାଏ। ସୁକନ୍ୟା କେବଳ ନାଁକୁ ତା'ର ସ୍ତ୍ରୀ। କେବେ ହେଲେ ବି ସ୍ୱାମୀ ସ୍ତ୍ରୀ ଦୁହେଁ ଏକାଠି ବସି ପଦେ କଥା ହେବାର କେହି ଦେଖି ନାହାଁନ୍ତି। ବେଳେବେଳେ ଅନିରୁଦ୍ଧ ମଦ୍ୟପାନ କରି ସୁକନ୍ୟା ଉପରକୁ ହାତ ଉଠାଇବାକୁ ମଧ୍ୟ ପଛାଏ ନାହିଁ। ସୁକନ୍ୟା କିଛି ନ

କହି ତାର କର୍ମକୁ ଆଦରି ମାଡ ଗାଳି ଖାଇ ସବୁ ସହିଯାଏ । ତାକୁ ସେଠି ଆଶ୍ୱାସନା ଦେବା ପାଇଁ କେହି ନାହାଁନ୍ତି । ତାର ଶାଶୁ ଘର ଲୋକ ସମସ୍ତେ ଅଛନ୍ତି ମାତ୍ର ସମସ୍ତେ ସେଠି ସ୍ୱାର୍ଥପର । କେହି କେବେ ହେଲେ ବି ସୁକନ୍ୟାକୁ ଆହା ବୋଲି ପଦେ କହନ୍ତି ନାହିଁ । ଏମିତି ଭାବରେ ସୁକନ୍ୟା ଜୀବନର ସମୟ ସବୁ ଦୁଃଖ ଭିତରେ ବିତୁଥାଏ । ବାହାଘରର ଦୁଇ ବର୍ଷପରେ ସୁକନ୍ୟାର କୋଳରେ ଗୋଟିଏ କନ୍ୟା ସନ୍ତାନ ଜନ୍ମ ନେଲା । ସୁକନ୍ୟା ତାର କନ୍ୟା ସନ୍ତାନକୁ ଦେଖି ଦିନ କାଟିଦିଏ । ସୁକନ୍ୟାର କନ୍ୟା ସନ୍ତାନ ଜନ୍ମ ନେବାପରେ ଅନିରୁଦ୍ଧ ଏବେ ଅନେକ ଗୁଣରେ ବଦଳି ଯାଇଛି । ଆଗ ଅପେକ୍ଷା ସେ ଏବେ ସୁକନ୍ୟାକୁ ଓ ତା'ର କନ୍ୟା ସନ୍ତାନକୁ ଅଧିକ ଭଲ ପାଉଛି । ଅନିରୁଦ୍ଧ ବି ଆଉ ଆଗ ଭଳି ନିଶାଦ୍ରବ୍ୟ ସେବନ କରୁନାହିଁ କି ଆଗପରି ମଦ୍ୟପାନ କରୁନାହିଁ । ସୁକନ୍ୟାର ଶାଶୁ ଶ୍ୱଶୁର ସମସ୍ତେ ସୁକନ୍ୟାକୁ ଭଲପାଆନ୍ତି ଏବଂ ନାତୁଣୀ ସାଥିରେ ହସ ଖୁସିରେ ଦିନ କାଟନ୍ତି ।

ସୁକନ୍ୟା ଭାବୁଥିଲା ଏବେ ତାକୁ ଜୀବନର ସବୁ ସୁଖ ମିଳିଗଲା ବୋଲି । ତାର ସ୍ୱାମୀ, ସନ୍ତାନ ଏବଂ ତାର ସଂସାର ଏବେ ସୁଖରେ ବିତିବ ବୋଲି ଭାବୁଥିଲା । ମାତ୍ର ହଠାତ୍ ଦିନେ ଅନିରୁଦ୍ଧର ଦେହ ଖରାପ୍ ହେବାରୁ ତାକୁ ଡାକ୍ତରଖାନାରେ ଭର୍ତ୍ତି କରାଗଲା । ଡାକ୍ତରଙ୍କ ଠାରୁ ଜାଣିବାକୁ ମିଳିଲା ଯେ, ଅନିରୁଦ୍ଧ ଆଗରୁ ଯେଉଁ ସବୁ ମଦ୍ୟପାନ ଏବଂ ନିଶାଦ୍ରବ୍ୟ ସେବନ କରୁଥିଲେ ସେଥିପାଇଁ ଅନିରୁଦ୍ଧର ଦୁଇଟି ଯାକ କିଡ୍‌ନୀ ନଷ୍ଟ ହୋଇଯାଇଛି । ଡାକ୍ତରଙ୍କ ଠାରୁ ଏହା ଶୁଣିବା ପରେ ଅନିରୁଦ୍ଧର ଘର ଲୋକେ ଏବଂ ସୁକନ୍ୟା କ'ଣ କରିବେ ବୋଲି ସେମାନଙ୍କୁ କିଛି ବୁଦ୍ଧିବାଟ ଦିଶୁ ନ ଥାଏ । ଅନିରୁଦ୍ଧ ବାପାଙ୍କର ଅଚଳାଚଳ ସ-ତ୍ତି, ସେ ଡାକ୍ତରଙ୍କୁ କହିଲେ ଯେତେ ଟଙ୍କା ଖର୍ଚ୍ଚ ହେଉ କିନ୍ତୁ ଅନିରୁଦ୍ଧ ବଞ୍ଚିବା ଦରକାର ।

ଡାକ୍ତର ବାବୁ ଅନିରୁଦ୍ଧ ବାପାଙ୍କ ଠାରୁ ସେ ସବୁ ଶୁଣି ସାରିବା ପରେ ଦୁଇଟି କିଡନୀ ଆଣି ଅନିରୁଦ୍ଧ ଠାରେ ଲଗାଇବା ପାଇଁ ଚେଷ୍ଟିତ ହେଲେ ଏବଂ ତାର ବନ୍ଦୋବସ୍ତରେ ଲାଗିପଡ଼ିଲେ । ସେଦିନ ସଭିଏଁ ଡାକ୍ତରଖାନାରେ ଥିଲେ । ଡାକ୍ତରବାବୁ ସେପଟେ କିଡନୀ ବନ୍ଦୋବସ୍ତରେ ବ୍ୟସ୍ତ ଥାନ୍ତି । ସନ୍ଧ୍ୟା ସମୟରେ ହଠାତ୍ ଅଚାନକ ଭାବେ ଅନିରୁଦ୍ଧର ଶରୀର ଅଧିକ ମାତ୍ରାରେ ଖରାପ୍ ହେବାକୁ ଲାଗିଲା । ଅନିରୁଦ୍ଧ ବେଡରେ ଥାଇ ପ୍ରଳାପ କରିବାରେ ଲାଗିଥାଏ । ବାଉଳି ଚାଉଳି ହୋଇ ସୁକନ୍ୟା ଆଉ ତାର ଝିଅକୁ ଖୋଜୁଥାଏ । ସେହି ସମୟରେ ଅନିରୁଦ୍ଧର ଘର ଲୋକେ ତା ପାଖକୁ ଗଲେ । ସୁକନ୍ୟା ମଧ୍ୟ ଯାଇ ଅନିରୁଦ୍ଧର ମୁଣ୍ଡ ପାଖକୁ ଲାଗି ବସିଗଲା । ସୁକନ୍ୟାର ଝିଅ ମଧ୍ୟ ସେଠାରେ ଥାଏ । ସେ ଖନେଇ ଖନେଇ ବାପା ବୋଲି କହି ଡାକୁଥାଏ । ଅନିରୁଦ୍ଧର ମୁଣ୍ଡକୁ ସୁକନ୍ୟା ତାର କୋଳ ଉପରେ ରଖିଥାଏ । ଝିଅର କଅଁଳ ଓଠରୁ ବାପା ଡାକ ଶୁଣି ଅନିରୁଦ୍ଧର ଦୁଇ ଆଖିରୁ ଦୁଇ ଧାର ଲୁହ ବୋହିଗଲା । ବୋଧହୁଏ ବିଧାତାଙ୍କର ଖେଳ କିଛି ଅଲଗା ଲେଖାଥିଲା ।

ଅନିରୁଦ୍ଧ ସୁକନ୍ୟାର କୋଳରେ ଥାଇ ତାର ହାତକୁ ଧରି ସୁକନ୍ୟାକୁ କହୁଥାଏ କି, ଅତୀତରେ କରିଥିବା ସବୁ ଭୁଲ୍ ପାଇଁ ମୋତେ କ୍ଷମା କରିଦେବ ସୁକନ୍ୟା । ସୁକନ୍ୟା କେବଳ ଆଖିରୁ ଲୋତକ ଝରାଉ ଥାଏ । ଆଉ ଅନିରୁଦ୍ଧକୁ ତୁନି ହେବାକୁ କହୁଥାଏ । ଏମିତି କିଛି ସମୟ ପରେ ଅନିରୁଦ୍ଧର ନିଶ୍ୱାସ ଜୋରରେ ଚାଲିବାକୁ ଲାଗିଲା, ସେ ଚିତ୍କାର କରି ତା' ବାପା ମାଆଙ୍କୁ କହୁଥିଲା କି, ଆଜିଠାରୁ ମୋ ସୁକନ୍ୟା ଆଉ ମୋ ଝିଅ ତୁମକୁ ଲାଗିଲେ । ଏତିକି କହିସାରିବା ପରେ ଅନିରୁଦ୍ଧର ପ୍ରାଣବାୟୁ ଟିକକ ଉଡ଼ିଯାଇ ଲୀନ ହୋଇଗଲା ଅନନ୍ତ ମହାଶୂନ୍ୟ ମଧ୍ୟରେ । ଆଖି ସାମ୍ନାରେ ସୁକନ୍ୟାର ଦୁନିଆଁ ସବୁଦିନ ପାଇଁ ଅନ୍ଧାର ହୋଇଗଲା, ତାର ସବୁ ହସ ଖୁସି ଧୂଳିସାତ ହୋଇଗଲା । ଅନିରୁଦ୍ଧର ମା' ବାପା ବି

ପୁଅର ଅକାଳ ମୃତ୍ୟୁରେ ମର୍ମାହତ ହୋଇପଡିଲେ । ସୁକନ୍ୟାର ବାପା ମା ଏକଥା ଜାଣିପାରି ଡାକ୍ତରଖାନାକୁ ଆସିଲେ । ସେ ସୁକନ୍ୟାକୁ ଆଉ ତା'ର ଶାଶୂ ଶ୍ୱଶୁରଙ୍କୁ ସାନ୍ତ୍ୱନା ଦେଉଥାନ୍ତି ।

ଅନିରୁଦ୍ଧ ଯିବାର କିଛି ଦିନ ପରେ ସୁକନ୍ୟା ଜୀବନରେ ପୁଣି ଦୁଃଖର କଳାମେଘ ଘୋଟି ଆସିଲା । ଗାଁ ଗଣ୍ଡା ସବୁଠି ସ୍ତ୍ରୀ ଲୋକମାନେ ସୁକନ୍ୟାକୁ ନାନା ପ୍ରକାରର କଥା ଦେଖେଇ ସିଖେଇ କୁହନ୍ତି । ଅଧା ବରଷରେ ସ୍ୱାମୀକୁ ଖାଇଲା ବୋଲି କହି ତାକୁ ସମସ୍ତେ ଅଲକ୍ଷଣି ବୋଲି କୁହନ୍ତି । ଏବଂ ତାକୁ ସାରା ଜୀବନ ବିଧବା ହୋଇ ରହିବାକୁ ପଡିବ ।  ମୁହଁ ଚାହିଁଲେ ସବୁ କାର୍ଯ୍ୟ କୁଆଡେ ମାରା ହୋଇଯିବ ବୋଲି ଲୋକେ କୁହନ୍ତି । ସୁକନ୍ୟାର ଶାଶୁ ଶ୍ୱଶୂର ବି ତାଙ୍କର ଗୋଟିଏ ବୋଲି ପୁଅକୁ ହରାଇ ଭାଙ୍ଗି ପଡିଛନ୍ତି । ସେମାନେ ଅନିରୁଦ୍ଧର ଝିଅ ମୁହଁକୁ ଚାହିଁ ତାଙ୍କର ଦିନସବୁ କାଟି ଦିଅନ୍ତି । ସୁକନ୍ୟାର ଆଖିରୁ ସବୁଦିନ ଲୋତକ ଝରୁଥାଏ । ତାର ଝିଅ ସବୁବେଳେ ତା ବାପାକୁ ଖୋଜୁଥାଏ ମାତ୍ର ସୁକନ୍ୟା କିଛି ଉତ୍ତର ଦେଇପାରେନା । ତାକୁ କିଛି ମିଛ କଥା କହି ସେ ଭୁଲେଇ ଦିଏ ।

ଅନିରୁଦ୍ଧ ଯିବା ପରେ ତାର ବାପା ମା' ସୁକନ୍ୟାକୁ ଆଉ ତାର ଝିଅକୁ ଦଣ୍ଡେ ନ ଦେଖିଲେ ବାଉଳି ଚାଉଳି ହୋଇପଡନ୍ତି । ଏମିତି ହିଁ ତାଙ୍କର ଦିନ ସବୁ ବିତିଯାଏ । କିଛିଦିନ ପରେ ସୁକନ୍ୟା ଶାଶୁ ଶ୍ୱଶୁରଙ୍କ ଠାରୁ ଅନୁମତି ନେଇ ଦିନେ ଦୁଇଦିନ ପାଇଁ ଘରକୁ ଯିବ ବୋଲି ବାହାରିଲା ।  ସୁକନ୍ୟା ତାର ଝିଅକୁ ସାଥିରେ ଧରି ଗାଁକୁ ଫେରିଛି । ସୁକନ୍ୟାର ହସ ହସ ମୁହଁଟି ଝାଉଁଳି ପଡିଛି । ତାର ଜୀବନ ଏବେ ରଙ୍ଗଶୂନ୍ୟ ହୋଇଯାଇଛି । ମୁହଁଟି ତାର ଶୁଖି ଯାଇଛି । ଦୁଇ ଆଖିରୁ ତାର ଲୁହର ଗଙ୍ଗା ବୋହି ଆସୁଛି । ସୁକନ୍ୟା ତାର ଶ୍ୱଶୁରଙ୍କ ସାଥିରେ ଆସି ତାଙ୍କ ଗାଁରେ ପହଁଚିଛି । ସେ ମନେ ମନେ ଭାବୁଥାଏ ଗାଁର ରୂପକାନ୍ତି ସତେ ଯେପରି ବଦଳିଯାଇଛି । ଗାଁରେ ପହଁଚିବା ମାତ୍ରେ ହିଁ ଗାଁର ଅନେକ ଲୋକ ଆସି ଅବନୀ ବାବୁଙ୍କ ଘର ଦୁଆରେ ରୁଣ୍ଡ ହୋଇଗଲେ । ସୁକନ୍ୟାର ମା' ସୁକନ୍ୟାକୁ ଜାବୁଡି ଧରି ବାହୁନି ବାହୁନି କାନ୍ଦୁଥାନ୍ତି । ସୁକନ୍ୟାର ବାପା ବି ସୁକନ୍ୟାକୁ ଦେଖି ଏବେ ଦୁଃଖରେ ଭାଙ୍ଗି ପଡିଛନ୍ତି । କାରଣ ସେ ଅନିରୁଦ୍ଧକୁ ଜ୍ୱାଇଁ ନୁହେଁ ପୁଅ ବୋଲି ଭାବୁଥିଲେ । ସେ ଏବେ ଭଲ ମଣିଷ ପାଲଟି ଯାଇଥିଲା । ଗାଁ'ର ଲୋକମାନେ ଏବଂ ସୁକନ୍ୟାର ସାଙ୍ଗସାଥୀମାନେ ସମସ୍ତେ ସୁକନ୍ୟାକୁ ଜାବୁଡି ଧରି ଭୋ ଭୋ ହୋଇ କାନ୍ଦିବାକୁ ଲାଗନ୍ତି । ସୁକନ୍ୟାବି କଇଁ କଇଁ ହୋଇ କାନ୍ଦୁଥାଏ । ବାପା, ଭାଇ, ଦାଦା ଏବଂ ଗୁରୁଜନମାନେ ସୁକନ୍ୟାର ଝିଅକୁ କୋଳେଇ ନେଇ ନାନା ପ୍ରକାରର କଥା କହି ତାକୁ ତୁନୀ କରୁଥାନ୍ତି କାହିଁକି ନା ମା'ର କାନ୍ଦ ଦେଖି ସେ ବି କଇଁ କଇଁ ହୋଇ କାନ୍ଦୁଥିଲା ।

ସୁକନ୍ୟା - ତା'ର ନାଁ ସୁକନ୍ୟା ଥିଲା ସେ ସତରେ ସୁକନ୍ୟା । ମାତ୍ର ଦଇବ ତା' ସାଥିରେ ଏମିତି ଖେଳ ଖେଳିଲା ଯେ ତାର ସାରା ଜୀବନ ଖାଲି ଦୁଃଖ ଆଉ ଯନ୍ତ୍ରଣା ସହି ସହି ବିତିଗଲା । ସନ୍ଧ୍ୟା ଗଡିଗଲେ ଯେପରି ପକ୍ଷୀମାନେ ବାହୁଡି ଯାଆନ୍ତି ତାଙ୍କର ନୀଡ଼କୁ । ସୂର୍ଯ୍ୟ ଯେପରି ସନ୍ଧ୍ୟା ହେଲେ ହଜିଯାଆନ୍ତି ପାହାଡର ବୁକୁରେ । ଠିକ୍ ସେହିପରି ସୁକନ୍ୟାର ସବୁ ହସ ଖୁସି କୁଆଡେ ହଜିଯାଇଛି । ସବୁଦିନ ପାଇଁ ତା'ର ଜୀବନ ବେରଙ୍ଗ ପାଲଟି ଯାଇଛି । ମାତ୍ର ସେ ତା'ର ଝିଅ, ଆଉ ଶାଶୁ, ଶ୍ୱଶୁର ଏବଂ ତା'ର ବାପା ମାଆଙ୍କ ମୁହଁକୁ ଚାହିଁ ନିଜର ସବୁ ଦୁଃଖ କଷ୍ଟକୁ ଛାତିତଳେ ଚାପି ରଖି ବଞ୍ଚିଛି । ଛାତିକୁ ପଥର କରିଦେଇଛି, ଆଉ ଦୁନିଆ ଆଗରେ ଭଲରେ ରହିବାର ଅଭିନୟ କରିଚାଲିଛି । ସେ ଜାଣିଛି ସମାଜର ଲୋକମାନେ ତାକୁ ଅଲକ୍ଷଣି, ଅମଙ୍ଗଳି, ବିଧବା କାହିଁ କେତେ ପ୍ରକାରର କଥା କୁହନ୍ତି । ତଥାପି ବି ସବୁ ପରିସ୍ଥିତିକୁ ସାମ୍ନା କରି ବଞ୍ଚିଛି "ସୁକନ୍ୟା" ।

# କବିତା ବିଭାଗ



'ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ' ସେଦିନ ବ୍ୟଥିତ, ବିଷାଦଗ୍ରସ୍ତ ବାଲ୍ମିକୀଙ୍କର ହୃଦୟରୁ ନିଃସୃତ ହୋଇଥିଲା ବୋଧହୁଏ ପୃଥିବୀର ଏହି ପ୍ରଥମ କବିତା ଯେତେବେଳେ ସେ ଦେଖିଲେ ବ୍ୟାଧର ଶରାଘାତରେ ଆହତ କ୍ରୌଞ୍ଚର ରକ୍ତାକ୍ତ ଶରୀର ତଳେ ପଡ଼ି ଛଟପଟ୍ ହେଉଥିଲା । ସେହିଦିନଠୁ କବିତାର ଧାରା ଅବିଶ୍ରାନ୍ତ ଭାବେ ବୋହି ଚାଲିଛି ସେ ଆଜ ଶୁଖୁନାହିଁ । ସେହିଦିନୁ ଭଟ୍ଟା ପଡ଼ିନାହିଁ ମଣିଷର ଆବେଗ, ସଂବେଗ, ସ୍ପନ୍ଦନ ଓ ଉଲ୍ଲାସ । ଡିଙ୍କିରୁ ଢେଙ୍କାନାଳ ଯାଏ, କୁଡିଆରୁ ରାଜ ଉଆସଯାଏ କୃଷ୍ଣଚୂଡାରୁ କୃଷ୍ଣଙ୍କ ଯାଏ, ଚନ୍ଦନରୁ ଚନ୍ଦ୍ର ଯାଏ, ତୃଷାରୁ ନୀଳତୃଷା ଯାଏ ସବୁର ସରହଦ୍ ଛୁଇଁଛି, ତଥାପି ଜୀବନ ଓ ଦହନର ସୀମାହୀନ ବିଭବ, ବୈଚିତ୍ର୍ୟ, ବର୍ଣ୍ଣ ଓ ବିଭିନ୍ନତାର ରୂପାୟନ ସରିନାହିଁ କି କେବେ ସରିବ ନାହିଁ ମଧ୍ୟ । କିଏ ଜୀବନର ପୂର୍ଣ୍ଣତାକୁ ତ କିଏ ଶେଷହୀନ ଅପୂର୍ଣ୍ଣବୋଧର ଯନ୍ତ୍ରଣାରୁ ଲେଖୁଛି କବିତା... ଯେମିତିକି ଏହାର ପୂର୍ଣ୍ଣଚ୍ଛେଦ ନାହିଁ । ଆମ ମହାବିଦ୍ୟାଳୟର କିଛି ନୂଆକରି ଫୁଟିଥିବା ଫୁଲପରି କୋମଳ ହାତର ଲେଖନୀରୁ ଝରିଆସିଥିବା କିଛି କବିତା ଓ ତାର ମହକ ପାଠକଙ୍କୁ ଆମୋଦିତ ଓ ପୁଲକିତ କରିବ ନିଶ୍ଚୟ ... ।



# ମାତା ଓ ପିତା

• **ବିଶ୍ୱଜିତ୍ ରାଉତ**
ଯୁକ୍ତ ତିନି ତୃତୀୟ ବର୍ଷ
ବାଣିଜ୍ୟ ବିଭାଗ

ମା'ର ହସ ସରଗ ଶଶି,
ପିତାଙ୍କ ହସେ ଯାଏ ମୁଁ ଭାସି ।
ତାଙ୍କ ଚରଣରେ ଆମ ସରଗ,
ଦୂର୍ କରିଦେବା ତାଙ୍କରି ଦୁଃଖ ।
ଶିକ୍ଷା ଦିଅନ୍ତି ସେ ଆମକୁ ସଦା,
ନ୍ୟାୟ୍ ପାଇଁ ଆମେ ଜୀବନ ଦେବା ।
ସଂସ୍କାର ଦେଇ ଗଢ଼ନ୍ତି ପିତା,
ସେନେହ ବନ୍ଧନେ ବାନ୍ଧି ରଖଇ ମାତା ।
ପିତା ମୋ ନିଃଶ୍ୱାସ, ମା' ମୋ ସ୍ପନ୍ଦନ,
ତାଙ୍କ ପାଶେ ଅଛି ମୋ ଜୀବନ ।
ଦେଖିବାକୁ ତାଙ୍କ ଓଠରେ ହସ,
ବସିଛନ୍ତି ଚାହିଁ ଜଗତ ଈଶ ।
ତାଙ୍କ ମୁଖେ ଟିକେ ଦେଖିଲେ ହସ,
ଚିର ବସନ୍ତ ଯେ ହୁଏ ବରଷ ।
ମା' ପଣତରେ ସରଗ ସୁଖ,
ପିତାଙ୍କ ପାଶେ ବଢେ ଆତ୍ମବିଶ୍ୱାସ ।
ମୋ ପାଇଁ ସିଏ ମୋ ଜୀବନ
ମୁଁ ପରା ତାଙ୍କ କୁଳ ନନ୍ଦନ ।







# ଆଧୁନିକ ଦୁନିଆ

• **ବିଶ୍ୱଜିତ୍ ସାହୁ**
ଯୁକ୍ତ ତିନି ପ୍ରଥମ ବର୍ଷ କଳା

ପାଣି ଜମୁଥିବା ଗାଡିଆ ପୋଖରୀ
କୋଠା ହେଲାଣି,
ଗଛ କଟା ଯାଇ କାରଖାନା ସବୁ
ଖୋଲା ଗଲାଣି ।
ଶିଳ, ଚକି ସବୁ କେଉଁଠି ପଡିଛି
ଖୋଜୁନି ମାଆ,
ଗ୍ରାଇଣ୍ଡର ଦେହେ କଟା, ବଟା, ଚୁରା
ହେଉଛି ଛାଆଁ ।
ଘରେ ଚୁଲି ନାହିଁ, ଗ୍ୟାସ୍ କି ହିଟର
ଗଲେଣି ପଶି,
ଦୂର ଦେଶେ ବେଗେ ଉଡାଜାହାଜରେ
ଯାଉଛୁ ବସି ।
ଭାତ, ତରକାରୀ ନିତି ଆଉ ରନ୍ଧା
ହେଉନି ଘରେ,
ଫ୍ରିଜ୍‌ରେ ରଖି ଖାଉଛୁ ଦି' ଦିନ
ରନ୍ଧଣା ଥରେ ।
ଗରା, ବାଲଟିରେ କୂଅରୁ ପାଣି କେ
କାଢିବ କେତେ,
ପାଇପ୍‌ରେ ପାଣି ଭସ୍ ଭସ୍ ଆସେ
ଯାହାକୁ ଯେତେ ।



ପରିବାର, ବନ୍ଧୁ ଯିଏ ଯେତେ ଦୂରେ
ଥିଲେ ବି ରହି,
ଘରେ ବାଟେଘାଟେ ଟେଲିଫୋନ ଦିଏ
ବାରତା କହି ।
କମ୍ପ୍ୟୁଟର ଏବେ ସବୁ କାମ କରେ
ମଣିଷ ଠାଣି,
ଇଣ୍ଟରନେଟ୍‌ରୁ କେତେ କଥା ପରା
ହେଉଛି ଜାଣି ।
ସାରା ଦୁନିଆକୁ ଦେଖୁଅଛୁ ଘରେ
ଟିଭିକୁ ଚାହିଁ,
ଏ ଦୁନିଆ ଆଉ ବଡ ହୋଇ ନାହିଁ
ଆମରି ପାଇଁ ।



# ଛାତ୍ରାବାସରେ କିଛିଦିନ

• **ଅରବିନ୍ଦ ବେହେରା**
ଯୁକ୍ତ ତିନି ତୃତୀୟ ବର୍ଷ କଳା

ଜୀବନରେ କେବେ ଭାବି ମୁଁ ନ ଥିଲି
ହଷ୍ଟେଲରେ ଯାଇ ରହିବି,
ଜୀବନରେ କେବେ ଜାଣି ମୁଁ ନ ଥିଲି
ହଷ୍ଟେଲରେ ଯାଇ ପଡିବି ।୧।

ପୃଥିବୀରେ ଯେତେ ଜୀବନ ତ ଅଛି
ଏଭଳି ଜୀବନ ପାଇନି,
ଜୀବନରେ କେବେ ଭାବି ମୁଁ ନ ଥିଲି
ହଷ୍ଟେଲରେ ଯାଇ ରହିବି ।୨।

ସୁନ୍ଦର ଜଙ୍ଗଲ ସୁନ୍ଦର ପାହାଡ
ଘେରରେ ଏହି କଲେଜ,
ସତେ ଯେପରି ଲାଗେ ପୁରାତନ କାଳର
ବନ ବିଦ୍ୟାଳୟ ପରିତ ।୩।

ସବୁଜ ପାହାଡ଼ ନଦୀ ଯେ ନିର୍ମଳ
ଏହି ଆମ ଢେଙ୍କାନାଳ,
କୈଳାସ ପ୍ରଭୁଙ୍କ ବାସକୁ ସ୍ମରଣି
ହୋଇଛି ସେ ନାମାଙ୍କିତ
କପିଳାସ ତା'ର ନାମ ତ ।୪।

ଏଠି ଆସି ଆମେ ଗଢିଛୁ ଯେ କେତେ
ସଙ୍ଗିନି ଆଉ କେତେ ସାଙ୍ଗ,
ଏଠାକୁ ତ ଆସି ଫୁଟିଛି ତ ମନେ
କେତେ ନାନା ଜାତି ରଙ୍ଗ ।୫।

ଜୀବନ ଆମର ପାଣି ଫୋଟକାଟି
କେତେବେଳେ ଯାଏ ମିଳାଇ,
ଏଠାକୁ ତ ଯେବେ ଆସିଥାଏ ଯିଏ
ଦୁଃଖ ଯାଏ ସବୁ ପଳେଇ ।୬।

ଏହି ଧରା ପୃଷ୍ଠେ ଜନମ ହୋଇଲି
ଭଗବାନଙ୍କର ଆଶିଷେ,
ଜୀବନରେ କେବେ ଜାଣି ମୁଁ ନ ଥିଲି
ପଡିବି ମୁଁ କପିଳାସେ ।୭।

ଆମେ ତ ଅତିଥି ରହିଅଛୁ ଏଠି
ଦିନେ ନୁହେଁ ତିନି ବରଷେ,
ଏଠାରେ ପଡି ମୁଁ ଅନେକ ପାଇଛି
ଶିକ୍ଷା ଆଉ ସବୁ କିଛି ଯେ ।୮।

ଜୀବନରେ କେବେ ଭାବି ମୁଁ ନ ଥିଲି
ହଷ୍ଟେଲରେ ଯାଇ ରହିବି,
ଜୀବନରେ କେବେ ଜାଣି ମୁଁ ନ ଥିଲି
ହଷ୍ଟେଲରେ ଯାଇ ପଡିବି ।୯।



# ସଲାମ୍ ତ୍ରିରଙ୍ଗା

• ***ମଧୁସ୍ମିତା ସାହୁ***
ଯୁକ୍ତ ତିନି ପ୍ରଥମ ବର୍ଷ ବିଜ୍ଞାନ

ପରାଧୀନତାର ବେଡି ଛିଣ୍ଡାଇ
ଦେଶ ସ୍ୱାଧୀନ ଯେବେ ହେଲା,
ସ୍ୱାଗତିକା ଗାନ କରି ତ୍ରିରଙ୍ଗାକୁ
ଏ ଜାତି ସଲାମ୍ କଲା ।୧।

ସିପାହୀ ବିଦ୍ରୋହର ବହ୍ନି
ଅଠରଶ ସତାବନର ଜଳିଥିଲା,
ତା ଆଗରୁ ସୁରେନ୍ଦ୍ର ସାଏ ଅସୀ
ଇଂରେଜ ବିରୁଦ୍ଧେ ଉଠିଥିଲା ।୨।

ବକ୍ସି ଜଗବନ୍ଧୁ ଜୟୀ ରାଜଗୁରୁ
ପୁଣି ମାଧେ ସିଂ ସୁରେନ୍ଦ୍ର ସାଏ,
ଲକ୍ଷ୍ମଣ ନାଏକ ବାଜି ରାଉତର
ଅମର କାହାଣୀ ଏ ଜାତି ଗାନ କଲା ।୩।

ଏହି ସଂଗ୍ରାମରେ ନେଇଥିଲେ ଭାଗ
କେତେ ସାହିତ୍ୟ ସାଧକ,
ମଧୁବାବୁ, ଗୋପବନ୍ଧୁ, ଗଙ୍ଗାଧର
ଫକୀରମୋହନ, ବୀରକିଶୋରଙ୍କ ପରି ନାୟକ ।୪।

ଭାରତର ଶେଷ ସମ୍ରାଟ୍
ବାହାଦୁର୍ ସାହାଜାଫର ହେଲେ ନିର୍ବାସିତ,
ରାଣୀ ଝାନ୍ସି, ତାନ୍ତିଆ ଟୋପେଙ୍କ
ବୀରତ୍ୱ ଥିଲା ଅପରିମିତ ।୫।

ଜାଲି ଆନାୱାଲାବାଗ୍ ଗଣହତ୍ୟାର
ପ୍ରତିଶୋଧର ପରିଣାମ,
ଫାଶି ଖୁଣ୍ଟେ ଝୁଲି ଇତିହାସରେ
ଭଗତ ସିଂ ରଖିଗଲା ନାମ ।୬।



ମହାତ୍ମାଗାନ୍ଧୀଙ୍କ ଅହିଂସାର ମନ୍ତ୍ର
ନେତାଜୀଙ୍କର ଦିଲ୍ଲୀ ଚଲୋ ଡାକରା,
ଜନଗଣଙ୍କୁ ଅଭିମନ୍ତ୍ରୀତ କଲା
ଛିନ୍ନ କରିବାକୁ ପରାଧୀନତାର ଶୃଙ୍ଖଳା ।୭।

ଦେଖିଥିଲେ ସ୍ୱପ୍ନ ରାଜନୈତିକ
ଅର୍ଥନୈତିକ, ସାମାଜିକ ସ୍ୱାଧୀନତାର,
ଶୋଷଣର କିନ୍ତୁ ହେଲା ନାହିଁ ଅନ୍ତ
ଅବସାନ ହେଲା ଫିରିଙ୍ଗି ଅତ୍ୟାଚାର ।୮।

ଦିବାଲୋକେ ଗଣତନ୍ତ୍ରର ହତ୍ୟା ହୁଏ
ଏହି ସେ ଭାରତ ମାଟି,
ଦୁଇ ଓଳି ଖାଦ୍ୟ ନ ପାଏ ଜନତା
ଘର, ବସ୍ତ୍ର, ଶିକ୍ଷା ସ୍ୱପ୍ନ ଏଠି ।୯।

ବାହୁବଳ, ଅର୍ଥବଳ ଚାଲେ
କ୍ଷମତାର ରାଜନୀତି,
ମିତ୍ର ହୁଏ ଶତ୍ରୁ, ଶତ୍ରୁ ପୁଣି ମିତ୍ର
ଚାଲେ ପରକିୟା ପ୍ରୀତି ।୧୦।

ଯେଉଁମାନେ ଦେଶ ପାଇଁ
କଲେ ସର୍ବସ୍ୱ ତ୍ୟାଗ,
ଆତ୍ମା ସେମାନଙ୍କ ଶାନ୍ତିରେ ରହୁ
ତେଜୁ ଜନଗଣ ଭାଗ୍ୟ ।୧୧।

ଅଗଷ୍ଟ ପନ୍ଦର ପ୍ରଭାତେ ସମୀର
ଗାଏ ମୁକ୍ତିର ସଙ୍ଗୀତ,
ମୋ ଦେଶର ହୃତ ଗୌରବ ଫେରୁ
ଶୋଷଣ ହେଉ ପରାହତ ।୧୨।



# କଲେଜ ପିଲାର ପିଆର

• ଦୁଲାରାମ ନାଗ
ସ୍ନାତକୋତ୍ତର ପ୍ରଥମ ବର୍ଷ,
ବାଣିଜ୍ୟ ବିଭାଗ

ମୋର୍ ଆଁଖି ଅଛେ ସାକ୍ଷୀ
ଆଜି କହୁଛେଁ ଇ କବିତାରେ ଲେଖି ।
କଲେଜ ପିଲାର୍ ଛନ୍ ଛନିଆ ମନ୍
ଦୀନ୍ ବେଲେ ବି ଦେଖୁଥିସି ସପନ୍ ।
କଲେଜ୍ ପଡା ଟୁକେଲ ପିଲା
କରୁଛନ୍ ସତେ କେତେ ଲୀଳା ।
ଟୁକେଲ, ପିଲା ଯାଉଛନ୍ କଲେଜ ପାଉଡର କ୍ରିମ୍ ମାଖି
ଆରୁ କେତେ ହେଉଛନ୍ ଭସତ୍ ଯଦି ଟୁକେଲ୍ ଦେଲେ ଦେଖି ।
ଟୁକେଲ ମାନଙ୍କର୍ ବି ମନ ଭିତରେ ଥିସି ଇଚ୍ଛା
କରବା ବଲି ମତେ କେନ୍ ପିଲା ପିଚ୍ଛା ।
ଆରୁ ସେ କଲେଜ ପାଖରୁ ଗୁପ୍‌ଚୁପ୍ ଠେଲା
ସେଠାନେ ହେସନ୍ ଗଦା ଯେତେ ଅଛନ୍ ଟୁକେଲ୍, ପିଲା ।
ପିଲା କହୁଥିସି ଆସ ତମକୁ ଗୁପ୍‌ଚୁପ୍ ଖୁଆମି ଖୁଆମି
ସମିଆ ଆସ୍‌ଲେ ଦୁଲ୍‌ହନ୍ ବନାମି ବନାମି ।
ଜେତେ ଅଛନ୍ କଲେଜ୍ ପିଲା କହି କରି ଜାନେ ମନ୍
ଟୁକେଲ୍‌ମାନଙ୍କର୍ ଚୁରେ ନେସନ୍ ମନ୍ ।
ଟୁକେଲ୍ ବି କେତେ କାଣା ଭାବୁଥିସି ତାର୍ ମନେ
ସତେ କେତେ ଭଲ ପିଲା ଗୁଟେ ଆସିଛେ ମୋର୍ ଜୀବନେ ।

ପହେଲା ପହେଲା ପିଆରର ନିଶାଥି
ଭାବୁଥିସନ୍ ଆମେ ହିଁ କରୁଛୁଁ ସଚ୍ଚା ପିରତୀ ।
ଆଜିର୍ କଲେଜ୍ ପିଲା, ଟୁକେଲ୍, ଧରି କରି ମୋବାଇଲ୍
କହୁଚନ୍ ଦେକ୍ ମୋର୍ ଷ୍ଟାଇଲ୍ ।
ଦୁହେଁ ମିସି ମନେ ମନେ ହଉଥିସନ୍ କେତେ ଉସତ୍
ଆରୁ ରାଏତ ସରତା ଅନ୍‌ଲାଇନ୍ ରହି ଟିକେ ନାଇ ଫୁରସତ୍ ।
କାଣା କହେବ କଲେଜ ପିଆର୍ ପିଆର୍
ପିଆରରେ ପଡି କରି କିଚି ନାଇନ କେୟାର୍
ପିଲା, ଟୁକେସ୍ ହେଇକରୀ ଉସତ୍ ଗାଉଥିସନ୍ ସେ ଗୀତ୍
"ଯୋ ତୁମ୍‌ହେ ପସନ୍ଦ
ହମ୍ ଓ୍ୱହୀ ବାତ୍ କହେଙ୍ଗେ,
ତୁମ୍ ଅଗର୍ ରାତ୍‌କୋ ଦିନ୍ କହୋ
ତୋ ଦିନ୍ କହେଙ୍ଗେ ।
ବୟସର୍ ଶୁନେଲି ଦିନ
ପାଠ ପଡାରେ ଦିଅ ଧ୍ୟାନ ।
ପାଠ୍ ପଡିବାର୍ ଇଟାତୋ ବୟସ
ରାଗ୍ ରୁଷା ଛାଡି ପାଠ୍ ପଡି ବସ... ।।



# ସାବରମତିର ସାଧୁ



• **ମୋନାଲିସା ବେହେରା**
ଯୁକ୍ତ ତିନି ପ୍ରଥମ ବର୍ଷ ବିଜ୍ଞାନ



ଭାରତ ମାତାର ସନ୍ତାନ ପାଇଁ କି ଜନମିଲ ପୁଣ୍ୟ ଦେଶେ,
ବିଦେଶୀ ଶାସନ ବିଲୋପ କରିଲ ତଡ଼ିତ ପ୍ରାୟେକ ତୁମ୍ଭେ।
ପିତା ଯେ ତୁମ୍ଭର ସତ୍ୟର ପ୍ରତୀକ ମାତା ତୁମ୍ଭ ଧର୍ମ ପ୍ରାଣା,
ତୁମ୍ଭ ହୃଦଠାରୁ ସେହି ଗୁଣ କେବେ ହୋଇଯିବ ନାହିଁ ଊଣା।
ପୁରାଣୁ ଜାଣିଲ ହୃଦୟେ ସ୍ଥାପିଲ ବିଶ୍ୱାମିତ୍ର ସତ୍ୟନିଷ୍ଠା,
ନାଟକ ଦେଖିଲ ଶ୍ରବଣ କୁମାର ପିତୃଭକ୍ତି ପରାକାଷ୍ଠା।
ନିଜ ଜୀବନରେ ସଂସ୍କାର ଆଣିଲ ପ୍ରଥମରେ କରି ବ୍ରତ,
କୁସଙ୍ଗ ଛାଡ଼ିଣ ଶପଥ କରିଣ ପିତାଙ୍କ ପାଶରେ ନତ।
ପିଲାବେଳେ ତୁମ୍ଭ ଜୀବନ ପାଇଁକି ଥିଲା ଭୟ ଭୂତ ପ୍ରେତ,
ରମ୍ଭାର ନାମରେ ବୃଦ୍ଧାର କଥାରେ କଲ ରାମ ନାମ ଜପ।
ଉଚ୍ଚଶିକ୍ଷା ପାଇଁ ବିଲାତକୁ ଗଲ ବାରିଷ୍ଟରୀ ପାଠ ପାଇଁ
ବରଷ ତିନିଯେ ପଢିଣ ସେଠାରେ ଭାରତ ଆସିଲ ଧାଇଁ।
ଓକିଲାତି କାମ ପ୍ରଥମେ କରିଲ ମନ ତୁମ୍ଭ ମାନେନାହିଁ,
ଦକ୍ଷିଣ ଆଫ୍ରିକା ପାଇଁକି ଆସିଲା ବନ୍ଧୁ ନିମନ୍ତ୍ରଣ ପାଇଁ।
ବିଂଶ ଶତାବ୍ଦୀର ଦେଡ ଦଶନ୍ଧିରେ ପୁନଶ୍ଚେ ଭାରତ ଫେରି,
ଜଳ ଜାହାଜରେ ଆଗମନ କଲ ଭାରତ ମାତାର ପାଇଁ।
ମାନବରେ ତୁମ୍ଭେ ମାନବର ବାର୍ତ୍ତା ଛାଡିଦେଲ ଦୂର ଦେଶେ,
ଗୋରା କଳା ଭେଦ ଭାବ କରି ଦୂର ଫେରି ଆସିଥିଲ ତୁମ୍ଭେ।
ଈଶ୍ୱର ପ୍ରେମରେ ତୁମ୍ଭର ଭରସା ତୁମ୍ଭେ ଈଶ୍ୱରଙ୍କ ଦୂତ,
କିଏ ବା ପାରିବ କାରାଦଣ୍ଡେ ନେଇ ଯିଏ ରାମଙ୍କର ଭକ୍ତ।
ନିଷ୍ଠୁର ରାକ୍ଷସ ଡାୟାର କଥାରେ ଜାଲିଆନା ... ହତ୍ୟାକାଣ୍ଡ,
ଭାରତ ମାଟିରେ ଶିଶୁଠାରୁ ବୃଦ୍ଧ ଗଡିଲା କେତେ ଯେ ମୁଣ୍ଡ।
ସେହି ମୁଣ୍ଡ ବ୍ୟଥା ମୁଣ୍ଡରେ ତୁମ୍ଭର ପଶିଲା କ୍ଷଣିକେ ଆସି,
ଡାକରା ଦେଲ ଯେ ବିଦେଶୀ ପାଇଁ ଆସ ହେ ଭାରତବାସୀ।
ତିନି ଆନ୍ଦୋଳନ ନାୟକ ତୁମ୍ଭେ ଆନ୍ଦୋଳନ ଅସହଯୋଗ,
ଆଇନ ଅମାନ୍ୟ ଡାକରା ଦେଇଣ ଭାରତ ଛାଡ଼କୁ ପାଗ।
ତୁମ୍ଭରି ଇଙ୍ଗିତେ ବିଦେଶୀ ହଟିଲେ ଏହିଥିଲା ଗାନ୍ଧୀଯୁଗ,
କଣ୍ଟକିତ ରାସ୍ତା ପରିଷ୍କାର ହେଲା ପରାଧୀନ ସୂର୍ଯ୍ୟ ଅସ୍ତ।
ଯୁଗ ଯୁଗ ପାଇଁ ଅହିଂସା ମନ୍ତ୍ରକୁ ଧରାରେ ଦେଲ ଯେ ଥୋଇ,
ସବୁରି ଆତ୍ମାରେ ପିଢି ପରେ ପିଢି ଅମର ହୋଇଲ ରହି।



# ରସାୟନ ବିଜ୍ଞାନ

• **ସନ୍ତୋଷ ବେହେରା**
ସ୍ନାତକୋତ୍ତର ପ୍ରଥମ ବର୍ଷ
ରସାୟନ ବିଜ୍ଞାନ ବିଭାଗ

ଜୟ୍ ଜୟ୍ ଜଗନ୍ନାଥ ଜଗତ ଠାକୁର
ତୁମ୍ଭ ଶ୍ରୀଚରଣେ ପ୍ରଭୁ ମୋର ନମସ୍କାର ।
ବାରେ ଦୟା କରିଥିବ ଜଗତ ମୋହନ
ଗୀତ ଭାବେ ଲେଖେ ରସାୟନ ଯେ ବିଜ୍ଞାନ ॥
ରସାୟନ ବିଜ୍ଞାନରେ ଯେଉଁ ରସ ଅଛି
ସେଇ ରସ ପାଇଁ ବିଶ୍ୱପାଗଳ ହେଉଛି ।
ଏଇ ବିଭାଗରେ କେତେ ପିଲା ପାଠ ପଢି
ଡାକତର ବୈଜ୍ଞାନିକ ହେଉଛନ୍ତି ଗଢି ॥
ନୀତି ଜୀବନରେ ଆମ କେତେ ଦରକାର
ଉଠିବା ଠାରୁ ଶୋଇବା ଘରରୁ ବାହାର ।
ଔଷଧ ଠାରୁ ଯେ ପୋଷାକ ପରିଯ୍ୟନ୍ତେ
ରସାୟନ ବିନା କିସ ସମ୍ଭବ ହୁଅନ୍ତେ ॥
କେତେ କେତେ ମୁନି ଋଷି ବେଦାଦି ଶାସ୍ତ୍ରରେ
ପାରଙ୍ଗମ ଥିଲେ ରସାୟନ ବିଜ୍ଞାନରେ ।
ନାଗାର୍ଜୁନ, ସୁଶ୍ରୁତ, କଣାଦ ଆଦି କରି
ଆଉ କେତେ ଗାରିମା କହିବି ଯେ ଏହାରି ॥





# ଅନ୍ତରାଳେ ନୂତନ ବର୍ଷ

• **ରଚନା ବେହେରା**
ସ୍ନାତକୋତ୍ତର ପ୍ରଥମ ବର୍ଷ
ଉଦ୍ଭିଦ ବିଜ୍ଞାନ ବିଭାଗ

ଚିରନ୍ତନ ନିତ୍ୟ ନୈମିତ୍ୟ ନିୟତିର କଷାଘାତ
ନିଷ୍ଠୁର ନିୟମେ
ଆବାହନେ ପ୍ରଜ୍ୱଳିତ ହୋମ ବହ୍ନି ଶିଖା
ନିର୍ବାପିତ ହେବ ନିଷ୍ଟେ ପୂର୍ଣ୍ଣାହୁତି ପରେ
ଏଇ ତ ବାସ୍ତବ !
ବିଗତ, ଆଗତ, ପଶ୍ଚାତାପ ହର୍ଷୋତ୍‌ଫୁଲ୍ଲ
ଦୁର୍ବାର ବର୍ବର ଆଶା ଆକାଂକ୍ଷାର
ପ୍ରହେଳିକା, ଦୃପ୍ତ କୁହେଳିରେ ମୃତ୍ୟୁ ପ୍ରଲେପନେ
ଉଦ୍‌ଭାସିତ ଉଲ୍ଲସିତ ମନେ
କାହା ପାଇଁ କାହିଁପାଇଁ ନିଭୃତ ଅୟନେ
ବିଷଣ୍ଣ ବିମର୍ଷ ହୃଦେ ଅଶ୍ରୁ ବିମୋଚନ
କି କାରଣେ ରୋମନ୍ଥନ ହୃଦୟ ପୁଳିନେ
ଅବଶ୍ୟ ଅବଶ୍ୟମ୍ଭାବି ଥିଲା ଯାହା
ସମ୍ଭବିଛି ଦିନେ ।
କାରେ ତୁମେ କରୁଅଛୁ ଉଚ୍ଛ୍ୱସିତ ସ୍ମିତ ହାସ୍ୟେ
ସହର୍ଷ ଲପନେ
ଅବଗାହି ଅତୀତର ମଧୁର ସ୍ମୃତିରେ
ନୂଆନାମେ ପରିଗ୍ରାହୀ ମୃତ୍ୟୁର କାଞ୍ଚନେ
ସମୟର ଅବାରିତ ଚିର ପ୍ରବାହନେ
ଭାଗ କରି ଭାଙ୍ଗି ନାମ ଦେଇ ଭିନ୍ନେ ଭିନ୍ନେ
ଆତ୍ମ ସନ୍ତୁଷ୍ଟେ ବୈଶିଷ୍ଟ ଲଭିବା କାରଣେ
ସନ୍ତୁଷ୍ଟିତ ହେବା ବୃଥା ବିଭକ୍ତି କରଣେ
ବର୍ଷ ମାସ ଦିନ ଦଣ୍ଡ ବିଭକ୍ତି କରଣା
ଆପଣାର ହିତେ ସୃଷ୍ଟି ସମସ୍ତ କଳ୍ପନା ।
ଅନାକଳ ଅସୀମରେ କ୍ଷୁଦ୍ରାଦପି କ୍ଷୁଦ୍ର ଅତି
ସସୀମର ସୀମା ।



# ତୁମ ପାଇଁ

• **ପ୍ରୀତିସ୍ମିତା ଦାଶ**
ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ
ଇତିହାସ ବିଭାଗ

ଫୁଲର ସୁଗନ୍ଧ ନେଇ
ଆସିଛି ସମୀର ତହିଁ
ଫଗୁଣର ସ୍ପର୍ଶ ପାଇବା ପାଇଁ ।
ମେଘର ଘନତା ସହ
ନାଚି ଉଠେ ମୟୂର ତ
ତା ପ୍ରିୟତମକୁ ଖୋଜିବା ପାଇଁ ।
ଶୀତର ସ୍ପର୍ଶରେ କାକର ବିନ୍ଦୁରେ ଭରି
ଚାହିଁ ରହେ ଧରଣୀ ସୂର୍ଯ୍ୟ ରଶ୍ମିଙ୍କ ପାଇଁ ।
ଠିକ୍ ସେହିପରି ଅପେକ୍ଷାରେ
ମୁଁ ତୁମ ବାଟକୁ ଚାହିଁ





କେବେ ତୁମେ ଆସିବ
ହେ ପରମେଶ୍ୱର ମୋ ମନ
ମନ୍ଦିରେ ରହିବା ପାଇଁ ।
ଝରଣାର କୁଳୁକୁଳୁ ନାଦରୁ ଉତ୍ପତ୍ତି
ନଦୀ ଚାହେଁ ଯେପରି
ସାଗର ବୁକେ ମିଶିବା ପାଇଁ ।
ମୁଁ ଚାହେଁ ଅର୍ପିତ କରିବି
ପ୍ରେମ ରୂପୀ କମଳକୁ
ତୁମ ଶ୍ରୀଚରଣେ ମୁକତି ପାଇବା ପାଇଁ ।



# ମଣିଷ ରୂପୀ ପିଶାଚ୍

• **ତୃପ୍ତିରେଖା ରାଉତ**
ସ୍ନାତକୋତ୍ତର ପ୍ରଥମ ବର୍ଷ
ଅର୍ଥନୀତି ବିଭାଗ

ମଣିଷ ରୂପୀ ପିଶାଚ ଆଜି
ବୁଲୁଛି ମୁକ୍ତ ଆକାଶେ,
କରୁଛି ନାରୀର ବଳାତ୍କାର
ଭାବୁଛି କରୁଛି ସେ ଚମତ୍କାର ।
ଆଧୁନିକ ଯୁଗେ ଯେ କେତେ ଉନ୍ନତି
କାହିଁକି ଏବେ ଘଟୁଛି,
ନାରୀର ଅବନତି,
କିଏ ବୁଝିବ ସେ ନାରୀର ଯନ୍ତ୍ରଣା
କିଏ ହେବ ତା ସାହା
ନର୍କ ଯନ୍ତ୍ରଣା ଭୋଗେ ସେ ନାରୀ
ସର୍ବସ୍ୱ ହୁଅଇ ସ୍ୱାହା !
ଆଶା କେବେ, କେତେ ପୁଣି ମନୀଷା
ହୁଅଇ ନର ପିଶାଚର ଶିକାର,
ଲଜ୍ୟା ଲାଗେ ଆମ ମଣିଷ ପଣିଆ
ଶିକ୍ଷା ଲାଗେ ଧିକ୍କାର !!
ନାରୀ ନୁହେଁ ଆଜି ଅବଳା, ଦୁର୍ବଳା
ନାରୀ ନୁହେଁ ଆଜି ଅସହାୟା,
ତଥାପି କାହିଁକି ନର ପିଶାଚ
ଆଜି ବି ମୁକ୍ତି ଆକାଶେ
ମେଲାଏ ଏଠି କାୟା ।

ଧିକ୍ ଆମ ଶିକ୍ଷା, ଧିକ୍ ଆମ ନୀତି
ପ୍ରତିଟି କଥାରେ ଚାଲେ,
ଏଠି ଖାଲି ରାଜନୀତି !!
ସରକାର ଚୁପ୍, ପ୍ରଶାସନ ଚୁପ୍
ଚୁପ୍ ଏଠି ଦେଶବାସୀ,
ଅପରାଧୀ ଏଠି ଅପରାଧ କରି
ବୁଲେ ଫୁଲାଇ ଛାତି ।
ନାରୀର ସମ୍ମାନେ ଦେଶର ସମ୍ମାନ
ବୁଝନ୍ତିନି କେହି ଏଠି,
ନାରୀ ବଞ୍ଚିଲେ ଦେଶ ବଞ୍ଚିବ
ବୁଝାଇବା କଣ ରହିଗଲା ବାକି?
ନାରୀର ଯନ୍ତ୍ରଣା ନ ବୁଝେ କେହି
ନାରୀକୁ କରେ ହୀନ,
ସଂସାରେ ଆଜି ଜନମିଛୁ ତୁହି
ଭୁଲିଗଲୁ କି ସେ
ନାରୀର ବଳିଦାନ !!
ନଅମାସ, ନଅ ଦିନ ତୋତେ
ରଖି ଗର୍ଭେ ଦେଲା ସେ ଜନମ,
ନାରୀକୁ ନିନ୍ଦିତୁ କ'ଣ
କରୁନୁ କି, ନାରୀର ଅସମ୍ମାନ !!

# କିଛି ଛାଡ଼ିଗଲ କି ପଛରେ



• ରଜନୀ କାନ୍ତ ଗଡ଼ନାୟକ
ଯୁକ୍ତ ଦୁଇ ନାମଲେଖା ବିଭାଗ

## ସ୍ତ୍ରୀ

ଆୟା ପାଖେ ଛାଡ଼ି କଅଁଳା ଶିଶୁକୁ
ଅଫିସକୁ ଯେବେ ବାହାରେ,
ପଚାରଇ 'ଆୟା' ସବୁ ନେଇଛ ତ
ଛାଡ଼ି ନାହିଁ କିଛି ପଛରେ ?
ଯାହା ପାଇଁ ଖଟି ରୋଜଗାର କରେ
ତାକୁ ତ ଛାଡ଼ିଲି ପଛରେ
ଚାବି, ପର୍ସ ଆଉ ମୋବାଇଲ୍-ଫୋନ୍
ଏ ସବୁକୁ କିଏ ପଚାରେ ।

## ଝିଅ

ଝିଅ ବାହାଘର ସାରି କନ୍ୟାପିତା
ମଣ୍ଡପ ଛାଡ଼ିବା ବେଳରେ,
ଭଉଣୀ ପଚାରେ ଦେଖିନିଅ ଭାଇ
ଛାଡ଼ିଲ କି କିଛି ପଛରେ?
ବାପା ଭାବୁଥାଏ ଝିଅ ଚାଲିଗଲା
ବନ୍ଧନ ରହିଲା ପଛରେ,
ବାକି ଯଦି କିଛି ଜିନିଷ ରହିଲା
ମୂଲ୍ୟହୀନ "ଝିଅ" ଆଗରେ ।



## ଚାକିରୀ

ଅବସର ଦିନ ସମ୍ବର୍ଦ୍ଧନା ପରେ
ପିଅନଟା ଆସି ପଚାରେ,
ଟେବୁଲ୍ ଡ୍ରୟର ଦେଖନ୍ତୁ ସାର୍
ରହିଲା କି କିଛି ପଛରେ ?
ସାର୍ ଭାବୁଥାନ୍ତି ଛତିଶ-ବରଷ
ସ୍ମୃତି ରହିଗଲା ପଛରେ,
ଡାଇରୀ କଲମ ଚଷମାର ଖୋଳ
ଏ ସବୁକୁ କିଏ ପଚାରେ ??

## ପୁଅ

ପୁଅ ପାଠ ପଢି ଚାକିରୀ କରିଲା
ରହିଗଲା ଆମେରିକାରେ,
ବିଦେଶିନୀ ଝିଅ ବାହା ହୋଇଗଲା
ପଡ଼ି ପରିସ୍ଥିତି ଚାପରେ।
ନାତି ଦେଖିବାକୁ ଆମେରିକା ଗଲେ
ପତି-ପତ୍ନୀ ଦୁହେଁ ପ୍ଲେନରେ,
ପୁଅ ପଚାରୁଛି ଫେରିବା ବେଳକୁ
କିଛି ଛାଡ଼ିଲ କି ପଛରେ ??
ସାରା ଜୀବନର ଅର୍ଜିଥିବା ଧନ
"ପୁଅ" ରହିଗଲା ପଛରେ,
ସାର୍ଟ, ପେଣ୍ଟ ଆଉ ଧୋତି ଓ ଗାମୁଛା
ଏ ସବୁକୁ କିଏ ପଚାରେ ??

## ବାପା

ବାପାଙ୍କର ଶବ ଦାହ କରିସାରି
ଘରକୁ ଫେରିବା ବେଳରେ,
ଲେଉଟି ଆସଇ ଯୁଇର ପାଖରୁ
ପୁଅ ଲହୁ ନେଇ ଆଖିରେ।



ପଚାରଇ ସାଙ୍ଗ ଛାଡ଼ିଲୁ କି କିଛି
କିଛି ରହିଗଲା ପଛରେ ??
ସବୁ ଚାଲିଗଲା ବାପାଙ୍କ ସାଥିରେ
"କଥା" ରହିଗଲା "ସ୍ମୃତି"ରେ।

## ଜୀବନ

ଡାକରା ଆସିଲେ ଯିବାକୁ ପଡିବ
କିଛି ନେବା ନାହିଁ ସାଙ୍ଗରେ,
ମମତାର ଡୋର ଛିଡ଼ିଯିବ ଦିନେ
ସବୁ ରହିଯିବ ପଛରେ।
ଏବେ ବି ସମୟ ରହିଛି ହାତରେ
ବାନ୍ଧ ସ୍ନେହ-ପ୍ରେମ ରଜ୍ଜୁରେ,
କିଏ ଜାଣେ କେବେ ଯିବାକୁ ପଡିବ
ସବୁ ଛାଡି ଦେଇ ପଛରେ।



# ହେ ମହାପ୍ରଭୁ

• **ଅନୁପମ ବେହେରା**
ଯୁକ୍ତ ତିନି ଦ୍ୱିତୀୟ ବର୍ଷ ବିଜ୍ଞାନ
ପଦାର୍ଥ ବିଜ୍ଞାନ ବିଭାଗ

ଜଗତର ନାଥ ଆହେ ଜଗନ୍ନାଥ
ତୁମ୍ଭ ଚରଣେ ମୋର କୋଟି ଦଣ୍ଡବତ ।
ହଟିଆ ଠାକୁର ବୋଲି ଜାଣେ ଏ ଜଗତ
ଚାଲିଆସ ପାଖୁ ଥରେ ଟେକିଦେଲେ ହାତ ॥

ଭାବକୁ ନିକଟ ତୁମେ ଅଭାବକୁ ଦୂର,
ତୁମଠାରେ ନାହିଁ କେହି ପର ଆପଣାର ।
ନୀଳ କନ୍ଦରେ ବସିଛ ଆହେ ନୀଳାଦ୍ରିବିହାରୀ
ଦୁଃଖୀ ଦୁଃଖ ଜାଣି ସବୁ ଦୁଃଖ କର ପାରି ॥



ଭକ୍ତ ବତ୍ସଳ ତୁମ୍ଭେ ରଖ ଭକତର ମାନ
ତୁମ୍ଭ ବିନା ନାହିଁ କିଛି ଆନ ପ୍ରତିହାନ ।
ଆହେ ଦୀନ ବାନ୍ଧବ
ତୁମକୁ ଝୁରି ଯାଉ ମୋର ଜୀବନ ॥

ତୁମ ଭାବ ଡୋରି ଟାଣି ନିଏ ଶ୍ରୀକ୍ଷେତ୍ରକୁ
ଦେଖିବାକୁ ଥରେ ତୁମ୍ଭ ସେ ଚକା ଆଖିକୁ ।
ମୁହୂର୍ତ୍ତକ ମଧ୍ୟେ ସବୁ ପାପ ହୁଏ ନାଶ
ଅନୁଭବ କଲେ ଥରେ ତୁମ୍ଭର ଆଶିଷ ।

ଏତିକି କରୁଣା କର ହେ ଦୀନବନ୍ଧୁ
ସଦା ମୋର ମନ ତୁମ୍ଭ ଚରଣକୁ ବନ୍ଦୁ ।
ଯେତେ ଦେଖୁଥିଲେ ଲାଗ ତୁମେ ମୋତେ ନୂଆ
ତୁମେ ପରା ମୋର ସେହି ଭାବବିନୋଦିଆ ॥



# ହୃଦୟର ସ୍ପନ୍ଦନ

• **ମଧୁସ୍ମିତା ଦାସ**
ଯୁକ୍ତ ତିନି ତୃତୀୟ ବର୍ଷ
ବାଣିଜ୍ୟ ବିଭାଗ

ଏତେ ଦିନ ଆମେ ସାଥିରେ ରହିଲେ ବୁଝାବଣା କରି କେତେ (୨)
ଚାଲ ଆଜିଠାରୁ ଅଲଗା ରହିବା
କାହିଁକି ନା
ତୁ ବୁଝିପାରୁନୁ ମୋତେ, ମୁଁ ବୁଝିପାରୁନି ତୋତେ।
ସାଥିରେ ଚାଲିବାକୁ କଥା ଦେଇ ତୁ ଭୁଲିଗଲୁ ମୋତେ
କେଜାଣି କାହିଁକି ଅବୁଝା ମନକୁ ଫେରାଇ ପାରୁନି ତୋତେ (୨)
ଚାଲ ଆଜି ଠାରୁ ଅଲଗା ରହିବା
କାହିଁକି ନା
ତୁ ବୁଝିପାରୁନୁ ମୋତେ ମୁଁ ବୁଝିପାରୁନି ତତେ
ଜୀବନର ଏଇ ଶେଷ ମୁହୂର୍ତ୍ତରେ
କାଟିବି ତୋ ସାଥେ ବୋଲି
ଭାବିଥିଲି କାହିଁ କେବେଠୁ ସେ କଥା
ତୋ ସାଥିରେ ଚାଲିବି ବୋଲି
ଆଜି ବୁଝିଗଲି ତୋ ମନର ଭାଷା (୨)
ତୋ ମନରେ ମୁଁ ନାହିଁ ବୋଲି
ଚାଲ ଆଜିଠାରୁ ଅଲଗା ରହିବା
କାହିଁକି ନା
ତୁ ବୁଝିପାରୁନୁ ମତେ, ମୁଁ ବୁଝିପାରୁନି ତତେ ବୋଲି
ହୃଦୟର ସ୍ପନ୍ଦନ ଧଡ଼କି ଥିଲା
ପ୍ରଥମେ ଦେଖିଥିଲି ଯେବେ ତତେ (୨)
ନିଃଶ୍ୱାସ ବିନା ଶରୀର ରହିକି ପାରିବ
କହିଦେ ଥରେ ମୋତେ
ଶାନ୍ତ ମନରେ ଅଶାନ୍ତର ଝଡ଼ ଏମିତି ଉଠିବ ସତେ
ତୋ ପାଖରୁ ଏ ମନକୁ ଫେରାଇ ଆଣିବ
କେମିତି କହ ତୁ ମତେ।





# ଆସ ଯିବା ଆମେ ବୀରଗତିକୁ

• ***ଅନୀତା ସାହୁ***
ସ୍ନାତକୋତ୍ତର ପ୍ରଥମ ବର୍ଷ
ରସାୟନ ବିଜ୍ଞାନ ବିଭାଗ

ପରିବର୍ତ୍ତନ ହିଁ ସତ୍ୟ ଏ ଜଗତେ
ନାହିଁ ତାହାର ତୋଡ଼
ଭବିଷ୍ୟତର ଏ ଅସ୍ପଷ୍ଟ ଶୀର୍ଷରେ
ବୀର ତମେ ଆଗକୁ ବଢ଼ ।୧।

ପ୍ରସ୍ତୁତ କର ନିଜକୁ ତମେ
କ୍ଷଣ ପ୍ରତି କ୍ଷଣ,
ଜୀବନ ପରା ଅଛି ତୁମର
ଖାଲି ଆଉ କିଛି କ୍ଷଣ ।୨।

ବଚନ ଦେଇଛ ଯାହାକୁ ତମେ
କରି ଦିଅ ତାକୁ ପୂର୍ଣ୍ଣ,
ସାଇତି ରଖିବ ଏ ମାଟି ତାହାକୁ
ହବାକୁ ହବନି କ୍ଷୁର୍ଣ୍ଣ ।୩।

କର୍ମ ପଥ ତୁମ ଅନାଇ ରହିଚି
ତା ଆଡେ ଦିଅ ଧ୍ୟାନ,
କଣ୍ଠରୁ ଖାଲି ଝରୁଥାଉ ତୁମ
ଭାରତ ମାତାର ଗାନ ।୪।

ସମୁଦ୍ର ଜୁଆର ପରି ପଛେ ଯେତେ
ମାଡି ଆସୁଥାଉ ବାଧା,
ଚଢୁଥାଅ ତୁମେ, ବଢୁଥାଉ ପାଦ
ତୁମର ଆଗକୁ ସଦା ।୫।

ରହିଯାଅ ଟିକେ ଶୁଣି ଯାଅ ଥରେ
ମୋହର ଏହି ବାଣୀ,
ଭରିନିଅ ତୁମ ଚିତ୍ତରେ ତୁମେ
ଭାରତ ମାତାର ଠାଣି ।୬।

ଫେରିବୁ ଯେତେ ତୁ ସାଥିରେ ଧରି
ବିଜୟର ପତାକା,
ଯଶୋଦା ପରାୟେ ଚାହିଁ ରହିଥିବ
ଏ ପରା ଭାରତ ମାତା ।୭।



# ଘର କରିବି ମୁଁ ଶରଧାବାଲିରେ

• **ପ୍ରଶାନ୍ତ କୁମାର ଜେନା**
ଯୁକ୍ତ ତିନି ଦ୍ୱିତୀୟ ବର୍ଷ କଳା
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ମୋ ମନ ମନ୍ଦିରେ ତୁମ ପାଇଁ ଜାଗା
ରଖିଛି କାଳିଆ ସାଆନ୍ତ,
ତୁମ ବଡ଼ଦାଣ୍ଡେ ଏ ଜୀବନ ଯାଉ
ଆତ୍ମା ହେଉ ଧୂଳିସାତ।
ତୁମ ଡୋରୀ ପ୍ରଭୁ ଲାଗିଲେ
ଯିବି ମୁଁ ଏଥର ପୁରୀ,
ସମୁଦ୍ର ପଠାରେ ରଖିବି ତୁମକୁ
ଛୋଟ ବାଲିଘର କରି।
ଆହା ମୋ ଭାବର ଚତୁର୍ଦ୍ଧାମୂରତି
ଦୁଃଖିର ବୁଝ ଅଭାବ,
ସେଥିପାଇଁ ମୋର ତୁମେ ଅଟ ବନ୍ଧୁ
ରଖେ ତୁମ ସାଙ୍ଗେ ଭାବ।
ତୁମ ଅବଡାରୁ ଖାଇଦେଲେ ମୁଠେ
ବିଷ ହୋଇଯାଏ ଅମୃତ,
ମୁଁ କହୁନାହିଁ ଜଗତ କହୁଛି
ଏ କଥା ନିରାଟ ସତ।
ମାୟାମୋହ ଏଇ ସଂସାର ଭିତରେ
ସବୁ ମୋ ପାଇଁ ଯେ ତୁଛ,

ଚକାଡୋଳା ତୁମେ ଏକା ଅଟ ସତ
ଆଉ ସବୁ ଲାଗେ ମିଛ।
ସରଗ ଦୁଆରେ ଜଳିବାକୁ ଚାହେଁ
ଜଳୁ ମୋ ଜୀବନ ଦୀପ,
ଜଳି ଜଳି ଯାଉ ଜୀବନଦୀପ ମୋ
ଜଳିଯାଉ ସବୁ ପାପ।
ନୂଆ ଜୀବନର ଆଲୋକ ଦେଖାଅ
ପ୍ରଭୁ ତୁମେ ମହାବାହୁ,
ତୁମ ଇସାରାରେ ସଂସାର ତ ଚାଲେ
ଦୁଃଖିର ପୋଛ ଯେ ଲହୁ।
ତୁମେ ନ ଚାହିଁଲେ ଫୁଲ ତ ଝଡ଼େନା
ଝଡ଼େନା ଗଛର ପତର,
ତୁମେ ସାଙ୍ଗେ ମୋର ଦେଖା ହୋଇଗଲେ
ପାପ ବି ହୁଏରେ ଅତର ।
ଜାଣିଛି ଏତିକି ମୋ ଜୀବନଦୀପ
ଜଳିବ ସରଗ ଦୁଆରେ,
ଭାବିଛି ପ୍ରଭୁ ମୁଁ ବାଲିର ଯେ ଘର
କରିବି ଶରଧାବାଲିରେ।







# ମାଆ ପାଇଁ ଦୁଇ ପଦ

• **ସ୍ମିତା ସାହୁ**
ଯୁକ୍ତ ତିନି ତୃତୀୟ ବର୍ଷ କଳା
ଇତିହାସ ବିଭାଗ

ଆଜି ଏତେ ଦୂରେ,
ତୋ କଥା ଭାବିଲେ
ଆଖି କୋଣେ ଲୁହ ଜମେ
ସବୁବେଳେ ତୋର ପଣତ କାନିର
ଆଢୁଆଳ ମନେ ପଡେ ।
ତୋ ପଣତ କାନି, ଶ୍ରମଝାଳ ଠାରୁ
ଆଖିଲୁହ ଯାଏ, ସବୁ କିଛି ପୋଛିନିଏ ।
ତୋର ମିଠା ମିଠା, ପଦିଏ କଥାରେ
ସବୁ ଦୁଃଖ ଭୁଲିଯାଏ ।
ଏକା ରହି ଏଠି, ଦରଶିଝା ଭଜା
ଅଧାଜଳା ରୁଟି ଖାଏ,
ଭାବୁଛି ତୋ କଥା, ତୋର ପାଖେ ଥିଲେ
କେତେ ଅଝଟ ମୁଁ ହୁଏ ।
ଜାଣିଛି ମାଆଲୋ, ତୁ ମୋର ବିନା
ହସିବା ଯାଇଛୁ ଭୁଲି,
ସଂସାର ଜଂଜାଳ ଜାଲେ ଛନ୍ଦି ହୋଇ
କିନ୍ତୁ ମୁଁ ପାରୁନି ଉଡି ।
ନ ହେଲେ ଦଉଡି ଆସନ୍ତି, ତୋ ପାଖେ
ଦେବାକୁ ତୋ ମୁଖେ ହସ
ପାଇବାକୁ ତୋର ଦିବ୍ୟ ଦର୍ଶନ
ପାଇବାକୁ ଶୁଭ ଆଶିଷ ।





# ଚିରହରଣ

• ସଞ୍ଜୟ ପାଣିଗ୍ରାହୀ
ସେମିନାର ଆସିଷ୍ଟାଣ୍ଟ,
ବାଣିଜ୍ୟ ବିଭାଗ



ଯୁଧିଷ୍ଠିର ପରାସ୍ତ ହୁଅନ୍ତି ପଶା ଖେଳେ
କୁରୁ ସଭାରେ ଶକୁନିର କୂଟନୀତି ବଳେ ।
ବାଜିରେ ଜିତିଛି ନାରୀର ଇଜ୍ଜତ
ମୂଢ ଦୁର୍ଯ୍ୟୋଧନ ଭାବେ କି କିଞ୍ଚିତ ?
ଦୁଃଶାସନର ଧର୍ତ୍ତବ୍ୟ ସାହସ
କଲା ଦ୍ରୌପଦୀ ରାଜଜେମାଙ୍କୁ ବିବସ୍ତ୍ର ।
ସଭାରେ ଉପସ୍ଥିତ ସବୁ ଶୂର ବୀରଗଣ
ଶକ୍ତିହୀନ ଯେମିତି ପ୍ରତିଜଣ ।
କାପୁରୁଷ ଆଜି ପୁରୁଷ ପଣିଆ
ଯୋଦ୍ଧା ଗଣ ପୁଣି ହୁଅନ୍ତି ଛାନିଆ ।
ଭରା କୁରୁ ସଭାରେ ଅସହାୟା ଦ୍ରୌପଦୀ
ଭାଳଇ କେମିତି ଟାଳିବ ବିପତ୍ତି ?
ଅପମାନିତ ଭୟରେ ଭୟଭୀତା
ତୁହି ସାହା ଏକା ଜଗତ ପାଳନ କର୍ତ୍ତା ।
ସୁମରିଲା ମନେ ମନେ ହରି
କୋଟି ବସ୍ତ୍ର ଦେଲେ ଦୟା କରି ।
ବର୍ତ୍ତିଲା ଦ୍ରୌପଦୀ ଭଜି କୃଷ୍ଣ ହରି
କେତେ ବଡ ବିପଦରୁ ଦେଲେ ପାରି କରି ।

ନାରୀ ଅଟଇ ନାରାୟଣୀ
ସ୍ନେହ ପ୍ରେମର ପୂଜାରିଣୀ ।
ଅତ୍ୟାଚାରିତ ହୁଏ ନାରୀ ଆଜି
ଚାଲୁଥାଏ ଚାଖଣ୍ଡେ ହାତେ ହେଜି ।
ପରାକ୍ରମୀ ସିଂହ ଥାଏ ଯେବେ ସୁପ୍ତ ବେଶେ
ରାଜ ସମ୍ମାନ ତାକୁ କିଏ ବା ପରଶେ ?
ଜାଗ୍ରତ ହୁଅରେ ବୀର ଭୀମଗଣ
ଯୁଧିଷ୍ଠିର ହୁଅନ୍ତୁ ନ୍ୟାୟ ପରାଣ ।
ଅକ୍ଷୁର୍ଣ୍ଣ ରହୁ ନାରୀର ଇଜ୍ଜତ
କାଳେ କାଳେ ଦୁର୍ଯ୍ୟୋଧନ ହେଉ ପରାଜିତ ।



# ଭାବେ ବେଳେ ବେଳେ

● **ଅଜୟ ନାୟକ**
ଯୁକ୍ତ ତିନି ତୃତୀୟ ବର୍ଷ କଳା
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ମୁଁ ଅନ୍ଧାରୀ ଘରର ଅନ୍ଧାର କାଳିମା ଭିତରେ
ଛୋଟ ଦୀପ ଶିଖାଟିଏ ପରି ଦୁକୁଦୁକୁ ହୋଇ ଜଳିଯାଏ
ଜାଣେନା କେବେ ଲିଭିଯିବି ।
ମୁଁ ବିଶାଳକାୟ ସବୁଜ ବୃକ୍ଷର ସବୁଜ ପତ୍ରଙ୍କ ମଧ୍ୟରେ
ଶୁଖିଲା ପତ୍ରଟିଏ ପରି ଲଟକି ରହିଛି ଯେପରି
ଜାଣେନା କେବେ ଝଡ଼ିଯିବି ।
ମୁଁ ପାଦଚାରୀ ବାଟର ଅଙ୍କାବଙ୍କା ମୋଡ଼ଟିଏ ପରି
ବିସ୍ତାରୀ ଚାଲିରୁ, ମୋ ଠିକଣାର ଆଶା ନେଇ
ଜାଣେନା କେବେ ସରିଯିବି ।
ମୁଁ ଅଥଳ ସାଗରର କ୍ଷୁଦ୍ର କ୍ଷୁଦ୍ର ଜଳରାଶି ମାନଙ୍କ ମଧ୍ୟରେ
ଛୋଟ ନୌକାଟିଏ ପରି ଆଗକୁ ଆଗକୁ ଚାଲିଛି
ଜାଣେନା କେବେ ବୁଡ଼ିଯିବି ।
ମୁଁ ଅବୁଝା କବିତାଟେ, ଜୀବନର ସାଧା କାଗଜର
ପ୍ରତି ପୃଷ୍ଠାରେ ଲେଖି ଚାଲିଛି ଜୀବନର ନୂତନ ଅଧ୍ୟାୟ
ଜାଣେନା କେବେ ଶେଷ ପୃଷ୍ଠା ହୋଇ ସରିଯିବି ।





# ଜଣାଣ

• ***ଦୀପ୍ତିମୟୀ ସାହୁ***
ଯୁକ୍ତ ତିନି ପ୍ରଥମ ବର୍ଷ
ବାଣିଜ୍ୟ ବିଭାଗ

ବନ୍ଦିତ ରହି ପକ୍ଷୀଟେ ମୁଁ ଦେଲି ଯେବେ ଛାଡ଼ି
ସେବେ ଜାଣିଲି ସ୍ୱାଧୀନର ଅର୍ଥ କ'ଣ ।
ଖୋଲି କରି ଯେବେ ଲୁହରେ ଭିଜିଲି
ସେବେ ଜାଣିଲି ରାଗ କ'ଣ ।
ନ ପାଇ ହାତ ଯେବେ ସାହାରା ଖୋଜିଲି
ସେବେ ଜାଣିଲି ପରିବାରର ଗୁରୁତ୍ୱ କ'ଣ ।
ଅସମୟରେ ପାଖରେ ଯାହାକୁ ପାଇଲି
ସେବେ ଜାଣିଲି ପ୍ରକୃତ ବନ୍ଧୁ ଅର୍ଥ କ'ଣ ।
ସହି କରି ଯେବେ ନିଜକୁ ହରେଇଲି
ସେବେ ଜାଣିଲି ନିଜେ କ'ଣ ।
ଲୁହରେ ଓଦା ଯେବେ କାଗଜଟିକୁ ପଡିଲି
ସେବେ ଜାଣିଲି ବିଚ୍ଛେଦର ଯନ୍ତ୍ରଣା କ'ଣ ?
ଜୀବନରେ ଯେବେ ଲୋଭ, ମିଛ, ଧୋକାକୁ ସାଥିଭାବେ ବାଛିନେଲି
ସେବେ ଜାଣିଲି ମାୟାର ଜାଲ କ'ଣ ।
ନ ପାଇ କାରଣ ଯେବେ ହସି ଶିଖିଲି
ସେବେ ଜାଣିଲି ଜୀବନର ମାନେ କ'ଣ ।
ହାତରେ ଉଟେଇ ଯେବେ ବହିଟିକୁ ପାଇଲି
ସେବେ ଜାଣିଲି ନିଜକୁ ବଡେଇବାର ଦିଗ କ'ଣ ।



# ଓଡ଼ିଶାର ଗାନ

• ***ଅନୀତା ସାହୁ***
ସ୍ନାତକୋତ୍ତର ପ୍ରଥମ ବର୍ଷ
ରସାୟନ ବିଜ୍ଞାନ ବିଭାଗ



ସ୍ୱର୍ଣ୍ଣର କାଳିରେ ଲିଖିତ ଯାହାର
ବର୍ଣ୍ଣନା ପ୍ରତି ହୃଦୟେ,
ଏଇ ପରା ସେହି ଉତ୍କଳ ମାଟି
ଏବେ ଯେ ଓଡ଼ିଶା ବୋଲାଏ ।୧।
ମାଟିର ବାସ୍ନାରେ ଜଳର ଧାରାରେ
ସଂସ୍କୃତି ଯାହାର ଗୁନ୍ଥା,
ସେ ପରା ଏଇ ଉତ୍କଳ ଭୂମି
ସେନେହ ଯାହାର ପନ୍ଥା ।୨।
ମାଟିରୁ ଜନମି ଏଇ ମାଟି ପାଇଁ
ଦେଲେ ଯିଏ ଜୀବନ,
ସେଇ ଯୋଗଜନମାନଙ୍କୁ
ମୋର କୋଟି କୋଟି ନମନ ।୩।
ବାସ କରେ ମହାବାହୁ ଯାହାର
ମାଟିର କୋଣେ କୋଣେ,
ଜଗନ୍ନାଥ ସଂସ୍କୃତି ରୂପେ
ବିଶ୍ୱ ଦରବାର ଯାହାକୁ ଜାଣେ ।୪।
ଏଇ ପରା ମୋର ଜନମ ଭୂମି
ଯାହା ରକ୍ତେ ମାଂସେ ମୁଁ ଗଢା,
ଯାହାର ଗରଭ କଳା ଓ ସଂସ୍କୃତିରେ
ପୂରଣ ଏକ ଘଡା ।୫।
କୋଣାର୍କର ସୂର୍ଯ୍ୟ ମନ୍ଦିର
ଧାରଣ କରେ ଯା' କଳା,
ଏଇ ପରା ମୋର
ଜନମ ଭୂମି ମୋର ଏନ୍ତୁଡିଶାଳ ।୬।
ଦାଣ୍ଡେ ମହାବାହୁ ରଥ ଗଡେ ଯେବେ
ରଜ ଯାତରା ପରବେ,
ଭକ୍ତ ଜନମାନେ ଦଉଡି ଆସନ୍ତି
ବିହ୍ୱଳ ହୋଇ ଭାବେ ।୭।
ଲୋଡା ନାହିଁ ଯା'ର ବୀରର ଲହୁ
ଲୋଡା ନାହିଁ ଯା'ର ଧନ,
ଗରବେ କହେ ମୁଁ
ମୁଁ ପରା ଏହି ଉତ୍କଳର ସନ୍ତାନ ।୮।



# ଭୁଲିନାହୁଁ ଆମେ ଆଜି ହେ ତୁମକୁ

• **ବିକାଶ ପ୍ରଧାନ**
ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ମଥାନତ ହୋଇ
କର ତୁମେ ହେ ଗ୍ରହଣ,
ଡାଳିଦେବୁ ଯେତେ ସୁଖ ଶରଧା
ଧୋଇଯିବ ତବ ଚରଣ।
ବକୁଳ ବନର ମହାମାନବ ତୁମେ
ସଭିଙ୍କର ପ୍ରିୟ ଆଦର,
ସକଳ ଦୁଃଖକୁ ନିଜ ଦୁଃଖ ଭାବି
ସହିଗଲ ଭାବି ନିଜର।
ଜୀବନ ଯୁଦ୍ଧରେ ଯୁଦ୍ଧ କରି କରି
ଭୁଲିଗଲ ଧର୍ମ ତୁମର,
ଚାଲିଗଲ ତୁମେ ଜାତିପ୍ରୀତି ପଥେ
ନିଃସ୍ୱାର୍ଥକୁ କଲ ହରଣ।
ମହାମାନବ ତୁମେ ଏ ମହୀତଳେ
ନାହିଁ ଯେ ତୁମ୍ଭ କେ ସରି,
ରହିଗଲ ତୁମେ ସଭିଙ୍କ ହୃଦୟେ
ଛୋଟ ଏକ ଘର କରି।
ନିଜ ସ୍ୱାର୍ଥ ପାଇଁ ଜାତ ନୁହେଁ ହିନ୍ଦୁ
ଦେଇଛ ସଭିଙ୍କୁ ଶିକ୍ଷା,
ଅନ୍ଧାରୀ ଘରର ଆଲୋକ ସଦୃଶ
ହୋଇଗଲ ତୁମେ ଏକା।

ଉତ୍କଳର ମଣି ଆଜି ହେ ତୁମେ
ଧନ୍ୟ ଯେ ତୁମ୍ଭ ଜୀବନ,
ସତ୍ୟବାଦୀ ବନ ବିଦ୍ୟାଳୟ କରି
ହୋଇଲ ଚିର ଅମର ।
ଗୋପପୁରେ ଯେହ୍ନେ କୃଷ୍ଣ ଉଦ୍ଧାରିଲେ
ରଖିଲେ କେତେ ପରାଣ,
ବକୁଳ ବନର ବନ୍ୟାର ଦାଉରୁ
ରଖିଲ ହେ ଗୋପପ୍ରୟାଣ।
ଦୂରରୁ ଦେଖିଲେ ଯେ କେହି ଚିହ୍ନିବ
ଦେଖି ତବ ମୁଖ ଚିକୁର,
ହସ ହସ ମୁଖେ ଧବଳ ବସନେ
ହୋଇଲ ପ୍ରତୀକ ଶାନ୍ତିର।
କାରାଗାରେ ତୁମେ କାଟିଥିଲ ଦିନ
ହୋଇଣ ସଭାରେ ମୁଖିଆ,
ନବୀନ ଯୁଗରେ ତରୁଣ ଶିଶୁଙ୍କୁ
ଦେଇଗଲ ନୂଆ ଶିକ୍ଷା।
ଭୁଲିନାହୁଁ ଆମେ ଆଜି ହେ ତୁମକୁ
ରଖିଛୁ ହୃଦୟେ ସାଇତି,
ରହିଥିବ ତୁମେ ଚିରଦିନ ପାଇଁ
ସତ୍ୟର ପ୍ରତୀକ ଯେମିତି।

# English Section

Literary creativity manifest itself requires a language out of thousand of languages, English is obviously perhaps the most widely***** communicative international language. Although English is the birth place of English but, it has spread and wide including our country. Having only 26 alphabets, the language English is capable of expressing so many thoughts, ideas and feeling the beautifully touching the****. Thus flows the stream of creativity of our young writers...

# FROM NATURE TO ENVIRONMENT



● **Dr Aditya Meher**
